

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୮ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 8 JANUARY 2024
Vol.No. 35 ■ No.8 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ଟିପ୍ପଣୀ କରିଥିବା ତିନି ମନ୍ତ୍ରୀ ନିଲମ୍ବିତ: ମାଳଦ୍ୱୀପ ସରକାରଙ୍କ ଆହ୍ୱାନ



ନୂଆଦିଲ୍ଲୀ, ୭/୧ : ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନେଇ ଆପତ୍ତିଜନକ ଟିପ୍ପଣୀ କରିଥିବା ମନ୍ତ୍ରୀଙ୍କ ବିରୋଧରେ ମାଳଦ୍ୱୀପ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ସୋସିଆଲ ମିଡିଆରେ ସେମାନଙ୍କ ପୋଷ୍ଟ ପାଇଁ ତାଙ୍କୁ ନିଲମ୍ବନ କରାଯାଇଛି । ମାଳଦ୍ୱୀପ ସରକାରଙ୍କ ପକ୍ଷରୁ ଏକ ବୟାନ ଜାରି କରି ଏହି ସୂଚନା ଦିଆଯାଇଛି । ସ୍ଥାନୀୟ ମିଡିଆ ଅନୁସାରେ ମନ୍ତ୍ରୀ ମରିୟମ ଶିଉନା, ମାଲଶା ଓ ହସନ ଜିହାନଙ୍କୁ ନିଲମ୍ବନ କରାଯାଇଛି। ଏହି ତିନି ମନ୍ତ୍ରୀ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ଆପତ୍ତିଜନକ ଟିପ୍ପଣୀ କରିଥିଲେ। ଏହା ପୂର୍ବରୁ ମାଳଦ୍ୱୀପ ସରକାର ଏହି ମନ୍ତ୍ରୀଙ୍କ ବୟାନକୁ ବ୍ୟକ୍ତିଗତ କହି ନିଜକୁ ଏଥିରୁ ଦୂରେଇ ନେଇଥିଲା । ମାଳଦ୍ୱୀପ ମନ୍ତ୍ରୀଙ୍କ ଟିପ୍ପଣୀ ପରେ ଭାରତରେ ଏହା ବିରୋଧରେ କଡ଼ା ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । ଏହାପରେ ଅନେକ ଭାରତୀୟ ନିଜର ମାଳଦ୍ୱୀପ ଗସ୍ତକୁ ରଦ୍ଦ କରିବା ଆରମ୍ଭ କରିଥିଲେ । ଏହାପରେ ତାର ସ୍କ୍ରିନସଟକୁ ସୋସିଆଲ୍ ମିଡିଆରେ ସେୟାର ମଧ କରିଥିଲେ । ବିବାଦ ଅଧିକ ବଢିବା ପରେ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ତିନି ମନ୍ତ୍ରୀଙ୍କ ନିଲମ୍ବିତ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ମାଳଦ୍ୱୀପର ନବନିର୍ବାଚିତ ମୁଇଜ୍ଜୁଙ୍କୁ ଚୀନ ନିକଟତର ନେତା ବୋଲି କୁହାଯାଏ । କିଛି ଦିନ ପରେ ସେ ପାଞ୍ଚ ଦିନିଆ ଚୀନ ଗସ୍ତ ମଧ କରିବେ । ଉଲ୍ଲେଖଯୋଗ୍ୟ ଯେ ପୂର୍ବେ ମାଳଦ୍ୱୀପରେ ନୂଆ ସରକାର ଗଠନ ପରେ ସେଠାକାର ରାଷ୍ଟ୍ରପତି ପ୍ରଥମେ ଭାରତ ଗସ୍ତ କରୁଥିଲେ କିନ୍ତୁ ମୁଇଜ୍ଜୁ ନୂଆଦିଲ୍ଲୀ ପରିବର୍ତ୍ତେ ବେଜିଂ ଗସ୍ତ କରୁଛନ୍ତି । ଉଲ୍ଲେଖଯୋଗ୍ୟ ଯେ ନିଜର ଭାରତ ବିରୋଧୀ ଟିପ୍ପଣୀ ପାଇଁ ଏହି ମନ୍ତ୍ରୀମାନେ ନିଜ ଦେଶରେ ହିଁ ବିରୋଧର ଶିକାର ହୋଇଥିଲେ । ମାଳଦ୍ୱୀପର ପୂର୍ବତନ ରାଷ୍ଟ୍ରପତି ନଶୀଦ ଏବଂ ଇବ୍ରାହିମ ସୋଲିହ ମଧ ଏହାକୁ କଡ଼ା ଶବ୍ଦରେ ନିନ୍ଦା କରିଥିଲେ । ଇବ୍ରାହିମ୍ ସୋଲିହ ଏକ୍ସରେ ପୋଷ୍ଟ କରି ଲେଖିଥିଲେ, 'ସୋସିଆଲ୍ ମିଡିଆରେ ମାଳଦ୍ୱୀପ ସରକାରଙ୍କ ଅଧିକାରୀଙ୍କ ଦ୍ୱାରା ଭାରତ ବିରୋଧରେ ଘୃଣାସ୍ପଦ ଭାଷାର ବ୍ୟବହାରକୁ ନିନ୍ଦା କରୁଛି । ଭାରତ ସବୁବେଳେ ମାଳଦ୍ୱୀପର ସବୁଠୁ ଭଲ ବନ୍ଧୁ ଏବଂ ଆମେ ଏହି କଠୋର ଟିପ୍ପଣୀକୁ ଆମ ଦୁଇ ଦେଶର ମଧ୍ୟର ପୁରୁଣା ବନ୍ଧୁତା ଉପରେ ନକାରାତ୍ମକ ପ୍ରଭାବ ପକାଇବାକୁ ଅନୁମତି ଦେବୁ ନାହିଁ' ।

## ଲକ୍ଷ୍ୟ ହାସଲ ନହେବା ଯାଏଁ ଗାଜାରେ ଚାଲିବ ଯୁଦ୍ଧ: ହମାସକୁ ମୂଳପୋଛ କରିବାକୁ ନେତାନ୍ୟାହୁ ପ୍ରତିଜ୍ଞାବଦ୍ଧ



ନୂଆଦିଲ୍ଲୀ, ୭/୧ : ୩ ମାସରେ ପହଞ୍ଚିଛି ଇସ୍ରାଏଲ-ହମାସ ଯୁଦ୍ଧ। ଏହାରି ଭିତରେ ଚିନ୍ତା ବଢାଇଛି ନେତାନ୍ୟାହୁଙ୍କ ବୟାନ। ଇସ୍ରାଏଲ୍ ସମସ୍ତ ଲକ୍ଷ୍ୟ ହାସଲ ନକରିବା ପର୍ଯ୍ୟନ୍ତ ଗାଜାରେ ଶେଷ ହେବନି ଯୁଦ୍ଧ। ନେତାନ୍ୟାହୁ କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ଇସ୍ରାଏଲର ବନ୍ଧକମାନଙ୍କୁ ଫେରାଇ ଆଣିବା ଏବଂ ହମାସକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା। ସେ ଏକ ବିବୃତ୍ତିରେ କହିଛନ୍ତି ଯେ ୩ ମାସ ପୂର୍ବେ ହମାସ ଆମ ବିରୋଧରେ ଭୟଙ୍କର ନରସଂହାର କରିଥିଲା। ଏହା ପରେ ମୋ ସରକାର ହମାସକୁ ହଟାଇବା, ଆମର ବନ୍ଧକମାନଙ୍କୁ ଫେରାଇ ଆଣିବା ଏବଂ ଗାଜା ଆଉ ଇସ୍ରାଏଲ ପାଇଁ ବିପଦ ସୃଷ୍ଟି କରିବ ନାହିଁ ବୋଲି ଆଇଡିଏଫ୍‌କୁ ଯୁଦ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଭଳି ପରିସ୍ଥିତିରେ ଆମେ ସମସ୍ତ ଲକ୍ଷ୍ୟ ହାସଲ ନକରିବା ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ହେବା ଉଚିତ୍ ନୁହେଁ। ଇସ୍ରାଏଲ୍ ପିଏମ୍ କହିଛନ୍ତି ଯେ ଆମେ ହମାସକୁ କୌଣସି ପରିସ୍ଥିତିରେ ସମୟ ଦେବୁ ନାହିଁ ଏବଂ ହମାସର ସମସ୍ତ ଚିହ୍ନ ଲିଭାଯିବା ପର୍ଯ୍ୟନ୍ତ ଆମେ ଯୁଦ୍ଧ କରିବୁ। ସେ ଆହୁରି ମଧ କହିଛନ୍ତି ଯେ ସମ୍ପୂର୍ଣ୍ଣ ବିଜୟ ପର୍ଯ୍ୟନ୍ତ ଆମେ ଏକଜୁଟ ହୋଇ ହମାସକୁ ସାମ୍ନା କରିବା ଆବଶ୍ୟକ। ଆମର ସୈନିକମାନେ ହମାସ ବିରୁଦ୍ଧରେ ସମ୍ପୂର୍ଣ୍ଣ ବିଜୟ ପାଇଁ ପ୍ରସ୍ତୁତ। ଅନ୍ୟପକ୍ଷରେ, ଗାଜାରେ ଥିବା ପାଲେଷ୍ଟାଇନ ସିଭିଲ ଡିଫେନ୍ସ ମୁଖପାତ୍ର କହିଛନ୍ତି ଯେ ବର୍ତ୍ତମାନ ୮୦୦୦ରୁ ଅଧିକ ପାଲେଷ୍ଟାଇନୀୟ ନିଖୋଜ ଅଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ଭୁଶୁଡ଼ି ପଡ଼ିଥିବା ଅଟ୍ଟାଳିକା ତଳେ ପୋତି ହୋଇଥିବାର ଜଣାପଡିଛି। ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଯୁଦ୍ଧ ଆରମ୍ଭ ହେବା ପରଠାରୁ ୯୬୦୦ ପିଲାଙ୍କ ସମେତ ଅତି କମରେ ୨୨,୭୨୨ ପାଲେଷ୍ଟାଇନୀୟଙ୍କର ମୃତ୍ୟୁ ହୋଇଛି।

## ହୀରାକୁଦରେ ଆରମ୍ଭ ହେଲା ପକ୍ଷୀ ଗଣନା

ଭୁବନେଶ୍ୱର, ୭ /୧ (ନି.ପ୍ର): ଆସନ୍ତାକାଲିଠାରୁ ହିରାକୁଦ ଡ୍ୟାମରେ ଆରମ୍ଭ ହେବ ପକ୍ଷୀ ଗଣନା। ସକାଳ ୬ଟା ରୁ ଅପରାହ୍ନ ୫ ଟା ଯାଏଁ ପକ୍ଷୀ ଗଣନା କରାଯିବ। ଏଥିପାଇଁ ଡ୍ୟାମର ୫ଶହ ବର୍ଗ କିଲୋମିଟର ଅଞ୍ଚଳକୁ ମୋଟ ୨୧ଟି ସେଣ୍ଟରରେ ବିଭକ୍ତ କରାଯାଇଛି। ୫୦୦ ବର୍ଗ କିଲୋମିଟର ମଧ୍ୟରେ ହେବ ଗଣନା ସକାଳ ୬ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ୩୨ଟି ଟିମ୍ ଗଣନା କରିବେ ୩୩ ଜଣ ପକ୍ଷୀ ବିଶେଷଜ୍ଞଙ୍କ ସହ ମୋଟ ୭୮ ଜଣ ଟିମ୍ ରେ ସାମିଲ ହେବେ। ମୋଟ ୩୨ଟି ଟିମ ସହିତ ସମ୍ବଲପୁର ସମେତ ବରଗଡ ଓ ଝାରସୁଗୁଡାର ବନ ବିଭାଗ ମଧ ଏହି ଗଣନା କାର୍ଯ୍ୟରେ ସାମିଲ ହେବ। ଏନେଇ ହିରାକୁଦ ବନ୍ୟପ୍ରାଣୀ ବନଖଣ୍ଡର ଡିଏଫଓ ସୂଚନା ଦେଇଛନ୍ତି।

## ମାଲକାନଗିରି ବିମାନବନ୍ଦରର ଟ୍ରାଏଲ ରନ୍ ସଫଳ




ମାଲକାନଗିରି , ୭/୧ (ନି.ପ୍ର): ମାଲକାନଗିରି ବିମାନବନ୍ଦରରେ ସଫଳ ହୋଇଛି ବିମାନ ଟ୍ରାଏଲ ରନ୍ । ରବିବାର ପ୍ରଥମ ଥର ପାଇଁ ପରୀକ୍ଷାମୂଳକ ଭାବେ ବିମାନ ଅବତରଣ କରିଛି । ମାଲକାନଗିରି ଏୟାରପୋର୍ଟରେ ଭି.ଟି ୧୦୦ ଫ୍ଲାଇଟ୍ ସଫଳତାର ସହ ଓହ୍ଲାଇଛି । ଅବତରଣ ପରେ ବିମାନର ପାଇଲଟ୍ ରନୱେ ସହିତ ସମଗ୍ର ବିମାନ ବନ୍ଦରର ଯାଞ୍ଚ କରିଥିଲେ । ବିମାନ ବନ୍ଦରର ପ୍ରସ୍ତୁତି ନେଇ ଖୁବ୍ ପ୍ରଂଶସା କରିଛନ୍ତି । ଆସନ୍ତା ୯ ତାରିଖରେ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧକ୍ଷ ଭି.କେ ପାଣ୍ଡିୟାନ ବିମାନରେ ପହଞ୍ଚି ଏହାକୁ ଲୋକାର୍ପଣ କରିବେ । ୧୦୬ ହେକ୍ଟର ଜମିରେ ନିର୍ମିତ ଏହି ବିମାନବନ୍ଦର । ଏହାର ରନୱେ ୧,୬୨୦ ମିଟର । ଆଜି ବିମାନର ଟ୍ରାଏଲ ରନ ବେଳେ ବିମାନକୁ ସ୍ୱାଗତ କରିଥିଲେ ପ୍ରଶାସନିକ ଅଧିକାରୀ । ବିମାନ ଅବତରଣ ପରେ ଦମକଳ ବାହିନୀ ରନୱେ ଉପରେ ପାଣି ମାରିଥିଲେ । ବିମାନବନ୍ଦର ଲୋକାର୍ପଣକୁ ନେଇ ଉତ୍ସାହିତ ଅଛନ୍ତି ମାଲକାନଗିରିବାସୀ ।

## ସ୍ପଷ୍ଟ ବା କ୍ୟାପିଟାଲ୍ ଅକ୍ଷରରେ ପ୍ରେସ୍କ୍ରିପ୍ସନ୍ ଲେଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ




ଭୁବନେଶ୍ୱର, ୭ /୧ (ନି.ପ୍ର): ଡାକ୍ତରଙ୍କ ହାତ ଲେଖା ପ୍ରେସ୍କ୍ରିପ୍ସନ୍‌କୁ ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ଦେଖାଯାଇଥାଏ। କାରଣ ସେମାନଙ୍କ ହାତ ଲେଖାକୁ କେହି ଠିକ୍‌ରେ ପଢ଼ି ପାରନ୍ତି ନାହିଁ। ଏହାକୁ ନେଇ ଆଜି ଉଦ୍‌ବେଗ ପ୍ରକାଶ କରିଛନ୍ତି ଓଡିଶା ହାଇକୋର୍ଟ। ପ୍ରେସ୍କ୍ରିପ୍ସନ୍ ଓ ଅନ୍ୟାନ୍ୟ ରିପୋର୍ଟ ଗୋଡ଼ିକୁ ସ୍ପଷ୍ଟଭାବେ ବା କେପିଟାଲ୍ ଅକ୍ଷରରେ(ସମସ୍ତେ ପଢ଼ି ପାରୁଥିଲା ପରି ଅକ୍ଷରରେ) ଲେଖିବାକୁ ରାଜ୍ୟରେ କାର୍ଯ୍ୟରତ ଡାକ୍ତରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସମସ୍ତ ମେଡିକାଲ ସେଣ୍ଟର, ଘରୋଇ କ୍ଲିନିକ, ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରିବାକୁ କୋର୍ଟ କହିଛନ୍ତି। ଔଷଧ ପରାମର୍ଶ ବା ଚିକିତ୍ସା-ଆଇନ୍ ସମ୍ବନ୍ଧୀୟ (ମେଡିକୋ-ଲିଗାଲ) ରିପୋର୍ଟ ଉପଯୁକ୍ତ ହସ୍ତାକ୍ଷରରେ ବା ଟାଇପ୍ ପଦ୍ଧତିରେ ଲେଖିବା ପାଇଁ ଏହି ନିର୍ଦ୍ଦେଶନାମା ଜାରି କରିବାକୁ ହାଇକୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ତେବେ ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରିନାହାନ୍ତି କୋର୍ଟ। ଦୀର୍ଘ ଦିନ ଧରି ଚାଲି ଆସୁଥିବା ଏହି ଅବ୍ୟବସ୍ଥାକୁ ନେଇ ଆଜି ହଠାତ୍ କାହିଁକି ଉଦ୍‌ବେଗ ପ୍ରକାଶ କଲେ କୋର୍ଟ ପ୍ରକୃତ ଘଟଣାଟି ଏମିତି। ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା କଣସର ଗାଁର ରସାନନ୍ଦ ଭୋଇଙ୍କ ପୁଅକୁ ସାପ କାମୁଡ଼ିଥିଲା। ଯେଉଁଥିପାଇଁ ତାଙ୍କର ମୃତ୍ୟୁ ଘଟିଥିଲା। ପୁଅର ମୃତ୍ୟୁ ପରେ ସେ କ୍ଷତିପୂରଣ ରାଶି ପାଇଁ ପ୍ରଶାସନ ପାଖରେ ଆବେଦନ କରିଥିଲେ। ହେଲେ ତାଙ୍କୁ କୌଣସି ସହାୟତା ମିଳିନଥିଲା। ପ୍ରଶାସନଠାରୁ ନିରାଶ ହୋଇ ରସାନନ୍ଦ ଭୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

▶▶ପୃଷ୍ଠା ୭

## ଆଜିଠାରୁ ଶ୍ରମିକ ମହାସଂଘର ଆନ୍ଦୋଳନ

### ପେଟ୍ରୋଲ ଓ ଡିଜେଲ ଲୋଡିଂ ବନ୍ଦ



ଭୁବନେଶ୍ୱର, ୭ /୧ (ନି.ପ୍ର): ଆସନ୍ତାକାଲିଠାରୁ ରାଜ୍ୟରେ ଧର୍ମଘଟକୁ ଓହ୍ଲାଇବ ଓଡ଼ିଶା ପରିବହନ ଶ୍ରମିକ ମହାସଂଘ। ତେଲ ଡିପୋରୁ ପେଟ୍ରୋଲ, ଡିଜେଲ ଲୋଡିଂ ବନ୍ଦ ରଖିବ ମହାସଂଘ। ଭାରତୀୟ ନ୍ୟାୟ ସଂହିତା ୨୦୨୩ରେ ଗାଡ଼ି ଚାଳକଙ୍କ ପାଇଁ ଥିବା ଦଣ୍ଡବିଧାନକୁ ବିରୋଧ କରି ଧର୍ମଘଟ ଡାକରା ଦେଇଛି ମହାସଂଘ। ଆଜି ସୂଚନା ଦେଇଛନ୍ତି ଓଡ଼ିଶା ପରିବହନ ଶ୍ରମିକ ମହାସଂଘ ସଭାପତି ଜନାର୍ଦ୍ଦନ ପତି। ସେପଟେ ଉତ୍କଳ ପେଟ୍ରୋଲିୟମ ଡିଲର ସଂଘ ସଭାପତି କହିଛନ୍ତି, ଯଦି ପୁଣି ଧର୍ମଘଟ ହୁଏ, ସୋମବାର ସନ୍ଧ୍ୟା ସୁଦ୍ଧା ପ୍ରାୟ ପେଟ୍ରୋଲ ପମ୍ପରେ ପୁଣି ତେଲ ଅଭାବ ଦେଖାଦେବ। ଆନ୍ଦୋଳନ ନେଇ ଓଡ଼ିଶା ପରିବହନ ଶ୍ରମିକ ମହାସଂଘ ସଭାପତି ଜନାର୍ଦ୍ଦନ ପତି କହିଛନ୍ତି, ହିଟ୍ ଆଣ୍ଡ ରନ୍ ମାମଲାରେ ଚାଳକଙ୍କୁ ୧୦ ବର୍ଷ ଜେଲ ଓ ୭ ଲକ୍ଷ ଟଙ୍କା ଜରିମାନା କରାଯିବ। ଏଇଟା ଶ୍ରମିକମାନଙ୍କ ବେକରେ ଫାଶୀ ଲଗାଇଲା ଭଳି ହୋଇଛି। ପୂର୍ବରୁ ଇଣ୍ଡିଆନ୍ ପେନାଲ୍ କୋଡର ୧୦୪ ନମ୍ବର ଧାରା (କ) ଅନୁସାରେ ହିଟ୍ ଆଣ୍ଡ ରନ୍ ମାମଲାରେ ଚାଳକଙ୍କୁ ୨ ବର୍ଷ ଜେଲ ଦଣ୍ଡ ଥିଲା। ହେଲେ ନରେନ୍ଦ୍ର ମୋଦିଙ୍କ ସରକାର ଆସିଲା ପରେ ଇଣ୍ଡିଆନ୍ ପେନାଲ୍ କୋଡକୁ ପରିବର୍ତ୍ତନ କରି ଭାରତୀୟ ନ୍ୟାୟ ସଂହିତା କରିଛନ୍ତି। ଯେଉଁଥିରେ ଚାଳକଙ୍କୁ ୧୦ ବର୍ଷ ଜେଲ ଓ ୭ ଲକ୍ଷ ଟଙ୍କା ଜରିମାନା କରାଯାଇଛି। କେନ୍ଦ୍ର ସରକାରଙ୍କ ଏପରି ନିଷ୍ପତ୍ତିକୁ ଓଡ଼ିଶା ପରିବହନ ଶ୍ରମିକ ମହାସଂଘ ପ୍ରତ୍ୟାଖ୍ୟାନ କରୁଛି।

▶▶ପୃଷ୍ଠା ୭

## ଓଡ଼ିଶା ଜଙ୍ଗଲରେ ବୁଲୁଛନ୍ତି କଳା ବାଘ ପରିବାର

ବାରିପଦା, ୭/୧ (ନି.ପ୍ର): ବାଘଙ୍କ ପରିବାରର ଭିଡିଓ ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ। ଓଡ଼ିଶା ଜଙ୍ଗଲରେ ବିରଳ ମେଲାନିଷ୍ଟ ବାଘଙ୍କ ପରିବାରର ଭିଡିଓ ଅତ୍ୟନ୍ତ ରୋଚକ। ଏକା ଥରକେ ଚାରିଟି ବାଘ ଗୋଟିଏ କ୍ୟାମେରା ଫ୍ରେମରେ କଏଦ ହୋଇଛନ୍ତି। ଏହି ଭିଡିଓଟି ପୋଷ୍ଟ କରି ଏଭଳି ଦୃଶ୍ୟ ବିରଳରୁ ଅତିବିରଳ ବୋଲି ଲେଖିଛନ୍ତି ବନ୍ୟପ୍ରାଣୀ ପିସିସିଏଫ।

## ଟିଏମ୍‌ସି ନେତାଙ୍କୁ ଦିନ ଦ୍ୱିପହରେ ଗୁଳି କରି ହତ୍ୟା



କୋଲକାତା, ୭/୧ : ବିଚ୍ ରାସ୍ତାରେ ତୃଣମୂଳ କଂଗ୍ରେସ ନେତାଙ୍କୁ ଗୁଳି କରି ହତ୍ୟା। ପଶ୍ଚିମବଙ୍ଗର ମୁର୍ସିଦାବାଦ ଜିଲ୍ଲା ବହରାମପୁରରେ ରବିବାର ଦିନ ଦ୍ୱିପହରେ ଏହି ଗୁଳିକାଣ୍ଡ ଘଟିଛି। ଏହାକୁ ନେଇ ଚାରିଆଡେ ହଇଚଇ ସୃଷ୍ଟି ହୋଇଯାଇଛି। ଲୋକସଭା ନିର୍ବାଚନ ପୂର୍ବରୁ ଜଣେ ସକ୍ରିୟ ଟିଏମ୍‌ସି ନେତା ସତ୍ୟେନ ଚୌଧୁରୀଙ୍କୁ କିଛି ଦୁର୍ବୃତ୍ତ ବାଇକରେ ଆସି ପଏଣ୍ଟ ବ୍ଲାଙ୍କରେ ଗୁଳିମାଡ଼ କରିଛନ୍ତି। ଗୁଳିମାଡ଼ ପରେ ତୁରନ୍ତ ଟିଏମ୍‌ସି ନେତାଙ୍କୁ ଗୁରୁତର ଅବସ୍ଥାରେ ବହରାମପୁର ମୁର୍ସିଦାବାଦ ମେଡିକାଲକୁ ନିଆଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ରବିବାର ଅପରାହ୍ନରେ ଭାକୁଣ୍ଡି ଚାଲଟିଆ ଅଞ୍ଚଳରେ ଥିବା ଏକ ଘରେ ସତ୍ୟେନ କିଛି ଅନୁଗାମୀଙ୍କ ସହ ବସିଥିଲେ। ଏହି ଘର ନିକଟରେ ଏକ ଫ୍ଲାଟ ତିଆରି ହେଉଥିଲା। ଏତିକି ବେଳେ ଏକ ବାଇକରେ ତିନି ଜଣ ଯୁବକ ଆସି ସତ୍ୟେନଙ୍କୁ ଅତି ନିକଟରୁ ଗୁଳି କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଖବର ମିଳିବା ପରେ ତୁରନ୍ତ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହାପରେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମାମଲା ରୁଜୁ କରି ପୂରା ଘଟଣାର ତଦନ୍ତ ଆରମ୍ଭ କରିଛି। ତାଙ୍କୁ କିଏ ଓ କାହିଁକି ହତ୍ୟା କଲା ସେ ନେଇ ପୁଲିସ ଛାନଭିନ୍ ଜାରି ରଖିଛି। ଲୋକସଭା ନିର୍ବାଚନ ପୂର୍ବରୁ ଏହି ଗୁଳିମାଡ ଘଟଣାକୁ ନେଇ ଲୋକେ ଭୟଭୀତ ହୋଇପଡିଛନ୍ତି। ସୂଚନା ମୁତାବକ, ପୂର୍ବରୁ ସତ୍ୟେନ ଚୌଧୁରୀ କଂଗ୍ରେସ ସାଂସଦ ଅଧୀର ରଞ୍ଜନ ଚୌଧୁରୀଙ୍କ ଘନିଷ୍ଠ ଥିଲେ। କିନ୍ତୁ ପରେ ସେ ଟିଏମ୍‌ସିରେ ଯୋଗ ଦେଇଥିଲେ।

## ଓଡ଼ିଶାରେ ଚାଲିଛି ବ୍ୟୁରୋକ୍ରାଟ୍ ସରକାର: କଂଗ୍ରେସ ପ୍ରଭାରୀ ଅଜୟ କୁମାର




ଭୁବନେଶ୍ୱର, ୭ /୧ (ନି.ପ୍ର): ରାଜ୍ୟରେ ବ୍ୟୁରୋକ୍ରାଟ୍ ସରକାର ଚାଲିଛି। ଓଡ଼ିଶା ଆଇଏଏସ ଓ ଆଇପିଏସ ଅଧିକାରୀ ଚଳାଉଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ଏପରି ମନ୍ତବ୍ୟ ଦେଇ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି ନୂଆ କଂଗ୍ରେସ ପ୍ରଭାରୀ କରିଛନ୍ତି ଅଜୟ କୁମାର। ସେ କହିଛନ୍ତି, ନେତାଙ୍କ ଅଧୀନରେ ଆଇଏଏସ୍ , ଆଇପିଏସ୍ କାମ କରିବା ଉଚିତ୍। ହେଲେ ଏଠାରେ ଆଇଏଏସ୍ ଓ ଆଇପିଏସ୍ ସରକାର ଚଳାଉଛନ୍ତି। ଏଠାରେ ମନ୍ତ୍ରୀ, ବିଧାୟକଙ୍କର କୌଣସି ସମ୍ମାନ ନାହିଁ। ସବୁଆଡ଼େ ଇଡି, ସିବିଆଇ ରେଡ୍ କରୁଛି ହେଲେ ଓଡ଼ିଶାରେ କାହିଁକି କରୁନି ? ସେ ଆହୁରି କହିଛନ୍ତି, ଓଡ଼ିଶାରେ ବିଜେପି-ବିଜେଡି ଦୁଇ ଭାଇ। ବିଜେପିକୁ ୧୫ ସିଟ୍ ଦେବାକୁ ବୁଝାମଣା ହୋଇଛି। ବାକି ୬ ସିଟ୍ ପାଇଁ ବିଜେଡି- ବିଜେପି ମଧ୍ୟରେ କଥାବାର୍ତ୍ତା ଚାଲିଛି। ଏହା ଏକମାତ୍ର ରାଜ୍ୟ ଯେଉଁଠି ବାହାର ଲୋକଙ୍କ ଦବଦବା ଭାରି। ଠିକାଦାରୀ ବାହାର ଲୋକଙ୍କୁ ଦିଆଯାଉଛି, ଏଠି କଣ ଠିକାଦାର ନାହାନ୍ତି ? ଦୁର୍ନୀତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦାୟୀ କରିଛନ୍ତି ଅଜୟ କୁମାର। ଏଥିସହ ସେ କହିଛନ୍ତି, ରାହୁଲ ଗାନ୍ଧି ଆସୁଛନ୍ତି, ପୂରା ରାଜ୍ୟ ବୁଲି ଲୋକଙ୍କ ପାଖକୁ ଯିବୁ। ଆସନ୍ତା ୨୪ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରୁଛି କଂଗ୍ରେସ। ନବ ନିଯୁକ୍ତ ପ୍ରଭାରୀ ଅଜୟ କୁମାର ଏହାର ନେତୃତ୍ୱ ନେଉଛନ୍ତି ଅନ୍ୟପକ୍ଷରେ ଅଜୟ କୁମାରଙ୍କ ଅଭିଯୋଗ ନେଇ ବିଜେପି ପ୍ରତିକ୍ରିୟା ରଖିଥିବା ବେଳେ ବିଜେଡିର ପ୍ରତିକ୍ରିୟା ମିଳିପାରିନି। ବିଜେପି ଉପସଭାପତି ବିରଞ୍ଚି ତ୍ରିପାଠୀ କହିଛନ୍ତି, କଂଗ୍ରେସର ସାଂସଦ ଧୀରଜ ସାହୁ ବିଜୁ ଜନତା ଦଳ ସହଯୋଗରେ ଓଡ଼ିଶାରେ ତିନିଶହ ୫୦ କୋଟି ଟଙ୍କା ମଦ ବେପାର କରି ଓଡ଼ିଶାରେ ଗଚ୍ଛିତ କରି ରଖିଥିଲେ। ଏଥିରୁ ଜଣାପଡୁଛି କାହା ମଧ୍ୟରେ ଭଲ ସଂପର୍କ ରହିଛି ? କଂଗ୍ରେସ ଓ ଦୁର୍ନୀତି ହେଉଛନ୍ତି ଦୁଇ ଭାଇ । ପ୍ରଥମେ କଂଗ୍ରେସ ଦୁର୍ନୀତି ବନ୍ଦ କରୁ, ତାହା ପରେ ନିଜର ମନ୍ତବ୍ୟ ଦେବ।

# ରାଜ୍ୟସ୍ତରୀୟ ଏକ ବିଂଶ କେନ୍ଦ୍ରାପଡ଼ା ପୁସ୍ତକ ମେଳା ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୭/୧ (ନି.ପ୍ର): ରାଜ୍ୟ ସ୍ତରୀୟ ଏକ ବିଂଶ କେନ୍ଦ୍ରାପଡା ପୁସ୍ତକ ମେଳା-୨୦୨୪ ଶନିବାର ସଂନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ବିଶିଷ୍ଟ ସାହିତ୍ୟିକ ତଥା ପ୍ରାକ୍ତନ ରାଜ୍ୟ ନିର୍ବାଚନ କମିଶନର ଡ଼ଃ ସଂଜୀବ ଚନ୍ଦ୍ର ହୋତା ଉଦ୍‌ଘାଟକ ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ୮ ଦିନିଆ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ । ନିଜ ବକ୍ତବ୍ୟରେ ଶ୍ରୀ ହୋତା କହିଥିଲେ ଯେ, ପ୍ରକୃତିର ଅମୂଲ୍ୟ ଦାନର ଗୁରୁତ୍ୱ ଓ ଆବଶ୍ୟକତା କୁ ବୁଝି ନପାରି ଆମେ ଅବାରିତ ଭାବେ ଏହାକୁ ପ୍ରଦୂଷିତ ଓ ବ୍ୟବହାର ଅନୁପଯୋଗୀ କରି ଚାଲିଛୁ । ଆମର ଏହି ଅକ୍ଷମଣୀୟ କାର୍ଯ୍ୟକୁ ନସୁଧାରିଲେ ଭବିଷ୍ୟତ ବଂଶଧର ମାନଙ୍କ ପାଇଁ ଆମେ ଏକ ଭୟଙ୍କର ବିପଦ ଛିଡା କରିଦେବୁ । କେନ୍ଦ୍ରାପଡା ର ପୃଥିବୀ ବିଖ୍ୟାତ ଅଭୟାରଣ୍ୟ ଭିତରକନିକା ର ଜୈବ ବିବିଧତାକୁ ସୁରକ୍ଷିତ ରଖି ପରିବେଶଗତ ସନ୍ତୁଳନକୁ ଆମେମାନେ ବଜାୟ ରଖିବାକୁ ପଡିବ । ଏନେଇ ସାହିତ୍ୟିକ ଓ କବିମାନେ ନିଷ୍ପାପର ଭାବେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ । ଏହା ସହ ପୁସ୍ତକ ଭଳି ଅତି ଉପକାରୀ ପ୍ରକୃତ ବନ୍ଧୁର ବିକଳ୍ପ ଅନ୍ୟକିଛି ନାହିଁ ବୋଲି ବକ୍ତବ୍ୟ ରଖିଥିଲେ । କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର(କେମ୍) ର ସଭାପତି ଇଂ ଅକ୍ଷୟ କୁମାର ପାଣିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱ ବିଦ୍ୟାଳୟର କୂଳପତି ଡ଼ଃ ତପନ କୁମାର ପଣ୍ଡା ମୁଖ୍ୟ ଅତିଥି, ବିଶିଷ୍ଟ ପରିବେଶ ବିଜ୍ଞାନୀ ଓ ଲେଖକ ଡ଼ଃ ଜୟକୃଷ୍ଣ ପାଣିଗ୍ରାହୀ ମୁଖ୍ୟବକ୍ତା, ବିଶିଷ୍ଟ ବୈଜ୍ଞାନିକ ଓ କୁମ୍ଭୀର ବିଶେଷଜ୍ଞ ଡ଼ଃ ସୁଧାକର କର ବିଶିଷ୍ଟ ଅତିଥି ଓ ପରିବେଶବିତ୍ ତଥା ପକ୍ଷୀ ବିଶାରଦ ପ୍ରମୋଦ ଧଳ ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଏ ଅବସରରେ କେମର ମୁଖପତ୍ର କେନ୍ଦ୍ରାପଡା ପରିକ୍ରମା ର ଭିତରକନିକା ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା । କବି ନବଜ୍ୟୋତି ରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂପାଦକ ମହମ୍ମଦ ଜାହିଦ ଖାନ ସଂପାଦକୀୟ ବିବରଣୀ ପାଠ କରିଥିଲେ । ଗୋକୁଳଚନ୍ଦ୍ର ସଂଗୀତ ସଦନର ଶିଳ୍ପୀଙ୍କ ଦ୍ୱାରା ସାଂସ୍କୃତିକ ବିଚତ୍ରା ପରିବେଷଣ ହୋଇଥିଲା । ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ କେମର ମୁଖ୍ୟ ଉପଦେଷ୍ଟା ଡ଼ଃ ବିରଜା ରାଉତରାୟ, କବି ନିରାକାର ଦାସଙ୍କ ସମେତ ସହରର ବହୁ ବୁଦ୍ଧିଜୀବି, ଲେଖକ, ସାହିତ୍ୟିକ, ଅଧାପକ ଓ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।

# ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୭/୧ (ନି.ପ୍ର): ୭୫ତମ ସାଧାରଣତନ୍ତ୍ର ଦିବସରେ ରାଜ୍ୟପାଳ ରଘୁବର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ରାଷ୍ଟ୍ରୀୟ ସମାରୋହରେ ଉପସ୍ଥିତ ରହିବେ। ଶନିବାର ପୂର୍ବାହ୍ନରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସାଧାରଣତନ୍ତ୍ର ଦିବସ-୨୦୨୪ ପାଳନର ରୂପରେଖ ସଂପର୍କରେ ଏକ ପ୍ରସ୍ତୁତି ବୈଠକ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଟି ଭାରତୀୟଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଏହି ମହାନ ଦିବସ ସହ ସମସ୍ତଙ୍କ ଭାବାବେଗ ଜଡ଼ିତ ହୋଇଥିବାରୁ ଉତ୍ସବ ଆୟୋଜନ ସମୟରେ ସମସ୍ତ ବିଷୟକୁ ଟିକିନିଖି ଭାବେ ଗୁରୁତ୍ୱ ଦେବାକୁ ପ୍ରମୁଖ ଶାସନ ସଚିବ ବୈଠକରେ ଗୁରୁତ୍ୱ ଦେଇଥିଲେ । ଚଳିତ ବର୍ଷ ଗାନ୍ଧୀ ମାର୍ଗଠାରେ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳନ କରାଯିବ। ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ପ୍ୟାରେଡ୍ ଓ ପତାକା ଉତୋଳନ ସ୍ଥାନଠାରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯିବ। ପ୍ରଭାତରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ ପରିବେଷଣ, ସାଧାରଣତନ୍ତ୍ର ଦିବସ ସଂପର୍କିତ ଟିଭି ଓ ସାମାଜିକ ଗଣମାଧମ ଯୋଗେ ସିଧାପ୍ରସାରଣ, ଗଣମାଧମକୁ ସୂଚନା ପ୍ରଦାନ, ଉତ୍ସବସ୍ଥଳର ସାଜସଜ୍ଜା, ନିମନ୍ତ୍ରିତ ଅତିଥି ଏବଂ ବିଶିଷ୍ଟ ଅତିଥିମାନଙ୍କ ଉପବେଶନ ବ୍ୟବସ୍ଥା ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ସ୍କୁଲ ଛାତ୍ରଛାତ୍ରୀଙ୍କ ନିମନ୍ତେ ଦର୍ଶକ ଗ୍ୟାଲେରୀରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ରାଜଭବନରୁ ଉତ୍ସବସ୍ଥଳ ପର୍ଯ୍ୟନ୍ତ ରାସ୍ତାକୁ ତ୍ରିରଙ୍ଗା ଦ୍ୱାରା ସାଜସଜ୍ଜା ଏବଂ ଉତ୍ସବସ୍ଥଳକୁ ଆକର୍ଷଣୀୟ ସାଜସଜ୍ଜା କରିବା ପାଇଁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂ ପରାମର୍ଶ ଦେଇଥିଲେ। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଉତ୍ସବ ସ୍ଥଳର ସାନିଟାଇଜେସନ୍ ଓ ପିଇବା ପାଣି ବ୍ୟବସ୍ଥା କରାଯିବ । ସେହିପରି ସୁରକ୍ଷା ବ୍ୟବସ୍ଥା ତଥା ଟ୍ରାଫିକ୍ ନିୟନ୍ତ୍ରଣକୁ କମିଶନରେଟ୍ ପୋଲିସ ପକ୍ଷରୁ ପରିଚାଳନା କରାଯିବ । ପୂର୍ବବର୍ଷ ପରି କୋଲକାତାଠାରେ ବିଭାଗ ପକ୍ଷରୁ ଉତ୍ସବ ପାଳନ କରାଯିବ।

# ଜିଲ୍ଲାସ୍ତରୀୟ କନିଷ୍ଠ ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପିତ

ନୂଆପଡ଼ା, ୭/୧ (ନି.ପ୍ର): ଖଡ଼ିଆଲ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ୧୧ତମ ଜିଲ୍ଲା ସ୍ତରୀୟ କନିଷ୍ଠ ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦଯାପିତ ହୋଇଯାଇଛି । ଅନୁଷ୍ଠିତ ଉଦଯାପନୀ ସମାରୋହରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ସାଙ୍ଗଠନିକ ସଂପାଦିକା ଗୀତାରାଣୀ ଯୋଷୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଲ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ, ସମ୍ମାନିତ ଅତିଥି ଭାବରେ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ , ବରିଷ୍ଠ ସାମ୍ବାଦିକ ପରମେଶ୍ୱର ବାରିକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ନୂଆପଡ଼ା ଜିଲ୍ଲା ଜୁନିୟର ରେଡକ୍ରସ ସଂପାଦକ ମହେଶ କୁମାର ଦଣ୍ଡସେନା , ନୂଆପଡ଼ା ଜିଲ୍ଲା କ୍ରୀଡ଼ା ଶିକ୍ଷକ ସଂଘ ସଭାପତି ରାଜକପୁର ବାରିକ ଓ ଜେ.ଆର୍.ସି.ଓ ଜୟଦେବ ବେହେରା ପ୍ରମୁଖ ମଂଚାସୀନ ଥିଲେ। ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ କୁମାର ସାହୁ ମଂଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରହାସିନୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷକ ରତନ ସିଂ ବାରିକ, ପ୍ରଶାନ୍ତ କୁମାର ପ୍ରଧାନୀ , ଦିଲ୍ଲୀପ ନାଏକ ଓ ଦେବାଶିଷ ଯୋଷୀ ପରିଚାଳନା କରିଥିବା ବେଳେ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଆରତି କୁଣ୍ଡୁ , ସ୍ୱାତୀ ସ୍ୱାଗତିକା ବୁଡେକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସୁବାସ ଯୋଷୀ, ଗଙ୍ଗାରାମ ମେହେର, ମହତାବ ଆଡଜୁଏଡ଼୍, ମୋହନ ମହନ୍ତ, କ୍ଷମାସାଗର ସାହୁ, ଗୌତମ ବାଗ, ଅନୀଳ ସା, ନୀଳେନ୍ଦ୍ରି ସିଂ, ନିରୂପମା ପାଣିଗ୍ରାହୀ , ସଂଯୁକ୍ତା ସୂପକାର, ପ୍ରଣବ ପାତ୍ର, ପ୍ରମିଳା ପଟ୍ଟନାୟକ , ରୁଦ୍ରାକ୍ଷ ବିଶି , ସୁନୀତା ରଥ ପ୍ରମୁଖ ସହଯୋଗ କରିଥିଲେ ।

## ସାନ୍ଧ୍ୟ ମହା ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୭/୧ (ନି.ପ୍ର): କେନ୍ଦ୍ରାପଡା ସାଂନ୍ଧ୍ୟ ମହା ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ପୌରାଧକ୍ଷା ଶ୍ରୀମତୀ ସରିତା ସାହୁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡେରାବିଶ ବ୍ଲକ ଅଧକ୍ଷା ପ୍ରଭାତୀ ମଲିକ, ପୂର୍ବତନ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ, ବିଡିଓ ଦାଶରଥୀ ଜେନା, ନୋଡାଲ ଅଧିକାରୀ ପ୍ରଫେସର ପ୍ରମୋଦ କୁମାର ବେହେରା, କଲେଜ ଅଧକ୍ଷା ଆଦ୍ୟାଶ୍ରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଦୀର୍ଘ ଏକ ମାସ ଧରି ଚାଲିଥିବା ବିଭିନ୍ନ କ୍ରୀଡାରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ପୁରସ୍କୃତ କରିଥିଲେ । ଏଥି ସହିତ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ନୋଡାଲ ଅଫିସର ଶିଶିରକାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ରୀଡା ଉପ ସଭାପତି ରୁକ୍ମଣୀ ସାହୁ, ଡ଼ଃ ମନୋରଂଜନ ରାଉତ ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। କଲେଜ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଥିଲା । ସଭା ଶେଷରେ ଅଧାପକ ମୃତ୍ୟୁଞ୍ଜୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେପି କୃଷକ ମୋର୍ଚ୍ଚାର ପଶ୍ଚିମ ଓଡ଼ିଶା କାର୍ଯ୍ୟକର୍ତ୍ତା ବୈଠକ

ସମ୍ବଲପୁର, ୭/୧ (ନି.ପ୍ର): ବିଜେପି କୃଷକ ମୋର୍ଚ୍ଚା ପଶ୍ଚିମ ଓଡିଶା ର ୧୨ ଟି ଜିଲ୍ଲାର କାର୍ଯ୍ୟକର୍ତା ମାନଙ୍କର ଗୁରୁତ୍ୱପୂର୍ଣ୍ଣ ବୈଠକ ସମ୍ବଲପୁର ସହରସ୍ଥ ଓଡିଶା ସାସଂସ୍କୃତିକ ସମାଜ ଭବନ ଠାରେ ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଜେପି ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ। ଅଭାବୀ ଧାନ ବିକ୍ରି ପ୍ରତିବାଦରେ ଆସନ୍ତା ଜାନୁଆରୀ ୧୨ ତାରିଖ ଦିନ ସମସ୍ତ ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଓଡିଶା ରାଜ୍ୟପାଳଙ୍କ ଉଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯିବା ପାଇଁ ବୈଠକରେ ନିଷ୍ପତି ନିଆଗଲା । ଚାଷୀ ବିରୋଧୀ ନବୀନ ପଟ୍ଟନାୟକ ସରକାର ବିରୋଧରେ ବ୍ୟାପକ ଚାଷୀ ସମ୍ପର୍କ ଯାତ୍ରା ଓ କୃଷକ ପଂଚାୟତ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଗଲା । ଭାରତ ବର୍ଷର ଯଶସ୍ୱୀ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଙ୍କ ୯ ବର୍ଷ ଶାସନ କାଳରେ କୃଷକ କଲ୍ୟାଣକାରୀ ଯୋଜନା ଉପରେ ଗ୍ରାମକୁ ଚାଲ ଅଭିଯାନ କରାଯାଇ ଜନ ସଚେତନତା କାର୍ଯ୍ୟକ୍ରମ କରାଯିବ । ଏହି ବୈଠକରେ କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଚନ୍ଦ୍ରଶେଖର ପଣ୍ଡା, ସୂର୍ଯ୍ୟ ନାରାୟଣ ମହାପାତ୍ର, ରାଜ୍ୟ ସଂପାଦକ ବିକ୍ରମ କେଶରୀ ରାଉତରାୟ, ମନୋଜ କୁମାର ସାହୁ ଓ ମହେନ୍ଦ୍ର କୁମାର ଠାକୁର, ଜିଲ୍ଲା ସଭାପତି ସମୀର ରଞ୍ଜନ ବାବୁ, କେଶରୀ ଦୁର୍ଗା, ଗୋବର୍ଦ୍ଧନ ସାହୁ, ମାଧବ ସଏ, ଶିବରାଜ ବେହେରା, ରବିନ୍ଦ୍ର କୁମାର ଦେଓ, ଯଶୋବନ୍ତ ସେଠ, ରବିନ୍ଦ୍ର କୁମାର ପଟେଲ, ରୁଗୁଂଟୁ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ନାୟକ, ଜନାର୍ଦ୍ଦନ ପଣ୍ଡା, ରାଜା ପ୍ରସାଦ ସାହୁ, ଦେବେ ଦେବେ ସିଂହ ଦେଓ, ରତିଲାଲ ପ୍ରଧାନ, ରାଜ କିଶୋର ମେଣ୍ଡେଲୀ, ଅଶୋକ କୁମାର ପୃଷ୍ଟି, ପ୍ରଦୀପ କୁମାର ସ୍ୱାଇଁ, ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଯୋଗ ଦେଇଥିଲେ ।

## ଗାଡ଼ି ଚାଳକ ମାନଙ୍କ ଲାଗି ଚକ୍ଷୁ ପରୀକ୍ଷା ଶିବିର

କୋରେଇ, ୭/୧ (ନି.ପ୍ର): ଦୃଷ୍ଟି ଶକ୍ତି ଜନିତ ଦୁର୍ଘଟଣାକୁ ଏଡ଼ାଇବା ଲାଗି, ଯାଜପୁର ଆଂଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ପରିବହନ ଅଧିକାରୀ ନିଳକଣ୍ଠ ପ୍ରଧାନଙ୍କ ତତ୍ତ୍ୱାବଧାନରେ ତଥା ଜିଲ୍ଲା ଚିକିତ୍ସା ବିଭାଗ ସହଯୋଗରେ ପାଣିକୋଇଲିସ୍ଥିତ ମା ତାରିଣୀ ଟ୍ୟାକ୍ସି ଷ୍ଟାଣ୍ଡ ପରିସରରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିରର ଆୟୋଜିତ ହୋଇଥିଲା। ଉକ୍ତ ଶିବିରରେ ପାଣିକୋଇଲିର ମା ତାରିଣୀ ଟ୍ୟାକ୍ସି ଷ୍ଟାଣ୍ଡ ସମେତ ପିକଅପ ଆସୋସିଏସନ,ଓ ଟ୍ରେକର ଆସୋସିଏସନର ୯୬ ଜଣ ଚାଳକ ମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଉକ୍ତ ଶିବିରକୁ ଯାଜପୁର ପରିବହନ କାର୍ଯ୍ୟାଳୟର ଜୁନିୟର ଏମଭିଆଇ ପ୍ରଦୀପ୍ତ କୁମାର ବେହେରା, କର୍ମଚାରୀ ପରମେଶ୍ୱର ଦାସ, ସର୍ବେଶ୍ୱର ସାହୁ, ରାଜପଥ ପେଟ୍ରୋଲିଂ ଅଧିକାରୀ ଅଶୋକ ବଳ, ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ ସମେତ ଟ୍ୟାକ୍ସି ଷ୍ଟାଣ୍ଡର କର୍ମକର୍ତା ଦିପ୍ତି ରଂଜନ ପରିଡ଼ା, ନିରଂଜନ ନାୟକ, ଦୀପକ କୁମାର ସାହୁ, ଶଙ୍କର୍ଷଣ ନାୟକ, ଅଧିର ସାମଲ, ସୁରେଶ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ ମତେ କୋରାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚକ୍ଷୁ ବିଭାଗର ଡ଼ାକ୍ତର ଦେବାଶିଷ ରାଉତ ଚାଳକ ମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ।

# ୧୯ତମ ଧର୍ମଶାଳା ମହୋତ୍ସବ ଉଦ୍‌ଯାପିତ

ଧର୍ମଶାଳା, ୭/୧ (ନି.ପ୍ର): ଯାଜପୁର ଜିଲାର ବହୁ ପ୍ରସିଦ୍ଧ ୧୯ତମ ଧର୍ମଶାଳା ମହୋତ୍ସବ ଉଦଯାପିତ ହୋଇଯାଇଛି । ମହୋତ୍ସବ ପୂଜା କମିଟିର ସଭାପତି ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଏହି ମହୋତ୍ସବକୁ ପ୍ରଶଂସା କରିବା ସହ ବାଲିଯାତ୍ରା ସହ ତୁଳନା କରିଥିଲେ । ମହୋତ୍ସବ ମନୁଷ୍ୟ ମନକୁ ଶାନ୍ତି ଦେଇଥାଏ । ଏଭଳି ମହୋତ୍ସବର ଦୀର୍ଘାୟୁ କାମନା କରିଥିଲେ । ମୁଖ୍ୟବକ୍ତା ଭାବେ ଧର୍ମଶାଳା ବିଧାୟକ ତଥା ରାଜ୍ୟ ବିଜେଡିର ସାଧାରଣ ସମ୍ପାଦକ(ଯୁବବ୍ୟାପାର) ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ହାତଗଣତି ବ୍ୟବସାୟୀଙ୍କୁ ନେଇ ଏହି ମହୋତ୍ସବ ଆରମ୍ଭ ହୋଇ ଆଜି ବିରାଟ ଦୃମରେ ପରିଣତ ହୋଇଛି । ଆଗକୁ ଏହି ମହୋତ୍ସବ ବଢିବାକୁ ହେଲେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ । ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଏହି ମହୋତ୍ସବ ଏବେ ଗଣପର୍ବରେ ପରିଣତ ହୋଇଛି । ଏହି ମହୋତ୍ସବ ଧର୍ମଶାଳା ବିକାଶକୁ ଦ୍ୱିଗୁଣିତ କରିଛି ବୋଲି ତାଙ୍କ ବକ୍ତବ୍ୟରେ ମତପ୍ରକାଶ କରିଥିଲେ । କୋଷାଧକ୍ଷ ସୁଦୀପ୍ତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ ଦେଇଥିବା ବେଳେ କମିଟିର ଉପସଭାପତି ଇନ୍ଦ୍ରମଣୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ପାଦକ ସତ୍ୟପ୍ରୀୟ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଶାରଳା ପୁରସ୍କାର ପ୍ରାପ୍ତ ସ୍ତମ୍ଭକାର ଭୀମ ପୃଷ୍ଟି, ସଫଳ କୃଷକ ଅମୂଲ୍ୟ କୁମାର ରାଉତ, ସାମ୍ବାଦିକ ଗୁଲାମ ଗସ୍ ଓ ସୀତାକାନ୍ତ ସାମଲଙ୍କୁ ଅନୁଷ୍ଠାନ ପକ୍ଷରୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । କୃତି ପ୍ରତିଯୋଗିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ଶେଷରେ ସଭ୍ୟ କ୍ଷୀରୋଦ ମୁଦୁଲୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମନ୍ମଥନାଥ ଉଚ୍ଚ ବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀଙ୍କ ଅଭିନବ ସଡ଼କ ସୁରକ୍ଷା ସଚେତନତା ଅଭିଯାନ

ପଟ୍ଟାମୁଣ୍ଡାଇ, ୭/୧ (ନି.ପ୍ର): ମନ୍ମଥନାଥ ଉଚ୍ଚ ବିଦ୍ୟାଳୟ, ପଟ୍ଟାମୁଣ୍ଡାଇ ଏକ ସର୍ବ ପୁରାତନ ଓ ଖ୍ୟାତି ସମ୍ପର୍ଣ୍ଣ ବିଦ୍ୟାଳୟ । ଏହି ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ଗଗନ ବିହାରୀ ସୁତାରଙ୍କ ମାର୍ଗ ଦର୍ଶନ ରେ ଏକ ଅଭିନବ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ ଓ ଗାଇଡ଼ ଓ ସମସ୍ତ ପିଲାମାନେ ଏକ ସଚେତନତା ଶୋଭାଯାତ୍ରା କରିଥିଲେ। ପଟ୍ଟାମୁଣ୍ଡାଇ ବାଇପାସ ପାଖରେ ଏକ ସଭାର ଆୟୋଜନ ହୋଇଥିଲା। ଏହି ସଭାରେ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ର ସଭାପତି ଶ୍ରୀ ଗୋପିବଲଭ ନାୟକ ଓ ସମ୍ପାଦକ ଶ୍ରୀ ଗୋପୀନାଥ ତ୍ରିପାଠୀ ସଂମାନିତ ଅତିଥି ରୂପେ ଯୋଗ ଦେଇ ସଡ଼କ ସୁରକ୍ଷା ଉପରେ ନିଜର ମତାମତ ରଖିଥିଲେ। ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ଦାସ।ତାପସ ବେହେରା। ଶିକ୍ଷୟତ୍ରୀ ସ୍ୱର୍ଣମୟୀ ନାୟକ, ସସ୍ମିତା ସିଂହ, ଅନିତା ଧଳ ପ୍ରଭୃତି କାର୍ଯ୍ୟକ୍ରମ ରେ ସଡକ ସୁରକ୍ଷା ଉପରେ ନିଜର ମତାମତ ରଖି ଥିଲେ। ଖେଳ ଶିକ୍ଷକ ଶଶାଙ୍କ ଶେଖର ସାହୁ ଶୃଙ୍ଖଳା ଦାଇତ୍ୱ ରେ ଥିଲେ ଓ ଏନ ସି ସି ଅଫିସର ସରୋଜ କୁମାର ସ୍ୱାଇଁ ସମ୍ପୂର୍ଣ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ହେଲମେଟ ଓ ସିଟ ବେଲ୍ଟ ପିନ୍ଧିଥିବ ଲୋକଙ୍କୁ ଗୋଲାପ ଫୁଲ ଦେଇଥିଲେ ଓ ନ ପିନ୍ଧିଥିବା ଲୋକଙ୍କୁ ହେଲମେଟ ଓ ସିଟ ବେଲ୍ଟ ବ୍ୟବହାର ପାଇଁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ହେଲେ ଅଞ୍ଜନା ପାତ୍ର, ଜ୍ୟୋତିଲାକ୍ଷ୍ମୀ ବେହେରା, ଅନିଲ ଦାସ, ଶ୍ରୀକାନ୍ତ ମଲିକ, ଶୈଳ୍ବାଲା ଆଚୟର୍ଯ୍ୟ, ମାନସୀ ମହାନ୍ତି, ସନ୍ଧ୍ୟା ରାଣୀ ପାଣି ଗ୍ରାହୀ, ତାପସ୍ୱିନୀ ମଲିକ, ଗାୟତ୍ରୀ ସାହୁ, ବିନୋଦ ନାଥ, ସ୍ମିତା ପ୍ରଜ୍ଞା ରାଉତ, ରଶ୍ମିତା ତରାଇ ଓ ଶିବ ଶଙ୍କର ବାରିକ ପ୍ରଭୃତି ଯୋଗ ଦେଇ ଏହି ସଚେତନତାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ବ୍ଲକ୍ ସ୍ତରୀୟ ପାଣି ପଂଚାୟତ ପକ୍ଷ-୨୦୨୪ ପ୍ରତିଯୋଗିତା ଅନୁଷ୍ଠିତ

ଜୟପୁର, ୭/୧ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟପୁର ପରିସରରେ ବ୍ଲକ୍ ସ୍ତରୀୟ ପାଣି ପଂଚାୟତ ପକ୍ଷ -୨୦୨୪ ପାଳନ ଉପଲକ୍ଷେ ବକ୍ତୃତା, ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ ଏବଂ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଚନ୍ଦନ କୁମାର ନାୟକ ଓ ଜୟପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଶ୍ୟାମ ମେହେରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୟପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ମୋଟ ୪୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ କୁଇଜ ପ୍ରତିଯୋଗିତାରେ ଜୟପୁର ବିଜ୍ଞାନ ଇଣ୍ଟେରନାସନାଲ ସ୍କୁଲର ଆକାଶ ପ୍ରଧାନ, ତର୍କ ପ୍ରତିଯୋଗିତାରେ ଶାରଦା ବିହାର ଶିଶୁ ବିଦ୍ୟା ମନ୍ଦିରର ଶୋହନ କୁମାର ଦାଶ, ପ୍ରବନ୍ଧ ପ୍ରତିଯୋଗିତାରେ ଶାରଦା ବିହାର ଶିଶୁ ବିଦ୍ୟା ମନ୍ଦିରର ଦିବ୍ୟାଶ୍ରୀ ଦୈବୀଶକ୍ତି, ଚିତ୍ରାଙ୍କନରେ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରଣ୍ଡାପାଲ୍ଲୀର ତ୍ରିନାଥ ମହୁରିଆ ଏବଂ ପ୍ରଦର୍ଶନୀରେ ସରକାରୀ ଉଚ୍ଚ ବିଦ୍ୟାଳୟ ଅମ୍ବାଗୁଡାର ରୋସନ ବେସ୍ରା ଶୀର୍ଷ ସ୍ଥାନ ଅଧିକାର କରି ଥିଲେ । ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ଯଥାକ୍ରମେ ଉପେନ୍ଦ୍ର ଦୀପ୍, ପ୍ରଭାତ କୁମାର ରଥ, ସୁସ୍ମିତା ରଥ , ବିଶ୍ୱରଂଜନ ଗୌଡ, ସୁନୀଲ କୁମାର ପାଢ଼ୀ , ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ନୃସିଂହ ପ୍ରସାଦ ଷଡ଼ଙ୍ଗୀ, ପ୍ରଭାକର ମହାରଣା, ଶିବରାମ ପାଣିଗ୍ରାହୀ ଏବଂ ସବିତା ପଟ୍ଟନାୟକ ଯୋଗଦାନ କରିଥିଲେ ।ସମସ୍ତ ପ୍ରତିଯୋଗିତା ପରିଚାଳନାରେ ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା ଓ ସି.ଆର.ସି.ସି ସଂଯୁକ୍ତା ରାଉତ ସହଯୋଗ କରିଥିଲେ।

# କୋରେଇ ବ୍ଲକ କୃଷକ ମଂଚର ବୈଠକ

କୋରେଇ, ୭/୧ (ନି.ପ୍ର): କୋରାଇ ବ୍ଲକ କୃଷକ ମଂଚର ପଥରପଦା ପଂଚାୟତର ମା ନେକୁରୁଶୁଣୀଙ୍କ ପୀଠ ନିକଟରେ ୯ ଦଫା ଦାବି ନେଇ ଏକ ପ୍ରାକ ପ୍ରସ୍ତୁତି ବୈଠକ କୃଷକ ନେତା ତଥା ମଂଚର ସଭାପତି ବଳରାମ ସାହୁଙ୍କ ଆବହକତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ କରଦା, ପଥରପଦା, ପାଣିକୋଇଲିର ଚାଷୀ ମାନେ ଯୋଗ ଦେଇ ସରକାରଙ୍କ ଚାଷୀ ମାରଣ ନିତୀକୁ ତୀବ୍ର ସମାଲୋଚନା କରିଥିଲେ। ଉକ୍ତ ଦାବି ଗୁଡ଼ିକ ହେଲା ବିଗତ ୨୦୨୧ ମସିହାରେ କୋରାଇ ବ୍ଲକରେ ହୋଇଥିବା ଭୟାଭୟ ମରୁଡ଼ିରେ ୧୮ହଜାର ହେକ୍ଟର ଧାନ ଜମି ସମ୍ପୂର୍ଣ ନଷ୍ଟ ହୋଇଯାଇଥିଲା। ଏ ବିଷୟରେ କୋରାଇ ବ୍ଲକ କୃଷକ ମଂଚର ଏକ ପ୍ରତିନିଧି ଦଳ ରାଜ୍ୟ ସରକାରଙ୍କ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ତଥା ଏବେର ବାଚସ୍ପତି ପ୍ରମିଳା ମଳିକଙ୍କୁ ଭେଟି ଦାବି ସମ୍ପର୍କରେ ଜଣାଇଥିଲେ। ତେବେ ମନ୍ତ୍ରୀ ମହୋଦୟା ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସହିତ ଆଲୋଚନା କରି ଇନପୁଟ ସବସିଡ଼ି ପାଇଁ ପ୍ରତିଶୃତି ଦେଇଥିଲେ କିନ୍ତୁ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇପାରିନାହିଁ । ୧୮ହଜାର ହେକ୍ଟର ଧାନ ଚାଷ ଜମିରେ ଜଳସେଚନର କୌଣସି ସୁବିଧା ନାହିଁ। ବ୍ଲକର ୧୬୩ ଜଣ ଚାଷୀ ନିଜ ଜମିରେ ବୋରୱେଲ ଖୋଳିବା ଲାଗି ୫ ବର୍ଷ ହେଲାଣି ପ୍ରତ୍ୟେକ କୋଡ଼ିଏ ହଜାର ଟଙ୍କା ଲେଖାଏଁ ଦାଖଲ କରିଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟାଦେଶ ପାଇପାରିନାହାନ୍ତି। ପାଣିକୋଇଲି ଯାଜପୁର ଜିଲ୍ଲାର ଏକ ମୁଖ୍ୟ ସ୍ଥାନ ହୋଇଥିବା ବେଳେ ଏଠାରେ କୃଷକ ମାନଙ୍କ ନିମନ୍ତେ ଏକ ଶୀତଳ ଭଣ୍ଡାରର ସୁବିଧା ନାହିଁ। ଚଳିତ ବର୍ଷ କୋରାଇ ବ୍ଲକରେ ପ୍ରାୟ ୧୦ ହଜାର ହେକ୍ଟର ଚାଷ ଜମିରେ ଜଉ ଓ ମାଟିଆ ଗୁଣ୍ଡି ପୋକ ଲାଗିବା ଫଳରେ ସମ୍ପୂର୍ଣ ଧାନ ନଷ୍ଟ ହୋଇଯାଇଛି । ଫଳରେ ଏହାର କ୍ଷତିପୂରଣ ଉକ୍ତ ଚାଷୀ ମାନଙ୍କୁ ଦିଆଯାଉ। ସରକାର ବର୍ତମାନ ଚାଷୀ ମାନଙ୍କ ଠାରୁ ଧାନ କିଣିବାକୁ ଯାଉଥିବା ବେଳେ ମିଲର ମାନେ କୁଇଂଟାଲ ପିଛା ଆଖି ବୁଜା ଧାନ କାଟୁଛନ୍ତି। ଏହାର ପଦକ୍ଷେପ ନିଆଯାଉ। ଅଂଚଳର ପରିବା ଚାଷୀ ମାନଙ୍କ ଉତ୍ପାଦିତ ପରିବା ଗୁଡ଼ିକୁ ବିକ୍ରି କରିବା ଲାଗି ଏକ ସାପ୍ତାହିକ ହାଟର ସୁବିଧା କରାଯାଉ। ଚାଷ କରି ପରିବାର ପ୍ରତିପୋଷଣ କରୁଥିବା ଚାଷୀ ଓ ଭାଗ ଚାଷୀଙ୍କୁ ଚିହ୍ନଟ କରି ତାଙ୍କୁ ବୀମାଭୁକ୍ତ ସହିତ ପେନସନ ବ୍ୟବସ୍ଥା ଏବଂ ସେମାନଙ୍କର ପିଲା ମାନଙ୍କୁ ମାଗଣାର ଉଚ୍ଚ ଶିକ୍ଷା ନିମିତ ସହାୟତା ପ୍ରଦାନ କରାଯାଉ। କୃଷି ନିମନ୍ତେ ବିଦ୍ୟୁତ ବିଲ ସମ୍ପୂର୍ଣ ଛାଡ଼ କରାଯାଉ। ଚାଷ ଜମି ଗୁଡ଼ିକୁ ବିଲ୍ଡର ମାନଙ୍କ କବଳରୁ ମୁକ୍ତ କରାଯିବା ଲାଗି ପଦକ୍ଷେପ ଗ୍ରହଣ କରାଯାଉ। ତେବେ ଆସନ୍ତା ୧୪ ତାରିଖ ଦିନ କୃଷକ ମଂଚର ଏକ ପୁର୍ଣାଙ୍ଗ ବୈଠକ ବସି ଉକ୍ତ ଦାବି ଗୁଡ଼ିକ ବିଷୟରେ ଆଲୋଚନା କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ସାହୁ ଜଣାଇଛନ୍ତି । ଆଜିର ବୈଠକରେ ଗଣେଶ ଜନ୍ଦ୍ର ମଲ୍ଲିକ, କୃପାସିନ୍ଧୁ ସାହୁ, ମାୟାଧର ସାହୁ, ଅଶ୍ୱିନୀ କୁମାର ଜେନା, କୃଷ୍ଣ ଚନ୍ଦ୍ର ବେହେରା, ବନମାଳୀ ସାହୁ, ଲକ୍ଷ୍ମୀଧର ସାହୁ, କୃଷ୍ଣଚନ୍ଦ୍ର ନାୟକ, ଗଙ୍ଗାଧର ସେନାପତି, ସଦାନନ୍ଦ ସ୍ୱାଇଁ, ବସନ୍ତ କୁମାର ବେହେରା, ପିତାମ୍ବର ଜେନା, ହୃଷିକେଶ ସାହୁ, ବିପିନ କୁମାର ମହାପାତ୍ର, କାଳନ୍ଦୀ ବେହେରା ପ୍ରମୁଖ ଭାଗ ନେଇଥିଲେ।

# ସୁଭାଷ ବୋଷ ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକ କ୍ରୀଡା

କୋରେଇ, ୭/୧ (ନି.ପ୍ର): ପାଣିକୋଇଲିସ୍ଥିତ ସୁଭାଷ ବୋଷ ଇଂଗିଲିସ ମିଡିୟମ ସ୍କୁଲର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି । ଲମ୍ବଡିଆଁ, ଶହେ ଓ ୫୦ ମିଟର ଦୌଡ, ଅଙ୍କକଷା, ଧିର ସାଇକେଲ ଚାଲାଣ, ମ୍ୟୁଜିକ ଚେୟାର, , ବେଲୁନ ବ୍ରଷ୍ଟ, ବାଳିକା ମାନଙ୍କ ଦଉଡି ଡିଆଁ ଆଦି ଖେଳ କରାଯାଇଥିଲା । ସବ ଜୁନିୟର, ଜୁନିୟର ଓ ସିନିୟର ତିନୋଟି ବିଭାଗରେ କ୍ରୀଡା ପ୍ରତିଯୋଗୀତା ହୋଇଥିଲା । ସବଜୁନିୟରରେ ସେକ ଅୱିସ ରାଜା , ଜୁନିୟରରେ ଅନୁପ କୁମାର ପାତ୍ର, ସିନିୟରରେ ଆସମାନ ପୂର୍ତି ଚମ୍ପିଅନ ହୋଇଥିଲେ । ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ରବିନ୍ଦ୍ର କୁମାର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପାଣିକୋଇଲି ମା ତାରିଣୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି, ମୁଖ୍ୟ ବକ୍ତାଭାବେ ସମାଜସେବୀ ଓ ଭଣ୍ଡାରୀପୋଖରୀ ସବୁଜ ବାହିନୀ ସଭାପତି ଶ୍ରୀଧର ସ୍ୱାଇଁ, ସମ୍ମାନୀତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ବିଜନ କୁମାର ଧଳ, ମୁସ୍ତାକ ଅଲ୍ଲୀ ଖାଁ ପ୍ରମୁଖ ଯୋଗଦେଇ କୃତୀ ଛାତ୍ର/ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଶେଷରେ ଶିକ୍ଷୟତ୍ରୀ ନମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ, ଆୟା ଓ ଅନ୍ୟ ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରି କ୍ରୀଡାକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଘରୋଇ ବ୍ୟାଙ୍କରେ ଚାକିରୀ କରାଇଦେବାକୁ କହି ଅର୍ଥ ଠକେଇ : ୨ ଗିରଫ

ଗଞ୍ଜାମ, ୭/୧ (ନି.ପ୍ର): ଫିନୋ ନାମକ ଏକ ଘରୋଇ ବ୍ୟାଙ୍କରେ ଚାକିରୀ କରାଇଦେବାର ପ୍ରଲୋଭନ ଦେଖାଇ ଅର୍ଥ ଠକେଇ କରିଥିବା ଅଭିଯୋଗରେ ବ୍ରହ୍ମପୁର ଟାଉନ୍ ଥାନା ପୋଲିସ ରବି ନାରାୟଣ ମହାରଣା (୨୭) ଏବଂ ରିଙ୍କୁ ପାତ୍ର (୪୨)ଙ୍କୁ ଗିରଫ କରିଛି । ନିମଖଣ୍ଡି ଥାନା ଅଂଚଳର କେ. ସୁମନ କୁମାର ଆଚାରୀଙ୍କ ଅଭିଯୋଗକୁ ଭିତି କରି ଟାଉନ୍ ଥାନା ପୋଲିସ ତଦନ୍ତ କରି ଅଭିଯୁକ୍ତ ଦୁଇ ଜଣଙ୍କୁ ଗିରଫ କରିଛି । ସମ୍ପୃକ୍ତ ଦୁଇ ଅଭିଯୁକ୍ତ ଫିନୋ ବ୍ୟାଙ୍କରେ ଚାକିରୀ କରାଇଦେବା ପାଇଁ ୨୫୦୦ରୁ ୨୭୦୦ ଟଙ୍କା ଫର୍ମ ପିଛା ଆଦାୟ କରିବା ସହ ପ୍ରାୟ ୩୭ ଜଣ କଲେଜ ଛାତ୍ରଙ୍କୁ ଠକେଇ କରିଥିବା ଅଭିଯୋଗ ହୋଇଛି । ଗିରଫ ଅଭିଯୁକ୍ତ ମାନଙ୍କ ଠାରୁ କେତେକ ନକଲି ଚିଠିପତ୍ର, ଷ୍ଟାମ୍ପ, ପାସ୍ ବୁକ୍ ଓ ଆଇଡି କାର୍ଡକୁ ପୋଲିସ ଜବତ କରିବା ସହ ଏନେଇ ଅଧିକ ତଦନ୍ତ ଚଳାଇଛି ।

# ରେଳ ସଂଯୋଗ ପାଇଁ ରେଳମନ୍ତ୍ରୀଙ୍କୁ ଭେଟିଲା କନ୍ଧମାଳ ରେଳବାଇ କ୍ରିୟାନୁଷ୍ଠାନ କମିଟି

କନ୍ଧମାଳ , ୭/୧ (ନି.ପ୍ର): ଫୁଲବାଣୀ କୁ ରେଳ ସଂଯୋଗ ପାଇଁ ଛ ତାରିଖ ଶନିବାର ଦିନ ସକାଳ ଏଗାର ଟା ରେ ଦଶପଲ୍ଲା ଠାରେ ନୂତନ ରେଳ ଷ୍ଟେସନ ଉଦଘାଟନ ଅବସରରେ ରେଳ ମନ୍ତ୍ରୀ ଅଶ୍ୱିନି ବୈଷ୍ଣବ ଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିବା ସହ ଆଲୋଚନା କରିଛି ଫୁଲବାଣୀ ରେଳବାଇ କ୍ରିୟାନୁଷ୍ଠାନ କମିଟି। କମିଟି ର ଆବାହକ ତଥା ସମାଜସେବୀ ଅଶୋକ ପରିଡା, ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ସୁନୀଲ ପଟନାୟକ, ପ୍ରଶାନ୍ତ କୁମାର ବେହେରା, ନାରାୟଣ ସାହୁ, ଆଇନଜିବି ରମେଶ ମହାନ୍ତି, ବ୍ରଜ୍ ପଟନାୟକ, ପରେଶ ମହାପାତ୍ର, ପଦ୍ମ ଚରଣ ସ୍ୱାଇଁ, ଅବନୀ କହ୍ନର, ସୁରେଶ୍ ମିଶ୍ର, ପ୍ରମୁଖ ଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ଆଲୋଚନା କରିଥିଲେ। ମନ୍ତ୍ରୀ ବୈଷ୍ଣବ ଅରିଡେଲ ଡିପିଆର୍‌ରୁ ଫୁଲବାଣୀକୁ ବାଦ୍ ଦେଇ ଡିପିଆର୍ ପ୍ରସ୍ତୁତି କରିଥିବାରୁ ଡିପିଆର୍‌କୁ କେନ୍ଦ୍ର ସରକାର ଫେ ରାଇ ଦେଇ ପୁଣି ଥରେ ଫୁଲବାଣୀ କୁ ସାମିଲ କରି ଡିପିଆର୍ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆ ଯାଇଛି ବୋଲି କହିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ମୋଦୀ ଜୀ ମଧ ସବୁ ଜିଲା ସଦର ମହକୁମାକୁ ରେଳ ସଂଯୋଗ କରିବା ପାଇଁ ଚାହୁଁଥିବା କହିଥିଲେ ବୈଷ୍ଣବ। ସେହିପରି ବିଜେପି ଜିଲା ସଭାପତି ଜଗନ୍ନାଥ ସାହୁ, ପୌରାଧକ୍ଷା ସ୍ମିତା ରାଣୀ ମହାନ୍ତି, ସ୍ୱରୂପା ନନ୍ଦ ପଟନାୟକ, ପ୍ରମୁଖ ମଧ ଫୁଲବାଣୀ ସଦର ମହକୁମା କୁ ରେଳ ସଂଯୋଗ ପାଇଁ ସ୍ମାରକପତ୍ର ପ୍ରଦାନ ସହ ଆଲୋଚନା କରିଥିଲେ।

ଦେଶବିଦେଶର ଜଣାଅଜଣା

# ବିବିଧ ବିଶ୍ୱ

୩

ଧ୍ୱନି ପ୍ରତିଧ୍ୱନି

♣ ବାଲେଶ୍ୱର ♣ ଜାନୁଆରୀ ୦୮ ସୋମବାର, ୨୦୨୪

## ଏମିତି ବି ଅଛି !

ମାଛକୁ ମଣିଷ ଖାଏ, ହେଲେ ମଣିଷକୁ ବି ମାଛ ଖାଇପାରେ। କେବଳ ସମୁଦ୍ରରେ ରହୁଥିବା ସାର୍କ କି ତିମି ନୁହନ୍ତି, ମଧୁର ଜଳରେ ବି ଏପରି କେତେକ ମାଛ ଅଛନ୍ତି ଯେଉଁମାନେ ଖୁବ୍ ବିପଜ୍ଜନକ। ଇଂଲଣ୍ଡର ସଫକ୍‌ରେ ରହୁଥିବା ଜେରେ ମା ଓ୍ୱେଡ୍ ଗତ ୩୦ବର୍ଷ ହେଲା 'ରିଭର ମନ୍‌ଷ୍ଟର ଶୋ' ଆୟୋଜିତ କରିଆସୁଛନ୍ତି। ନଦୀରୁ ଏପରି କେତେକ ମାଛ ସେ ଧରିଛନ୍ତି ଯାହା ମଣିଷକୁ ବି ଖାଇପାରେ ଏବଂ ଲିଙ୍ଗ ବଦଳାଇବା ପରି ବିଚିତ୍ରକାମ କରିପାରେ। ଏପରି ସାତଟି ବିଚିତ୍ର ମାଛ ସମ୍ପର୍କରେ।



ସି' ଫିଶ:

କାର୍ପେଣ୍ଟର ଫିଶ୍ ଭାବେ ଏହା ବେଶୀ ପରିଚିତ। ଏହାର ଲମ୍ବା ପ୍ରାୟ ୨୦ଫୁଟ ପର୍ଯ୍ୟନ୍ତ ହୋଇଥାଏ। ତେବେ ଏହି ମାଛକୁ ଦେଖିବା ସମ୍ଭବ ନୁହେଁ। କାରଣ, ଏଗୁଡ଼ିକ ସାଧାରଣତଃ ସମୁଦ୍ରରେ ରହନ୍ତି ଏବଂ ଖୁବ ବିପଜ୍ଜନକ। ଏହାକୁ ଜାଲରେ ଧରିବା କଷ୍ଟକର। ଯଦି ବା ଏହି ମାଛ ଜାଲରେ ପଡ଼େ ତେବେ ଧୀବରମାନେ ଏହାକୁ ବାହାର କରିବା ପୂର୍ବରୁ ମାରି ଦିଅନ୍ତି। ଏହାର ଓଜନ ୩୧୭ କିଲୋ ପାଖାପାଖି।

କଙ୍ଗୋ ଟାଇଗର ଫିଶ୍:



ଏହି ମାଛ ଆଫ୍ରିକୀୟ ଦେଶରେ ପ୍ରବାହିତ କଙ୍ଗୋନଦୀର ଏପରି ସ୍ଥାନରେ ମିଳିଥାଏ ଯେଉଁଠାରୁ ଖୁବ କମ ଲୋକ ଯାଇପାରନ୍ତି। ତେଣୁ ଏହି ମାଛ ବାବଦରେ ବହୁତ କମ୍ ଲୋକଙ୍କୁ ହିଁ ଜଣା। ପିରାନା ଭଳି ଏହି ମାଛ କୁମ୍ଭୀରକୁ ବି ଖାଇଯାଇପାରେ। ଯଦି କୌଣସି ମଣିଷ ଏହା ସାମନାକୁ ଆସିଗଲା ତେବେ ବଞ୍ଚିବା ମୁସ୍‌କିଲ୍। ଏହାର ଦାନ୍ତ ୧ ଇଞ୍ଚ ଲେଖା ଲମ୍ବା ଏବଂ ଧାରୁଆ ହୋଇଥିବା ବେଳେ ଓଜନ ପ୍ରାୟ ୪୫୪କିଲୋ ପର୍ଯ୍ୟନ୍ତ ହୋଇଥାଏ।

ଲମ୍ବା ନାକିଆ ଗାର୍:



ଉତ୍ତର ଆମେରିକାର ଚାମ୍ପଲେନ ହ୍ରଦରୁ ଜେରେମୀ ଏହି ମାଛ ଧରିଥିଲେ। ଏହି ପ୍ରଜାତି ଖୁବ୍ ପ୍ରାଚୀନ ହୋଇଥିବା ବେଳେ ଏହାର ମୁହଁର ଆଗ ଅଂଶଟି କୁମ୍ଭୀର ପରି ହୋଇଥାଏ। ତେଣୁ ଏହି ମାଛ କ୍ରୋକୋଡ଼ାଇଲ ଗାର୍ ନାମରେ ବି ପରିଚିତ। ଏହର ଓଜନ ପ୍ରାୟ ୧୩୬ କିଲୋ ପର୍ଯ୍ୟନ୍ତ ହୋଇପାରେ।

କ୍ୱିନ୍ସଲାଣ୍ଡ ଗ୍ରୋପର:



ଅଷ୍ଟ୍ରେଲିଆର ବ୍ରିସବେନ ନଦୀର ଏହି ଦୈତ୍ୟାକାର ଗ୍ରୋପରକୁ ଧରିଥିଲେ ଜେରେମୀ। ଏହି ମାଛ ନିଜ ଲିଙ୍ଗ ପରିବର୍ତ୍ତନ କରିପାରେ। ଅସଲରେ ଏକାଧିକ ମାଈ ଗ୍ରୁପରଙ୍କ ଦଳରେ ଥିବା ପୁରୁଷ ଗ୍ରୁପରଟି ଯଦି ପଳାଇଯାଏ ତେବେ ଦଳର ସବୁଠାରୁ ବଡ଼ ମାଈ ଗ୍ରୁପର ନିଜ ଲିଙ୍ଗ ପରିବର୍ତ୍ତନ କରି ପୁରୁଷ ହୋଇଯାଏ। ଏମାନଙ୍କର ଓଜନ ୩୬୦ କିଲୋ ପର୍ଯ୍ୟନ୍ତ ହୋଇପାରେ।

ନାଲିଲାଞ୍ଜିଆ କ୍ୟାଟଫିଶ୍:



ଏହି ପ୍ରଜାତିର ମାଛ ସାଧାରଣତଃ ଆମାଜନ ନଦୀରେ ମିଳିଥାନ୍ତି। ତେବେ ଜେରେମୀ ଏହାକୁ ଥାଇଲାଣ୍ଡର ଏକ ଝରଣାରୁ ଧରିଥିଲେ। ଏହାର ମୁଣ୍ଡ ଏବଂ ମୁହଁ ଖୁବ ବଡ଼ ହୋଇଥାଏ। ୫୬ କିଲୋଯାଏ ଓଜନ ହେଉଥିବାର ଏହି ମାଛ ଛୋଟଛୋଟ ପିଲାଙ୍କୁ ବି ଗିଳିପକାଏ ବୋଲି ଆମାଜାନ ଅଞ୍ଚଳର କଥା ରହିଛି।

କଲଶୁଗା ଷ୍ଟର୍ଜନ:



ଋଷର ଅମୁର ନଦୀରୁ ଜେରେମୀ ଏହି ମଣିଷଖିଆ ମାଛକୁ ଧରିଥିଲେ। ମାଂସହାରୀ ଏହି ମାଛଟି ମଣିଷକୁ ସହଜରେ ଖାଇଦେଇପାରେ। ଏବେ କିନ୍ତୁ ଏହି ପ୍ରଜାତି ସଙ୍କଟାରେ। କାରଣ ଲୋକେ ଏହା ଅଣ୍ଡାରୁ ଆଚର ପ୍ରସ୍ତୁତ କରୁଛନ୍ତି। ଏମାନଙ୍କର ଓଜନ ପ୍ରାୟ ହଜାରେ କିଲୋଯାଏ ହୋଇଥାଏ।

ୱେଲସ କ୍ୟାଟଫିଶ:



ଜେରେମୀ ଏହି ମାଛକୁ ସ୍ପେନରେ ଧରିଥିଲେ ବି ଏହା ସାଧାରଣତଃ ୟୁରୋପୀୟ ଅଞ୍ଚଳରେ ଦେଖାଯାଏ। ସ୍ୱଳ୍ପ ପାଣିରେ ବି ଏହି ମାଛ ମଣିଷମାନଙ୍କୁ କାମୁଡ଼ି ପକାଏ। ଅସଲରେ ଏହା ନିଜ ବସାର ଖୁବ କଡ଼ା ସୁରକ୍ଷା କରେ। ତେଣୁ କେହି ଯଦି ସନ୍ତରଣ କରି ଭୁଲରେ ସେଆଡ଼କୁ ଚାଲିଗଲା, ଏହି ମାଛ ତାକୁ କାମୁଡ଼ିବା ନିଶ୍ଚ। ଆଘାତ ଖୁବ ଯନ୍ତ୍ରଣାଦାୟକ। ୭୩ କିଲୋ ଓଜନ ପର୍ଯ୍ୟନ୍ତ ବଢୁଥିବା ଏହି ମାଛର ଦାଢ଼ ଛୋଟଛୋଟ।

## ବିରଳ ମହାପୁରୁଷ ନାମାଚାର୍ଯ୍ୟ ବାୟାବାବା



ଦେବନିର୍ମିତ ସାରସ୍ୱତ ଭାରତ ବର୍ଷରେ ଦିବ୍ୟଚେତା ମହାମନୀଷିଙ୍କ ପ୍ରାକୃତ ଜଗତରେ ଆବିର୍ଭାବ ରହସ୍ୟ ଅତ୍ୟନ୍ତ ଦୁର୍ବୋଧ ଓ ବିସ୍ମୟକର । ଜଡ ପ୍ରକୃତି ସଂସର୍ଗରେ ହତ ଚେତନା ପ୍ରାଣୀକୁଳ ଜଡ ସର୍ବସ୍ୱ ହୋଇ ଦୁଃସହ ଦୁଃଖକୁ ସୁଖ ଜ୍ଞାନ କରି ତହିଁରେ ଅଭିନିବିଷ୍ଟ ହୋଇଯାଇଥିବା ବେଳେ ଅସୀମ ଦୟାରୁ ଏହି ମହାତ୍ମାଗଣ ସେମାନଙ୍କ ଠାରୁ ଜଡ ସମ୍ଭୋଗ ବୃତ୍ତି ଓ ମୋହ ନିଷ୍କୃତ କରାଇବା ପାଇଁ ଦୁଃଖମୟ ସଂସାରରେ ଆବିର୍ଭୂତ ହେଇ ସେମାନଙ୍କର ସ୍ୱୟଂ ଦୁଃଖ ରାଶିକୁ ଆତ୍ମୀକୃତ କରିନିଅନ୍ତି । ପ୍ରାଣୀ ସକଳର ଭୌତିକ ଦୁଃଖ ହରଣ ପାଇଁ ସ୍ୱୟଂ ଅସୀମ କଷଣ ପୀଡିତ ହେବା ସେମାନଙ୍କର ସହଜାମତ ଦିବ୍ୟପ୍ରବୃତ୍ତି । ଏହି କ୍ରମରେ ପବିତ୍ର ପୁଣ୍ୟ ଉତ୍କଳ ପ୍ରଦେଶର ତତ୍କାଳୀନ କନିକା ରାଜ୍ୟର କେରଡାଗଡରେ ୧୩୦୬ ସାଲର ପୌଷ ମାସ କୃଷ୍ଣପକ୍ଷ ଷଷ୍ଠୀତିଥି (ଇଂରାଜୀ ୧୮୯୮ ମସିହା ଜାନୁୟାରୀ ମାସ ୩ ତାରିଖ ରେ) ଧରାବତରଣ ହୋଇଥିଲା ଆଧ୍ୟାତ୍ମିକ ଜଗତର ଅନ୍ୟତମ ଜାଜଲ୍ୟମାନ ତାରକା ନାମାଚାର୍ଯ୍ୟ ଶ୍ରୀ ଶ୍ରୀ ବାୟାବାବାଙ୍କର । ପୁଣ୍ୟଉତ୍କଳର ଆଧ୍ୟାତ୍ମିକ ଜଗତରେ ନାମାଚାର୍ଯ୍ୟ ଶ୍ରୀ ଶ୍ରୀ ବାୟାବାବା ଏକ ଅନନ୍ୟ ଦିପ୍ତିମନ୍ତ ମହାପୁରୁଷ । ଏକ ସରଳ ତଥା ଅଭିନବ ଉପାୟରେ କେବଳ ମାତ୍ରକ 'ଶ୍ରୀ ହରିନାମ କୀର୍ତ୍ତନ' ମାଧ୍ୟମରେ କଳିକଳୁସ ସଂସାରରୁ ତାରଣ ତଥା ଜୀବନରେ ବିଭୁସତ୍ତାର ଉପଲବ୍ଧିକୁ ପ୍ରାପ୍ତ ପାଇଁ ମାନବକୁ ଦିଗ୍ଦର୍ଶନ ଦେଇଥିଲେ । ସେ ଥିଲେ ସାକ୍ଷାତ ଦିବ୍ୟାତ୍ମା ମନୀଷି । ଅତ୍ୟନ୍ତ ବାଲ୍ୟକାଳରୁ ଏ ବାବାଙ୍କ ଦିବ୍ୟ ଦୃଷ୍ଟିରେ ଘୋର କଳିକାଳରେ ହୁଏତ ଜ୍ଞାନଯୋଗ ଓ କର୍ମଯୋଗର କଠୋର ମାର୍ଗ ଆଚରଣ କରିବା ଅତ୍ୟନ୍ତ ଦୁଃସହ ହେଉଥିବା ଦୃଷ୍ଟେ ଭକ୍ତିଯୋଗ ହିଁ ଏକ ମାତ୍ର ସରଳ, ସର୍ବଜନ ଆଦୃତ ଓ ସର୍ବବ୍ୟାପୀ ବୋଲି ପ୍ରତ୍ୟୟ ହୋଇଥିଲା । ଭକ୍ତିଯୋଗରେ ସାଧାରଣ ଅଜ୍ଞାନ ମନୁଷ୍ୟକୁ ଗଭୀର ବିଶ୍ୱାସ ସହିତ ଉପଦେଶ ଦେଇଥିଲେ ଯେ ସ୍ମରଣ, ଭଜନ, କୀର୍ତ୍ତନ ଦ୍ୱାରା ପରମେଶ୍ୱର କେବଳ ପ୍ରସନ୍ନ ହୁଅନ୍ତି ନାହିଁ , ମାତ୍ର ଦୃଢ ନିଷ୍ଠା ସହିତ ଅବିରତ ଇଶ୍ୱର ସ୍ମରଣ ଅଭ୍ୟାସ କଲେ ଦୁର୍ଦ୍ଦମନୀୟ ଚଳଚଞ୍ଚଳ ମନ ନିଗୃହିତ ଓ ସ୍ଥିର ହୋଇ ପାରିବା ।

## ଶରୀର ପାଇଁ ରାମବାଣ ଅଟେ ଲାଉ: ଜାଣନ୍ତୁ କଣ ମିଳିଥାଏ ଫାଇଦା ?



ଶରୀର ପାଇଁ ବେଶ୍ ଉପକାରୀ ପରିବା । କିନ୍ତୁ ଏମିତି କିଛି ପନିପରିବା ରହିଛି ଯାହା ଶରୀର ପାଇଁ ରାମବାଣ ସଦୃଶ୍ୟ । ଉନ୍ନତମାନର ପରିବା ମଧ୍ୟରେ ଲାଉ ଅନ୍ୟତମ । ଲାଉରେ ବିଭିନ୍ନ ପ୍ରକାରର ଭଲ ଗୁଣ ରହିଛି, ଯାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ଅଟେ ।

ଲାଉ ଖାଇବା ଦ୍ୱାରା ପେଟ ଥଣ୍ଡା ରହିଥାଏ । ଲାଉ ହୃଦ୍ରୋଗୀଙ୍କ ପାଇଁ ବି ଅତ୍ୟନ୍ତ ଭଲ । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ୍ ରକ୍ତରେ ଶର୍କରା ପରିମାଣକୁ ନିୟନ୍ତ୍ରଣରେ ରଖେ । ମଧୁମେହ ରୋଗୀମାନେ ଅଧିକ ପରିମାଣର ଲାଉ ଖାଇବା ଉଚିତ୍ ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଲାଉ ମାନସିକ ଚାପ ହ୍ରାସ କରିଥାଏ । ଲାଉ ସହିତ ଲାଉ ମଞ୍ଜି ମଧ୍ୟ ବେଶ୍ ଉପକାରୀ । ଏହି ମଞ୍ଜିର ତେଲ ମୁଣ୍ଡବିନ୍ଧା କମ୍ କରିବାରେ ସହାୟକ ହୋଇଥାଏ । ଏଥିରେ ଭିଟାମିନ୍ ସି, ଆଇରନ୍, ମ୍ୟାଗ୍ନେସିୟମ୍, ପୋଟାସିୟମ୍, ଜିଙ୍କ୍ ଏବଂ ମାଙ୍ଗାନିଜ୍ ସହିତ ଅନେକ ପୋଷକ ତତ୍ତ୍ୱ ମିଳିଥାଏ ।

ପ୍ରତିଦିନ ଲାଉ ଖାଇବା ଦ୍ୱାରା ତ୍ୱଚା ଉଜ୍ଜ୍ୱଳ ଦେଖାଯାଏ । ଏହା ଓଜନ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ । ଲାଉରେ ଭିଟାମିନ୍, ମିନେରାଲ ଓ ଆଣ୍ଟିଅକ୍ସିଡେଣ୍ଟ ଗୁଣ ଭରି ରହିଥାଏ । ଏହା ତ୍ୱଚାକୁ ପ୍ରାକୃତିକ ଚମକ ଦେଇଥାଏ ।

ପ୍ରତିଦିନ ସକାଳୁ ୧ ଗ୍ଲାସ୍ ଲାଉ ଜୁସ୍ ପିଇବା ଦ୍ୱାରା ଓଜନ କମ୍ ହୋଇପାରେ । ଏଥିସହିତ ନିଦ୍ରା ସମସ୍ୟାକୁ ବି ହ୍ରାସ କରିବାରେ ସହାୟକ ହୋଇଥାଏ ଲାଉ । ସେହିପରି ଉତ୍ତମ ହଜମ ଓ କଳା କେଶ ଚାହୁଁଥିଲେ ମଧ୍ୟ ଲାଉ ଖାଇବା ଦ୍ୱାରା ଏଥିରେ ସୁଫଳ ମିଳିଥାଏ ।

## ଦୁନିଆର ସବୁଠାରୁ ମହଙ୍ଗା ଆଳୁ: ୧କିଲୋ ଆଳୁ ଦାମ୍‌ରେ କିଣିହେବ ସୁନା ଓ ରୁପା



ସମସ୍ତଙ୍କ ଜୀବନରେ ସ୍ୱତନ୍ତ୍ର ସ୍ଥାନ ନେଇଥାଏ ଆଳୁ । ସାଧାରଣତଃ ଆଳୁ ବର୍ଷସାରା ଖିଆଯାଏ । କାରଣ ଏହାର ଦାମ୍ କମ୍ ଏବଂ ଏହା ପ୍ରତ୍ୟେକ ପନିପରିବା ସହିତ ଖାପ ଖାଇଥାଏ । ଆଳୁ କିଲୋ ପିଛା ୧୦ରୁ ୧୫ ଟଙ୍କାରେ ମିଳୁଥିବା ବେଳେ ଅତିବେଶୀରେ ୩୦ ଟଙ୍କା ଭିତରେ ମିଳିଥାଏ । କିନ୍ତୁ ଜାଣନ୍ତି କି ଏପରି ଏକ ଆଳୁ ରହିଛି ଯାହାର ଦାମ୍ ଆକାଶଛୁଆଁ । ଏହାର କିଲୋ ପିଛା ଦାମ୍ ଯେତିକି ସେଥିରେ ଆପଣ ସୁନା ଓ ରୂପା କିଣିପାରିବେ । ଆଳୁର ନାଁ ହେଉଛି ଲେ ବୋନୋଟେ । ଏହାକୁ ଫ୍ରାନ୍ସରେ ଚାଷ କରାଯାଏ । ଏହାର କିଲୋ ପିଛା ଦାମ୍ ୫୦ ହଜାରୁ ୯୦ ହଜାର ଟଙ୍କା ପର୍ଯ୍ୟନ୍ତ ହୋଇଥାଏ । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଏହା ମହଙ୍ଗା ସତ୍ତ୍ୱେ ଲେ ବୋନୋଟେକୁ କିଣିବା ପାଇଁ ଲାଗିଥାଏ ଲମ୍ବା ଲାଇନ୍ । ବାସ୍ତବରେ ଏହାର କାରଣ ହେଉଛି ଏହାର କମ୍ ଉତ୍ପାଦନ । ବର୍ଷକରେ କେବଳ ମେ ଏବଂ ଜୁନ୍ ମାସରେ ଚାଷ କରାଯାଏ । ଏହି ଆଳୁକୁ ଭିନ୍ନ କରିଥାଏ ଏହାର ବିଶେଷ ପ୍ରକାରର ଚାଷ । ଯାହା କେବଳ ୫୦ ବର୍ଗ ମିଟର ବାଲୁକା ଜମିରେ କରା ଯାଇଥାଏ । ଏହାକୁ ଚାଷ କରିବା ପାଇଁ ସାମୁଦ୍ରିକ ଶୈବାଳର ସାର ଦିଆଯାଇଥାଏ । ଏହାକୁ ପାରମ୍ପାରିକ ଭାବରେ ଆଟଲାଣ୍ଟିକ୍ ମହାସାଗରର ଲୋଏର୍ ଅଞ୍ଚଳ ଉପକୂଳବର୍ତ୍ତୀ ନୋଏମୋର୍ଟିଅର୍ ଦ୍ୱୀପରେ ଚାଷ କରାଯାଏ । ଚାଷ ପରେ ଆଳୁ ବାଛିବା ପାଇଁ ସାତ ଦିନ ପାଇଁ ନିୟୋଜିତ ହୋଇଥାନ୍ତି ପ୍ରାୟ ୨୫୦୦ ଲୋକ। ଯଦି ୧୦ ହଜାର ଟନ୍ ଆଳୁ ଫସଲ କରାଯାଏ ତେବେ ଏଥିରୁ କେବଳ ୧୦୦ ଟନ୍ ଲେ ବୋନେଟ୍ ମିଳିଥାଏ । ଲେ ବୋନେଟର ସ୍ୱାଦ ବିଷୟରେ କହିବା, ଏଥିରେ ଲେମ୍ବୁ ଲୁଣ ପରି ସ୍ୱାଦ ଆସିଥାଏ । ଯାହା ଅନ୍ୟ କୌଣସି ଆଳୁରେ ଦେଖିବାକୁ ମିଳିନଥାଏ । ଏଗୁଡିକ ବହୁତ ନରମ ଏବଂ ସୂକ୍ଷ୍ମ । ପ୍ରତି ସିଜିନ୍ରେ ଏହାର ଦାମ୍ ଭିନ୍ନ ଭିନ୍ନ ରହିଥାଏ । କିନ୍ତୁ ଏପର୍ଯ୍ୟନ୍ତ କିଲୋଗ୍ରାମ ପିଛା ୫୦ରୁ ୯୦ ହଜାର ଯାଏଁ ରହିଛି ।




CMYK

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅଶାନ୍ତ ମଧ୍ୟପ୍ରାଚ୍ୟ...

ସତେ ଯେମିତି ସିରିଆ, ଲେବାନନ୍ ଏବଂ ଇସ୍ରାଏଲଠାରୁ ଇରାନ୍ ପର୍ଯ୍ୟନ୍ତ ଏବଂ ଆଫଗାନିସ୍ତାନ ଓ ପାକିସ୍ତାନକୁ ଲମ୍ବି ଯାଇଥିବା ଭୂମଧ୍ୟସାଗରୀୟ ତଟରେଖାରେ ଏକ ଅର୍ଥ ବୃତ୍ତାକାର ଭାବରେ ନିଆଁ ଲଗାଇବା ଭଳି ଉତ୍ତେଜନାଗୁଡ଼ିକ ଯଥେଷ୍ଟ ନଥିଲା ଯେ ଇରାନ୍‌ର କର୍ମାନ୍ ସହରରେ ଏକ ଆତଙ୍କୀ ଘଟଣା ଏକ ଅଶୁଭ ଲକ୍ଷଣ ଭାବରେ ନିହାତି କମ୍‌ରେ ୧୦୩ ଜଣ ଲୋକଙ୍କ ପ୍ରାଣ ନେଲା ଏବଂ ବିଂଶତାଧିକ ଲୋକଙ୍କୁ ଗୁରୁତର ଆହତ ଅବସ୍ଥାରେ ଛାଡ଼ି ଦେଇଛି । ଲେବାନନ୍‌ରେ ଇସ୍ରାଏଲୀ ମିଜାଇଲ ମାଡ଼ରେ ହାମାସ୍‌ର ଜଣେ ପ୍ରମୁଖ ନେତାର ପ୍ରାଣ ଯିବା, ଇରାନ୍‌ରେ ଦୁଇଗୋଟି ବିସ୍ଫୋରଣ ଯାହା ପ୍ରଥମ ବୋମା ବିସ୍ଫୋରଣରେ ଆଘାତ ପାଇଥିବା ଲୋକମାନଙ୍କ ସହାୟତା ପାଇଁ ଆସିଥିବା ଲୋକମାନଙ୍କର ଜୀବନକୁ ଛଡ଼ାଇ ନେବା ଏହି ଉତ୍ତେଜନାକୁ ଅଧିକ ବିଗାଡ଼ି ଦେଇଛି, ଯାହାକୁ ଅବଶ୍ୟ ଅବର୍ଣ୍ଣନୀୟ । ପୁଣି ଏଭଳି ଗମ୍ଭୀର ସ୍ଥିତି ସହିତ ନିଆଁରେ ଘିଅ ଢାଳିବା ଭଳି କାମ କରିଛି ଲୋହିତ ସାଗରର ଦକ୍ଷିଣ ପଟୁ ହାଉତି ବିଦ୍ରୋହୀମାନଙ୍କ ବିସ୍ଫୋରକ କାର୍ଯ୍ୟ, ଯେଉଁମାନେ ବୈଶ୍ୱିକ ଜାହାଜ ଚଳାଚଳ ପଥଗୁଡ଼ିକ ଉପରକୁ ମିଜାଇଲ ଏବଂ ଡ୍ରୋନ୍ ସାହାଯ୍ୟରେ ଆକ୍ରମଣ କରିବାର ଲକ୍ଷ୍ୟ ରଖୁଛନ୍ତି । ସେମାନଙ୍କୁ ଯୁକ୍ତରାଷ୍ଟ୍ର ଆମେରିକା ଓ ଆଉ ୧୧ଟି ଦେଶ ଏକ ଲିଖିତ ଚେତାବନୀ ପ୍ରଦାନ କରିଛନ୍ତି ଯେ ଗୁରୁତ୍ୱପୂର୍ଣ୍ଣ ଜଳପଥଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବା ପାଇଁ ହେବାକୁ ଥିବା କାର୍ଯ୍ୟାନୁଷ୍ଠାନ କରିବା ବେଳେ ଯେ କୌଣସି ପ୍ରକାରର ପରିଣତି ଉପୁଜିଲେ, ତା'ର ଭାର ସେମାନଙ୍କୁ ନେବାକୁ ପଡ଼ିବ। ଏହି ଅଞ୍ଚଳରେ ବିକ୍ଷିପ୍ତ ଭାବରେ ଘଟୁଥିବା ଆତଙ୍କବାଦୀ କାର୍ଯ୍ୟକଳାପଗୁଡ଼ିକ ମଧ୍ୟରୁ ଅଧିକାଂଶ କାର୍ଯ୍ୟର ପୃଷ୍ଠଭୂମିରେ ନିଃସନ୍ଦେହରେ ଇରାନ୍ ରହିଛି, ଯାହା ଲେବାନିଜ୍ ଆତଙ୍କବାଦୀ ଗୋଷ୍ଠୀ ସମୂହ ହେଜବୋଲ୍ଲା, ୟେମେନ୍‌ର ହାଉତି ବିଦ୍ରୋହୀଗଣ ଏବଂ ସିରିଆ ଓ ଇରାକ୍‌ରେ ଅନ୍ୟମାନଙ୍କ ଭଳି ଛଦ୍ମ ଯୁଦ୍ଧରେ ମାତିଥିବା ଆତଙ୍କବାଦୀମାନଙ୍କୁ ସମର୍ଥନ କରିଥାଏ । କିନ୍ତୁ ସାମ୍ପ୍ରତିକ ସମୟରେ ଘଟିଥିବା ଏହି ଘଟଣା ବେଳେ ଏହାର ଲକ୍ଷ୍ୟ ଥିଲା ଅନ୍ୟ କୌଣସି ଦେଶ ଅପେକ୍ଷା 'ବିଶେଷପୂର୍ଣ୍ଣ ତଥା ଅପରାଧିକ ଶତ୍ରୁମାନଙ୍କ' ବିରୁଦ୍ଧରେ ପ୍ରତିବାଦ କରିବା। ଇରାନ୍‌ରେ ଘଟିଥିବା ଦୁଇଗୋଟିଯାକ ବିସ୍ଫୋରଣ ଘରୋଇ ଆତଙ୍କବାଦ ଭାବରେ ମନେ ହୋଇଥିଲା, ଯେ ପର୍ଯ୍ୟନ୍ତ ଏହା ଘଟାଇ ଥିବାକୁ କେହି ଦାବି କରି ନଥିଲେ, କାରଣ ମଧ୍ୟପ୍ରାଚ୍ୟରେ ଏହିଭଳି ଆତଙ୍କବାଦ ଏବଂ ସମ୍ବେଦନହୀନ ହିଂସାକାଣ୍ଡ ଘଟିବା ଏକ ସାଧାରଣ କଥା । ତେବେ ଗୁରୁବାର ଦିନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଏହି ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରିଛି । ଏହାର କାରଣ, ଇରାନ୍‌ସୀ ଯେଉଁ କୁଦ୍ ଫୋର୍ସ କମାଣ୍ଡର କ୍ଲାସିମ୍ ସୁଲେମାନୀର ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ପାଳନ କରୁଥିଲେ, ଆଇଏସ୍ ପାଇଁ ସେ ଥିଲା ଜଣେ ପ୍ରଧାନ ଶତ୍ରୁ, ଯେହେତୁ ସିରିଆ ଏବଂ ଇରାକ୍‌ରେ ସେ ସିଆ ଆତଙ୍କବାଦୀମାନଙ୍କୁ ଆଇଏସ୍ ବିରୁଦ୍ଧରେ ଲଢ଼େଇ କରିବାକୁ ଅନୁପ୍ରେରିତ କରିଥିଲା। ଏହି ଗୋଷ୍ଠୀଗୁଡ଼ିକ ୨୦୧୮-୧୯ରେ ଇରାକ୍‌ରେ ସହରାଞ୍ଚଳ ଯୁଦ୍ଧଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ଭୂମିକାମାନ ନିର୍ବାହ କରିଥିଲେ ଯାହା ଆଇଏସ୍ କାଲିଫେଟ୍ ପାର୍ଥିବ ସଂରଚନାର ଧ୍ୱଂସକୁ ପରିଲକ୍ଷିତ କରିଥିଲା । ଏହି ଗୋଷ୍ଠୀ ଏହାର ଆଦ୍ୟ ଅବସ୍ଥାକୁ ହରାଇ ଥିଲା, କିନ୍ତୁ ଇରାକ୍, ସିରିଆ ଏବଂ ଆଫଗାନିସ୍ତାନରେ କୌଣସିମତେ ଏହାର ସ୍ଥିତିକୁ ବଜାୟ ରଖିବାରେ ସକ୍ଷମ ହେଲା। ଇରାନ୍ ପାଇଁ ଏହି ଆକ୍ରମଣ ଏକ ଭୟଙ୍କର ସମୟରେ ସଂଘଟିତ ହୋଇଛି, ଯେତେବେଳେ କି ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। ଏହି ଘଟଣାର ଦିନକ ପୂର୍ବରୁ ବିରୁଟ୍‌ରେ ଜଣେ ବରିଷ୍ଠ ହାମାସ୍ ନେତା ଏକ ଡ୍ରୋନ୍ ଆକ୍ରମଣରେ ପ୍ରାଣ ହରାଇ ଥିଲା, ଯାହା ପାଇଁ ଲେବାନନର ଅଧିକାରୀମାନେ ଇସ୍ରାଏଲକୁ ଦାୟୀ କରିଛନ୍ତି । ହେଜବୋଲ୍ଲା, ଯାହା ଅକ୍ଟୋବର ୭ ତାରିଖଠାରୁ ଇସ୍ରାଏଲୀ ସେନାଙ୍କ ସହିତ ଏକ ସୀମିତ ଉପାୟରେ ମିଶି କାମ କରି ଆସୁଛି, ତାହା ପ୍ରତିଶୋଧ ନେବାକୁ ଶପଥ ନେଇଥିଲା। ଅପର ପକ୍ଷରେ, ଇରାନ୍ ସମର୍ଥିତ ୟେମେନ୍‌ର ହାଉତି ବିଦ୍ରୋହୀମାନେ ଗତ ନଭେମ୍ବର ମାସର ଉତ୍ତରାର୍ଦ୍ଧଠାରୁ ବାରମ୍ବାର ବ୍ୟବସାୟିକ ଜାହାଜଗୁଡ଼ିକ ଉପରେ ଆକ୍ରମଣ କରି ଆସୁଛନ୍ତି। ଇରାନ୍-ସମର୍ଥକ ସିଆ ଆତଙ୍କବାଦୀମାନେ ଅକ୍ଟୋବର ୭ ତାରିଖଠାରୁ ଇରାକ୍ ଏବଂ ସିରିଆରେ ଆମେରିକୀୟ ସେନାବାହିନୀକୁ ଲକ୍ଷ୍ୟଭୁକ୍ତ କରି ଆକ୍ରମଣ କରି ଆସୁଥିବା ବେଳେ ଗୁରୁବାର ଦିନ ଏକ ଆମେରିକୀୟ ଆକ୍ରମଣ ଜଣେ ସିଆ ଆତଙ୍କୀ କମାଣ୍ଡରର ପ୍ରାଣହାନିର କାରଣ ହୋଇଛି । ଇସ୍ରାଏଲ-ହାମାସ୍ ଯୁଦ୍ଧ ଆଉ କେବଳ ଏଇ ଦୁଇ ପକ୍ଷଙ୍କ ଭିତରେ ସୀମିତ ହୋଇ ରହିନାହିଁ । ଏହା ସମଗ୍ର ଅଞ୍ଚଳକୁ ଏକ ନିଆଁର କୁଣ୍ଡଳୀ ଭିତରକୁ ନିକ୍ଷେପ କରିଛି । ତେଣୁ ଏସବୁଥିରୁ ସହଜରେ ଅନୁମେୟ ଯେ ବିଶ୍ୱର ଏଇ ଭାଗ ବର୍ତ୍ତମାନ ପ୍ରତିଶୋଧର ବହ୍ନିରେ ଜଳୁଛି। ସୁଲେମାନୀ, ଯାହାର ଶ୍ରାଦ୍ଧବାର୍ଷିକୀ ପାଳନ ହେଉଥିଲା, ଜଣେ ଇରାକୀ ଆତଙ୍କବାଦୀ କମାଣ୍ଡରଙ୍କ ଭାଷାରେ ସେ ଯାହା ଶିକ୍ଷା ଦେଉଥିଲା, ତାହା ହେଉଛି- 'ମୃତ୍ୟୁ ହେଉଛି ଜୀବନର ଆରମ୍ଭ, ଜୀବନର ଶେଷ ନୁହେଁ'କୁ ବିଚାର କଲେ ମନେହୁଏ ଯେ ସତେ ଯେମିତି ରକ୍ତପାତର ଶେଷ ନାହିଁ, କାରଣ ବାଗ୍‌ଦାଦରେ ଆମେରିକାଦ୍ୱାରା ଏକ ଲକ୍ଷ୍ୟଭୁକ୍ତ ଡ୍ରୋନ୍ ଆକ୍ରମଣରେ ତା'ର ନିଧନ ଘଟିବାର ଚାରିବର୍ଷ ପରେ ମଧ୍ୟ ସେହି ରକ୍ତରେ ହୋଲି ଖେଳ ଚାଲୁ ରହିଛି । ଆଉ ଏହା ପରେ ଆପଣାଛାଏଁ ପ୍ରଶ୍ନଟିଏ ସୃଷ୍ଟି ହୋଇଯାଏ ଯେ ଆତଙ୍କବାଦୀମାନଙ୍କର ଏହିସବୁ କାର୍ଯ୍ୟକଳାପ ଏବଂ ସେହିସବୁ ଦେଶମାନଙ୍କର ସଶସ୍ତ୍ର ସେନାବାହିନୀ, ଯେଉଁମାନେ ଆଧୁନିକ ଯୁଗରେ ମାନବ ଜୀବନର ପରିଭାଷାକୁ ନିର୍ଣ୍ଣୟ କରୁଛନ୍ତି, ସେମାନଙ୍କ ପାଇଁ ମାନବ ଇତିହାସର ଶାନ୍ତିର ମହାନ ଦୂତମାନଙ୍କ ବାଣୀର କି ତାତ୍ପର୍ଯ୍ୟ ବା ଅଛି !

## ଓଡ଼ିଶାର ଜୈବ ବିବିଧତା ଓ ସଂରକ୍ଷିତ ଜଙ୍ଗଲ



**ବାଦଲ ଭୂୟାଁ**

ସମଗ୍ର ବିଶ୍ୱରେ ଓଡ଼ିଶାର ଜୈବ ବିବିଧତା ଆଜି ସୁପରିଚିତ ଯାହାଫଳରେ ଲକ୍ଷ ଲକ୍ଷ ଦର୍ଶକ ଓଡ଼ିଶା ଆସୁଛନ୍ତି। ଏହାଦ୍ୱାରା ଓଡ଼ିଶାର ରାଜସ୍ୱ ବୃଦ୍ଧି ହେଉଛି ଏବଂ ସମଗ୍ର ବିଶ୍ୱରେ ଓଡ଼ିଶାର ସ୍ୱତନ୍ତ୍ରତା ସମସ୍ତେ ଜାଣିବାର ସୁଯୋଗ ପାଉଛନ୍ତି। ଏହା ଭିତରେ ବିଶ୍ୱ ପ୍ରସିଦ୍ଧ ଲାଭ କରିଛି ଭିତରକନିକା ଓ ଗହୀରମଥା। କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବନ୍ୟ ମଣ୍ଡଳୀ ମଧ୍ୟରେ ରହିଛି ଜାତୀୟ ଉଦ୍ୟାନ ଭିରତକନିକା ଓ ଗହୀରମଥା। ହେନ୍ତାଳ ବଣ, ଯାହା ବ୍ରାହ୍ମଣୀ, ବୈତରଣୀ ଓ ଧାମରା ନଦୀର ତ୍ରିକୋଣ ଭୂମିରେ ରହିଛି ୬୭୨ ବର୍ଗ କିଲୋମିଟରର ଏହି ଜାତୀୟ ଉଦ୍ୟାନ। ଜୈବ ବିବିଧତାର ହଟସ୍ପଟ ଭାବେ ପରିଚିତ ଭିତରକନିକା ଉଦ୍ୟାନରେ ଦେଶର ୭୦ ପ୍ରତିଶତ ଲୁଣିପାଣି କୁମ୍ଭୀର ରହୁଥିବା ବେଳେ ମାଛରଙ୍କା, କାଠହଣା, ବଗ ଭଳି ୧୭୦ରୁ ଅଧିକ ପ୍ରକାରର ପକ୍ଷୀ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଯାହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ପ୍ରାକୃତିକ ଭାରସାମ୍ୟ ରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି।

ସଂରକ୍ଷିତ ଜଙ୍ଗଲ ଆଇନ-୪ ଅକ୍ଟୋବର ୧୯୬୧ ରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗ ପକ୍ଷରୁ ଭିତରକନିକାକୁ ପ୍ରୋଟେକ୍ଟେଡ ଫରେଷ୍ଟ ସଂରକ୍ଷିତ ଜଙ୍ଗଲ ଭାବେ ଘୋଷଣା କରାଗଲା। ଏହାର ପରିସୀମା କନିକା ଜଙ୍ଗଲକୁ ଚିହ୍ନଟ ନ କରି ରାଜନଗର, ରାଜକନିକା, ଆଳି, ମହାକାଳପଡ଼ା, ଚାନ୍ଦବାଲି, ବାଂଶଡା, ତିହିଡି ପ୍ରଭୃତି ପୂର୍ବତନ କନିକା ଜମିଦାରୀ ଅଞ୍ଚଳକୁ ସଂରକ୍ଷିତ ଜଙ୍ଗଲ ଭାବେ ଘୋଷଣା କରାଗଲା। ଭିତରକନିକା ଅଭୟାରଣ୍ୟ ୨୨ ଅପ୍ରେଲ ୧୯୭୫ରେ ଭିତରକନିକା ୬୭୨ ବର୍ଗ କିଲୋମିଟର ଅଞ୍ଚଳକୁ ରାଜ୍ୟ ସରକାର ଅଭୟାରଣ୍ୟ ରୂପେ ଘୋଷଣା କଲେ। ଏହା ନିର୍ଦ୍ଦିଷ୍ଟ ଜଙ୍ଗଲ ଅଞ୍ଚଳକୁ ବାଦ ଦେଲେ ଜାତୀୟ ଉଦ୍ୟାନ ମଧ୍ୟରେ କିଛି ଜନବସତି ଏବଂ ଅଞ୍ଚଳର ସୁରକ୍ଷା କବଚ ଲୁଣା ଘେରିବନ୍ଧକୁ ସୀମା ସରହଦ ଘୋଷଣା କରାଗଲା। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଭିତରକନିକା ସଂଲଗ୍ନ ବିସ୍ତୀର୍ଣ୍ଣ ବେଳାଭୂମିର ସମୁଦ୍ର ଭିତରକୁ ୨୦ କିମି ଅଞ୍ଚଳକୁ ୨୭ ସେପ୍ଟେମ୍ବର ୧୯୯୭ରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଭାବେ ଘୋଷଣା କରାଗଲା। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳକୁ ବର୍ଷ ତମାମ ନୋ ଫିସିଙ୍ଗ ଜୋନ ଭାବେ ଘୋଷଣା କରାଗଲା। ଏହା ଭାରତର ପ୍ରଥମ ସାମୁଦ୍ରିକ ଅଭୟାରଣ୍ୟର ମାନ୍ୟତା ପାଇଛି। ରାମସାର ସାଇଟ ୨୦୦୨ ମସିହାରେ ଭିତରକନିକାକୁ ଅନ୍ତର୍ଜାତୀୟ ରାମସାର ସାଇଟର ମାନ୍ୟତା ମିଳିଛି। ଭିତରକନିକାକୁ ରାମସାର ସାଇଟ ରୂପେ ଘୋଷଣା କରାଯାଇଥିବା ବେଳେ ଅନ୍ତର୍ଜାତୀୟ ଆର୍ଦ୍ରଭୂମିର ମାନ୍ୟତା ମିଳିସାରିଛି।

୨୦୧୫ ଜୁନ ୦୬ ତାରିଖରେ ଭିତରକନିକା ମ୍ୟାନଗ୍ରୁପ ଡିଭିଜନ ୨ କିମି ଯାଏଁ ପରିଧିକୁ ପରିବେଶ ଜୋନ ଭାବେ ଘୋଷଣା କରାଯାଇଛି। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଥିବା ଗେଜେଟ ଅନୁଯାୟୀ ହେନ୍ତାଳବନ ଫରେଷ୍ଟ ଡିଭିଜନ, ୱାଇଲଡ ଲାଇଫର ୩ଟି ପ୍ରୋଟେକଟେଡ ଏରିଆ ଭିତରକନିକା ୱାଇଲଡ ଲାଇଫ ସାନଚୁରୀ (୧୯୭୫), ଗଭୀରମଥା ସାମୁଦ୍ରିକ ଅଭୟାରଣ୍ୟ (୧୯୯୭), ଭିତରକନିକା ନ୍ୟାସନାଲ ପାର୍କ (୧୯୯୮),ର ବାଉଣ୍ଡାରୀରୁ ୨ କିମି ଯାଏଁ ପରିଧିକୁ ପରିବେଶ ସ୍ପର୍ଶକାତର ଅଞ୍ଚଳ ଇକୋ ସେନସିଟିଭ ଜୋନ ଭାବେ ଘୋଷଣା କରାଯାଇଛି। ୧୯୭୦ ମସିହା ମଧ୍ୟ ଭାଗରେ କରାଯାଇଥିବା ଏକ ସର୍ଭେରେ ଭାରତ ବର୍ଷରେ କୁମ୍ଭୀର ମାନଙ୍କ ସଂଖ୍ୟା ନଗଣ୍ୟ ବୋଲି ଜଣାପଡ଼ିଥିଲା। ୧୯୭୫ ମସିହାରେ ୧୧୫ ବର୍ଗ କିଲୋମିଟର ଅଞ୍ଚଳରେ ୫୦ ଲକ୍ଷ ବ୍ୟୟରେ ଦେଶର ପ୍ରଥମ ବଉଳା କୁମ୍ଭୀର ଗବେଷଣା ଓ ସଂରକ୍ଷଣ କେନ୍ଦ୍ର ଗଢ଼ି ଉଠିଥିଲା। ପ୍ରଥମେ ୩୪ଟି ପରିପକ୍ୱ କୁମ୍ଭୀରଙ୍କ ସହିତ ୯୬ଟି କୁମ୍ଭୀରଙ୍କୁ ନେଇ ଏହି ଯୋଜନା ଆରମ୍ଭ ହୋଇଥିଲା। ଭାରତର ଦ୍ୱିତୀୟ ବୃହତ୍ତମ ଲୁଣା ଜଙ୍ଗଲ ଭିତରକନିକା। ୧୯୭୫ରେ ୬୭୨ ବର୍ଗକିଲୋମିଟର ଅଞ୍ଚଳକୁ ଭିତରକନିକା ଅଭୟାରଣ୍ୟ ଭାବେ ଘୋଷଣା କରାଯାଇଥିବା ବେଳେ ୧୯୯୮ରେ ୧୪୫ ବର୍ଗ କିଲୋମିଟର ଅଞ୍ଚଳ ଭିତରକନିକା ଜାତୀୟ ଉଦ୍ୟାନ ଭାବେ ମାନ୍ୟତା ପାଇଛି।

ଅନୁକୂଳ ପରିବେଶ ଥିବାରୁ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଓ ହଜାର ହଜାର କିଲୋମିଟର ଅତିକ୍ରମ କରି ପ୍ରତିବର୍ଷ ଲକ୍ଷାଧିକ ପକ୍ଷୀ ସୁଦୂର ମାଲେସିଆ, ଆମେରିକା, ଶ୍ରୀଲଙ୍କା, ପାକିସ୍ଥାନ, ଜାପାନ, ଆଫଗାନିସ୍ଥାନ, ବଙ୍ଗଳାଦେଶ ଆଦି ଦେଶରୁ ଭିତରକନିକାକୁ ଆସିଥାନ୍ତି।

୧୯୭୨ ମସିହାରେ କାଳିଭଞ୍ଜଡିଆରେ ଭିଡ଼ ଜମାଉଥିବା ଦେଶୀୟ ପକ୍ଷୀ ୧୯୮୧ରୁ ଶୁଆଯୋରରେ ବସା ବାନ୍ଧିଥିଲେ। ୧୯୮୮ରୁ ଶୁଆଯୋରରୁ ଠିକଣା ବଦଳାଇ ବଗଗହନକୁ ସ୍ଥାୟୀ ଠିକଣା କରିଥିଲେ ଦେଶୀୟ ପକ୍ଷୀ। ୧୯୮୮ରୁ ୨୦୧୬ ମସିହା ଯାଏଁ ଦୀର୍ଘ ୨୮ ବର୍ଷ ଧରି ଦେଶୀୟ ପକ୍ଷୀଙ୍କ ସ୍ଥାୟୀ ଠିକଣା ହୋଇଥିଲା ବଗଗହନ। ଓଡ଼ିଶାର ଜଙ୍ଗଲ ଓ ପରିବେଶ ବିଭାଗ ଭାରତ ସରକାରଙ୍କ ଠାରୁ ଅନେକ ଥର ଓଡ଼ିଶାରେ କ୍ରମାଗତ ଜଙ୍ଗଲ ସୃଷ୍ଟି, ପ୍ରକୃତିଗତ ହେନ୍ତାଳ ବଣର ସୁରକ୍ଷା ପାଇଁ ସମ୍ମାନ ଓ ଗୌରବର ହକଦାର ହୋଇଛି। ଏସବୁର ଶ୍ରେୟ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର। ସୂଚନାଥାଉକି ଏହାର ଦାୟିତ୍ୱରେ ରହିଥିବା ମନ୍ତ୍ରୀ ପ୍ରଦୀପ ଅମାତ ଜଣେ କର୍ମ ଦକ୍ଷ ଓ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ। ଏହି ବିଭାଗ ତାଙ୍କ ଅଧୀନରେ ରହିଥିବାରୁ ଓଡ଼ିଶାରେ ଜଙ୍ଗଲ ବଢ଼ାଇବା ସହ ଆଦିବାସୀମାନଙ୍କର ଜଙ୍ଗଲ ସହିତ ଭାବଗତ ସମ୍ପର୍କ ଓ ସରକାର କିପରି ରାଜସ୍ୱ ପାଇବେ ସର୍ବୋପରି ଓଡ଼ିଶାର ଜଙ୍ଗଲ ବିଭାଗର ସୁନାମ କିପରି ବୃଦ୍ଧି ପାଇବ ସେ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି। ଭିତରକନିକାର ଜାତୀୟ ଉଦ୍ୟାନର ବିକାଶ ପାଇଁ ସେ ବିଶ୍ୱସ୍ତରୀୟ ସହଯୋଗ ଓ ପ୍ରଚେଷ୍ଟା ଜାରି ରଖି ଏହାର ଶ୍ରୀବୃଦ୍ଧି କରିପାରିଛନ୍ତି। ଯାହାର ଫଳ ସ୍ୱରୂପ ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ଜୈବ ବିବିଧତା ମଧ୍ୟରେ ୬୩ ପ୍ରକାର ଲୁଣି ହେନ୍ତାଳ ଗଛ, ୩୨୨ ପ୍ରକାର ପକ୍ଷୀ (ମାଛରଙ୍କା, ଗେନ୍ଦାଖିଆ, ବଣି, ବଗ, କାଠହଣା) ସରୀସୃପ ଅହିରାଜ, ଅଜଗର, ଗୋଖର, ତମ୍ପ ସାପ, ଘଡ଼ିଆଳ କୁମ୍ଭୀର (୧୮୪୦ଟି)ସାମୁଦ୍ରିକ ଗୋଧି ଓ ସାପ, ଭେକଟି, ବାଳିଆ, ଚିତଳ, ଖଙ୍ଗା, ଇଲିଶି ମାଛ, କଙ୍କଡା, ଚିଙ୍ଗୁଡ଼ି ପ୍ରଚୁର ମିଳେ। ଓଡ଼ିଶାର ସଂରକ୍ଷିତ ଜଙ୍ଗଲ ଓ ବିବିଧ ଭରା ଭିତରକନିକା ପରି ବିଭିନ୍ନ ଉଦ୍ୟାନ ଏବେ ସମଗ୍ର ଭାରତରେ ଶ୍ରେଷ୍ଠ ସ୍ଥାନରେ ପହଞ୍ଚି ପାରିଛି।


ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର,
ମୋ : ୭୪୮୮୯୯୮୫୩୨


## ନିଶା ଦୂରେଇବା, ଜୀବନ ଗଢ଼ିବା



**ଦେବରାଜ ପଟ୍ଟନାୟକ**

ଓଡ଼ିଶା ସରକାର ଏକ କ୍ରାନ୍ତିକାରୀ ଓ ସୁନ୍ଦର ଯୋଜନା ପ୍ରଣୟନ କରିଛନ୍ତି ଯାହା ଆମ ଭବିଷ୍ୟତର ଆଗାମୀ ଉଜ୍ଜ୍ୱଳ ତାରାକା କୁହାଯାଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ସଞ୍ଜିବନୀ ଦିଗଦର୍ଶନ କହିଲେ ଅତ୍ୟୁକ୍ତି ହେବନାହିଁ। ଏଣିକି ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବା ସମୟରେ ବିଧିବଦ୍ଧ ଭାବେ ଏକ ଘୋଷଣାନାମାରେ ଛାତ୍ରଛାତ୍ରୀମାନେ ନିଶା ଖାଇବେ ନାହିଁ ବୋଲି ସ୍ୱାକ୍ଷର କରିବେ। ଯେଉଁଥିରେ ତମାଖୁ ଓ ମଦ୍ୟପାନ ସମେତ ଅନ୍ୟ ନିଶାଦ୍ରବ୍ୟର ଭୟାବହତା ଓ ଉଦବେଗଜନକ ସ୍ଥିତି ସମ୍ପର୍କରେ ଅବଗତ ଥିବା, ଶିକ୍ଷାୟତନ କ୍ୟାମ୍ପସ ଭିତରେ ନିଶା ଦ୍ରବ୍ୟ ସେବନ ନକରିବା ଏବଂ ଏହାସହ ନିଜ ଶିକ୍ଷାୟତନ ପରିସର ଭିତରେ କୌଣସି ନିଶା ଦ୍ରବ୍ୟ ସମ୍ପର୍କିତ କାର୍ଯ୍ୟକଳାପ ସଂଗଠିତ ହେଉଥିଲେ ଏନେଇ ନିଜ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ସାମଗ୍ରିକ ସଚେତନତାର ସହଯୋଗ ଯୋଗାଇବେ ବୋଲି ଉଲ୍ଲେଖ ରହିବ। ଏହାସହ ଏହି ଘୋଷଣାନାମାରେ ସେମାନଙ୍କ ନାମ, ପିତାଙ୍କ ନାମ, ସେମାନଙ୍କର ପାଠ୍ୟକ୍ରମର ସୂଚନା ଓ କେତେ ବର୍ଷ ପାଇଁ ଶିକ୍ଷା ଗ୍ରହଣ କରିବେ ସେ ନେଇ ଜଣାଇବେ। ନିଶାମୁକ୍ତ ଭାରତ ଅଭିଯାନକୁ ସଫଳ କରିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟ ଅଧୀନରେ ଥିବା ଉଚ୍ଚଶିକ୍ଷା ବିଭାଗ ଓ କେନ୍ଦ୍ର ସାମାଜିକ ନ୍ୟାୟ ସଶକ୍ତିକରଣ ବିଭାଗ ଏଭଳି ନିଷ୍ପତି ନେଇଛନ୍ତି। ତେବେ ଏହି ଅଭିଯାନ ନିଶ୍ଚିନ୍ତ ଭାବେ ଆମ ଛାତ୍ର ଓ ଯୁବପିଢ଼ୀଙ୍କୁ ଖରାପ ରାସ୍ତାରୁ ଦୂରେଇ ଅପରାଧିକ କାର୍ଯ୍ୟକଳାପକୁ ଆଉ ସୃଷ୍ଟି କରିବାର ସୁଯୋଗ ମଧ୍ୟ ଦେବନାହିଁ। କ୍ୟାମ୍ପସକୁ ତମାଖୁ ଓ ନିଶାମୁକ୍ତ ସୁନିଶ୍ଚିତ କରିବାକୁ ଛାତ୍ରଛାତ୍ରୀମାନେ ଘୋଷଣା କରିବେ। କୋଟପା ଆଇନ-୨୦୦୩ ଅନୁଯାୟୀ ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ଗାଇଡ଼ଲାଇନକୁ କଡ଼ାକଡ଼ି ଲାଗୁ କରିବାକୁ କର୍ତ୍ତୃପକ୍ଷ ସୂଚୀତ କରିଛନ୍ତି। ଏ କ୍ଷେତ୍ରରେ ଜାତୀୟ ସେବା ଯୋଜନା ସଦସ୍ୟମାନେ ସହଯୋଗ କରିବେ। ସରକାରଙ୍କ ଏହି ପଦକ୍ଷେପ ନିଶ୍ଚିନ୍ତ ଭାବେ ଶିକ୍ଷାମହଲ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନିକ କ୍ଷେତ୍ରକୁ ଅତ୍ୟନ୍ତ ଆନନ୍ଦିତ କରିଛି। ଛାତ୍ରଛାତ୍ରୀମାନେ ହେଉଛନ୍ତି ଆମ ସମୟର ଉଜ୍ଜ୍ୱଳତମ ଭବିଷ୍ୟତ। ସେମାନଙ୍କ ପ୍ରତିଭା ଓ ଗୌରବ କେବଳ ସେମାନେ ପିତାମାତା ବା ବିଦ୍ୟାଳୟ ନୁହେଁ ସମଗ୍ର ସମାଜ ପାଇଁ ଆଦର୍ଶଣୀୟ ଅଟେ। ଅନେକ ପିଲାମାନେ ବିପଥଗାମୀ ହୋଇଯାଇଥାନ୍ତି ଏହି ନିଶାଦ୍ରବ୍ୟ ପାଇଁ। ତେବେ ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁଦାୟିତ୍ୱ ରହିଛି। ଆସନ୍ତୁ ଆମେ ସମସ୍ତେ ଏକ ନିଶାମୁକ୍ତ ଓ ସୁନ୍ଦର ସୁଜ୍ୱଳ ଶିକ୍ଷାୟତନ ପରିସର ସୃଷ୍ଟି କରିବା, ଆମ ଶିକ୍ଷାୟତନର ଗୌରବ ବଢ଼ାଇବା ସହ ନିଜ ବ୍ୟକ୍ତିତ୍ୱ ଓ ସମୁଜ୍ଜଳ ଭବିଷ୍ୟତ ତିଆରି କରିବା।


ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ,
ମିଶନ ରୋଡ଼, ବକ୍ସି ବଜାର, କଟକ,
ମୋ: ୯୮୬୧୧୮୭୨୧୨


## ଶିକ୍ଷାନୁଷ୍ଠାନ ମାନଙ୍କରେ ଶିକ୍ଷାର୍ଥୀମାନଙ୍କୁ 'ନିଶା ଛୁଇଁବି ନାହିଁ' ଘୋଷଣାନାମା ଦାଖଲ କରିବା ପର୍ଯ୍ୟନ୍ତ ଗଲା



**ସୁବ୍ରତ କର**

ସରକାରମାନେ (ଦିଲ୍ଲୀ ହେଉ ବା ଭୁବନେଶ୍ୱର) ବାଧ ହେଲେ ଏବଂ ଏବେ ବୁଝି ପାରିଲେ ନିଶା ଉପରେ ଅଙ୍କୁଶ ନ ଲଗାଇଲେ ଆଉ ଭବିଷ୍ୟତରେ ସମ୍ଭାଳିବା କଷ୍ଟକର ହେବ । ମୁଁ ଭାବୁଛି ଟିକିଏ ଡେରୀ ହୋଇଗଲା ଏବଂ ଏହା ଯଥେଷ୍ଟ ଆଗରୁ କରିବାର ଥିଲା । ଏ ବିଷୟରେ ଆମ ରାଜ୍ୟ ଉପରେ ନଜର ରଖିବା । ଆମ ସରକାରଙ୍କ ନିଶା ସଂକ୍ରାନ୍ତରେ ୫ଟି ବିଭାଗ ଜଡ଼ିତ । ନିଶା ବିକ୍ରି କରିବା ବିଭାଗ (ଅବକାରୀ), ନିଶା ଆଉ ନ ବଢୁ (ବିଦ୍ୟାଳୟ ଗଣଶିକ୍ଷା ବିଭାଗ), ସ୍ୱାସ୍ଥ୍ୟ ବିଭାଗ ଏବଂ ସାମାଜିକ ସୁରକ୍ଷା ବିଭାଗ) । ଏବେ ଦେଖିବା କେଉଁ ବିଭାଗର କଣ ଦାୟିତ୍ୱ ରହିଛି । ଅବକାରୀ ବିଭାଗକୁ ଦାୟିତ୍ୱ ମିଳିଛି କେତେ ମଦ ବିକ୍ରି କରି ସରକାରଙ୍କ ତହବିଲକୁ ମଜବୁତ କରିବ । ବର୍ଷକୁ ଯେଉଁ ଜିଲ୍ଲା ଯେତେ ବେଶି ବିକ୍ରି କରି ପାରିବେ ସେ ଜିଲ୍ଲାର ସେହି ଅଫିସରଟି ସରକାରଙ୍କ ସୁନା ପିଲା ଏବଂ ତାହାକୁ ସରକାରଙ୍କ ତରଫରୁ ଅଭିନନ୍ଦନ କରାହୁଏ ଏବଂ ଶିଘ୍ର ଉପର ପାହ୍ୟାକୁ ଯିବାକୁ ସୁଯୋଗ ମିଳେ । ଆଉ ସାମାଜିକ ସୁରକ୍ଷା ବିଭାଗର ଦାୟିତ୍ୱ ହେଲା ସ୍କୁଲ, କଲେଜ ଏବଂ ଗାଁ ଗହଳିରେ ପିଲାମାନଙ୍କୁ ଏବଂ ସାଧାରଣ ଲୋକଙ୍କୁ ବୁଝାଇବା ଏବଂ ଦେଖିବା ନିଶା କେମିତି ଲୋକଙ୍କ ପାଖରୁ ଦୂରେଇ ରହୁ । ସ୍ୱାସ୍ଥ୍ୟ ବିଭାଗର କାମ ଅତି ନିଶାଶକ୍ତ ବ୍ୟକ୍ତିମାନଙ୍କୁ କେମିତି ସୁଧେରେଇ ହେବ ଏବଂ ନିଶାକୁ ଛାଡ଼ିବାର ବ୍ୟବସ୍ଥା କରିବା। ଏବେ ଏବେ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗକୁ ଦାୟିତ୍ୱ ଦିଆହେଲା ଯେ ପିଲାମାନେ, ସ୍କୁଲ ହେଉ କଲେଜ ବା ବିଶ୍ୱବିଦ୍ୟାଳୟ ସ୍ତରରେ ପଢ଼ିଲା ବେଳେ ଏକ ଘୋଷଣାନାମା ଦାଖଲ କରିବାକୁ ପଡ଼ିବ ଯେ କ୍ୟାମ୍ପସରେ ନିଶା ଛୁଇଁ ବି ନାହିଁ ବା ନିଶା ସେବନ କରିବି ନାହିଁ । ଏହା ନିଶ୍ଚିତ, ଡେରି ହେଲ ମଧ୍ୟ ସରକାର ମାନଙ୍କଠାରୁ ଏକ ନିଆରା ପଦକ୍ଷେପ । ପୁଣି ଏଇଠି ପ୍ରଶ୍ନ ଉଠୁଛି ପିଲାମାନଙ୍କ ପାଠ ପଢ଼ିବା ସମୟ ମାତ୍ର ୬ ଘଣ୍ଟା । ଏହା ପରେ ଏହି ପିଲାମାନଙ୍କୁ ଜଗିବ କିଏ ? ହଜାର ହଜାର ସ୍କୁଲ କଲେଜ ବାହାରେ ସରକାରଙ୍କ ଠାରୁ ଅନୁମତି ନେଇ ମଦ ଦୋକାନ ସବୁ ଖୋଲା ହୋଇଛି ଏବଂ ଏହାର ସଂଖ୍ୟା ପ୍ରତିଦିନ ବଢ଼ି ବଢ଼ି ଚାଲିଛି । ମୂଳ କାରଣ ବର୍ଷକୁ ସରକାରଙ୍କ ରୋଜଗାର ଆରାମରେ ବଢ଼ି ବଢ଼ି ଚାଲିଛି। ଏହା ପାଇଁ କୌଣସି ସରକାରୀ ଅଫିସରଙ୍କୁ କଷ୍ଟ କରିବାକୁ ପଡ଼ି ନଥାଏ । ଏହା ଦ୍ୱାରା ସରକାରୀ ଅଫିସର ଛଡ଼ା ଅନ୍ୟ ବହୁତ ଲୋକ ଲାଭବାନ ହୋଇ ଥାଆନ୍ତି । ଏହାକୁ ସରକାର କେବେ ଛାଡ଼ି ପାରିବେ ନାହିଁ। ସେଇଥି ପାଇଁ ଏହି ଘୋଷଣା ପତ୍ର ଦାଖଲ କରି ବିଶେଷ କିଛି ସୁବିଧା ହେବ ନାହିଁ । ଏକମାତ୍ର ରାସ୍ତା ହେଉଛି ସରକାର ଯଦି ସିଗାରେଟ ବନ୍ଦ କରିଲା ଭଳି ଏକ ଆଇନ ଆଣି ପାରନ୍ତେ ଏବଂ ରୋଜଗାର ହେଉଥିା ୬୦୦୦ କୋଟି ଟଙ୍କାକୁ ଛାଡ଼ି ଦେଇ ସବୁ ମଦ ଦୋକାନକୁ ବନ୍ଦ କରି ପାରନ୍ତେ ତେବେ ସାମାଜିକ ଏବଂ ଅର୍ଥନୈତିକ ସ୍ତରରେ ବହୁତ ପରିବର୍ତ୍ତନ ଆସି ପାରନ୍ତା। ଏବେ ସରକାରଙ୍କ ଇଚ୍ଛା ।

## କବିତା କୋଣାର୍କ

### ନୂଆ ବରଷ
**ସ୍ନିଗ୍ଧା ରାଣୀ ସିଂହ**



ସମୟ ଚାଲିଛି ସମୟ ବାଟରେ
ଘଣ୍ଟା ଦେଉ ଅଛି ତାଳ,
ସେକେଣ୍ଡ ସହିତ ମିନିଟ୍ କଣ୍ଟାର
ରହି ଥାଏ ସୂକ୍ଷ୍ମ ମେଳ।
ଷାଠିଏ ସେକେଣ୍ଡରେ ଏକ ମିନିଟ୍ ହୁଏ
ଷାଠିଏ ମିନିଟ୍‌ରେ ଘଣ୍ଟାଏ,
ଚବିଶି ଘଣ୍ଟାରେ ଏକ ଦିନ ହୁଏ
ସାତ ଦିନକୁ ସପ୍ତାହେ ।
ପନ୍ଦର ଦିନରେ ଏକ ପକ୍ଷ ପୁଣି
ଦୁଇ ପକ୍ଷେ ଏକ ମାସ,
ଦୁଇ ମାସ ମିଶି ଏକ ଋତୁ ହୁଏ
ଛଅ ଋତୁ ରେ ବରଷ ।
ମିନିଟ୍, ସେକେଣ୍ଡ, ଘଣ୍ଟା ପୁଣି ଦିନ
ପକ୍ଷ,ମାସ ସାଥେ ତିଥି,
ବରଷ ସରିଲା ଜଣା ପଡିଲାନି
ରହି ଗଲା କିଛି ସ୍ମୃତି ।

ସୂର୍ଯ୍ୟ ଚାରି ପଟେ ବୁଲି ଚାଲି ଥିଲେ
ନଅଟି ଶୀତଳ ଗ୍ରହ,
ଧରଣୀ ମାଆ ମୋ ପରିକ୍ରମା ସାରି
ବାହୁଡ଼ିଲେ ନିଜ ଗୃହ ।
ତିନି ଶ' ପଞ୍ଚଷଠି ଦିନରେ ସରିଲା
ଗୋଟିଏ ଥର ଭ୍ରମଣ,
ସୂର୍ଯ୍ୟ ସ୍ଥିର ହୋଇ ରଶ୍ମି ଢାଳୁଥିଲେ
ଚନ୍ଦ୍ର ଦେଉଥିଲେ କିରଣ ।
କେତେ ରାଗ, ରୋଷ କେତେ
ଅଭିମାନ

କେତେ ଭୋଜି ଆୟୋଜନ,
ଗୋଟି ଗୋଟି କରି ମନେ ପଡୁ ଅଛି
ଥିଲା ଯା' ବିଧି ବିଧାନ ।
ବିତି ଯାଇ ଅଛି ଯେଉଁ ଦିନ ସବୁ
ଆଉ ତ ଫେରିବ ନାହିଁ,
ଭୁଲ କରି ଥିଲେ ପଶ୍ଚାତାପ ଥିବ
ହୃଦରୁ ଲିଭିବ ନାହିଁ ।
ନୂଆ ବରଷରେ ନୂଆ ଚିନ୍ତାଧାରା
ମିଠା ମିଠା ହସ କଥା,
ସମସ୍ତଙ୍କୁ ବାନ୍ଧି ରଖୁ ସ୍ନେହ ଡୋରେ
ମନେ କା' ନ ଲାଗୁ ବ୍ୟଥା ।
ନୂଆ ଉନ୍ମାଦନା ନୂଆ ଉଦ୍ଦୀପନା
ନୂଆ ସୁନ୍ଦର ଭାବନା,
ମନ ଭରି ଯାଉ ନୂତନ ପୁଲକେ
ପ୍ରଭୁଙ୍କୁ ଏହି ଯାଚନା ।
ନୂଆ ବରଷଟି ହସି ଉଠୁ ଥାଉ
ସ୍ନେହ,ଶ୍ରଦ୍ଧା,ମମତାରେ,
ଗୁହାରୀ କରୁଛି ତୋ ଠାରେ ଜଗା ମୁଁ
ଉଭା ହୁଅ ମର୍ତ୍ତ୍ୟ ପୁରେ ।
ଉଭା ହୁଅ ମର୍ତ୍ତ୍ୟ ପୁରେ।।


+ମାର୍ଫତ୍- ଡାକ୍ତର ସୁନିଲ କୁମାର ପଣ୍ଡା
ଶିଶୁ ରୋଗ ବିଶେଷଜ୍ଞ
ଆଠମଲ୍ଲିକ,ଅନୁଗୁଳ
ମୋ: ୯୯୩୭୭୯୦୭୨୧


### ଶୀତରାତି
**ଚନ୍ଦ୍ରାଂଶୁ ବାନାର୍ଜୀ**

ଶୀତରାତି,
ବଡ଼ ରାତି,
ସ୍ୱପ୍ନ ଅସୁମାରୀ ।

ଏମିତି ସ୍ୱପ୍ନ ଦେଖୁ ଦେଖୁ,
ଆସିଯାଏ ବର୍ଷର ଶେଷରାତି ।
ନିଶାର୍ଦ୍ଧରେ କହେ,
ବର୍ଷଟିଏ ଯାଇଛି ସରି ।
ମେଲାଣି ଦିଅ ମୋତେ,
ପ୍ରସ୍ତୁତ ହୁଅ ସ୍ୱାଗତ କରିବାକୁ,
ଆଉ ଏକ ନୂଆବର୍ଷକୁ ।
ସେ ନୁହେଁ ତେଇଶି,
ସେ ଅଟେ ଚବିଶି ।
ପୁଣି ନୂଆ ନୂଆ ସ୍ୱପ୍ନ ଦେଖିବାର
ସମୟ,
କେତେ ସ୍ୱପ୍ନ, ସମ୍ଭାବନା ଓ
ଉଦ୍ଦୀପନା,
ଭରିଛି କୋଣେ ଅନୁକୋଣେ ।
ଏମିତି ମଣିଷ ଜୀବନର ରୀତି,
ଶୀତରାତି ତା'ର ଶେଷ ସାକ୍ଷୀ ।


+ଶ୍ରୀବିହାର, ଶ୍ରୀକଣ୍ଠପୁର,
ବାଲେଶ୍ୱର
ମୋ: ୯୩୩୮୪୯୪୩୨୩


### ଶୀତରାତି
**ପ୍ରଦୀପ୍ତ କୁମାର ମିଶ୍ର**

ଜୀବନ କେମିତି
ମୁଁ ଯଦି ପଚାରେ ଜୀବନ କେମିତି
ଉତ୍ତର ଆସେ ବଞ୍ଚିବାହିଁ ଜୀବନ,
କିଏ କିଏ କହେ ଏହାଏକ
ବଞ୍ଚିବାର କଳା
ଦୌଡ଼ର ବିଜ୍ଞାନ
ଚିନ୍ତନର ପରିସଂଖ୍ୟାନ
ଭାବନାର ଜ୍ୟାମିତି।
ପୁଣି ଜୀବନର ସଂଜ୍ଞା ଅନେକ ଜଟିଳ
ଦର୍ଶନରେ କ୍ଷଣସ୍ଥାୟୀ ପୁଣି ଲମ୍ବାରାସ୍ତା
ବିଜ୍ଞାନରେ ସଂଜ୍ଞାହୀନ, ଗତିଶୀଳ
ରାସାୟନିକ
ଉଥଲ ପୁଥଲ।
ଭାବନାରେ ଜନ୍ମରୁ ମରଣଯାଏ,
ଧର୍ମରେ ଆତ୍ମା ଆତ୍ମାର ଖେଳ।
ଭାବେ ଜୀବନ କେୱଳ ସମୟର ଖେଳ
ସ୍ମୃତିସମ୍ପନ୍ନ ଦୌଡ଼
ଯେତେ ଅର୍ଜିବୁ ହଜିଯିବ, ଯେତେ
ହଜିବ ସେତେ
ଅର୍ଜିତ ରହିବ ଅଣନିଶ୍ୱାସୀ ବିର୍ତ୍ତନର ।


+ଅରେଇ, ଯାଜପୁର
ମୋ: ୯୬୫୮୬୧୪୭୨୮


### ତୁମ ପାଇଁ କିଛି ଶବ୍ଦ...
**ରାମଚନ୍ଦ୍ର ବେହେରା**



ବସନ୍ତର ମୃଦୁ ମଳୟରେ ତୁମେ
ଆମ୍ବ ବଉଳର ବାସ୍ନା
କି ବଖାଣିବି ତବ ସୂକ୍ଷ୍ମ ସ୍ମିତ ହାସ୍ୟ
ସତେ କି ମଧୁ ମୂର୍ଚ୍ଛନା।

ବୈତରଣୀ ପରି ପୂର୍ଣ୍ଣତୋୟା ତୁମେ
କେବେ ସ୍ୱର୍ଗ ପାରିଜାତ
ଫୁଲର ଚାନ୍ଦିନୀ ଫଗୁଣ ନନ୍ଦିନୀ
ଜୀଇଁବାର ପ୍ରାଣ ସ୍ରୋତ
ପତ୍ରଝଡା ବୃକ୍ଷେ ନୂଆ ପତ୍ର ତୁମେ
ମୋ ମନର ମୃଗତୃଷ୍ଣା
ବସନ୍ତର ମୃଦୁ ମଳୟରେ ତୁମେ
ଆମ୍ବ ବଉଳର ବାସ୍ନା।

ଶ୍ରାବଣର ତୁମେ ଝର ଝର ଧାରା
ପ୍ରାତଃ ଦୂବର କାକର
କେତେବେଳେ ତୁମେ ଜଳନ୍ତା
ପ୍ରଦୀପ
ମୋର ମନ ମନ୍ଦିରର

କେତେବେଳେ ତୁମେ ନୃତ୍ୟାଭି ହରିଣ
ପ୍ରଫୁଲ୍ଲତା ସୁନୟନା
ବସନ୍ତର ମୃଦୁ ମଳୟରେ ତୁମେ
ଆମ୍ବ ବଉଳର ବାସ୍ନା।

ଚଇତର ତୁମେ ବକୁଳ ମହକ
କୋଇଲିର କୁହୁତାନ
ମାଘର ନରମ କମ୍ବଳର ତଳେ
ଭରିଥାଅ ଦେହେ ଉଷ୍ମ
ଗୋଧୂଳିର ତୁମେ ବୁଡୁଥିବା ସୂରୁଜ
ଚନ୍ଦ୍ରମାର ଶୁଭ୍ର ଜ୍ୟୋତ୍ସ୍ନା
ବସନ୍ତର ମୃଦୁ ମଳୟରେ ତୁମେ
ଆମ୍ବ ବଉଳର ବାସ୍ନା।


+ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୬୩୪୩୪୬



# ମା'ର କୋଳ

**ଘନଶ୍ୟାମ ପଲେଇ**



ଛୋଟ ଝୁମ୍ପୁଡି ଜଳଖିଆ ଦୋକାନଟିଏ । ସେଇଥିରୁ ଯାହା ଦୁଇ ପଇସା ମିଳେ ଖୁସିରେ ଚଳେ ପିଲାଟି । ବେଶି କି ତା'ର ନାହିଁ ଲୋଭ । କିଏ କିମିତି ପଚାରିଲେ କହେ – ବେଶି ପଇସାରେ କ'ଣ ଖୁସି ଥାଏ । ପେଟକୁ ଦାନା, ପିଠିକୁ କନା ହେଲେ ହେଲା । ଭଗବାନଙ୍କ ଦୟାରୁ ଢେର ଭଲରେ ଅଛି ସିଏ । ବିରି ବରାଟା ତାର ହୁଏ ଖାସ୍ । ଛୋଟ ବିରିବରା ପାଇଁ ଲୋକଙ୍କ ଲାଗେ ଭିଡ ସଞ୍ଜକୁ । ହେଲେ ଆଜି ବେପାର ପୁରା ମାନ୍ଦା । କେହି ଗୋଟାଏ ନାଇଁ । ନିଇତି କିଛି ନ ହଲେ ଗୋଟେ ଦି'ଟା କୁକର ଟହଲ ମାରନ୍ତି, ସେତକ ବି ଆଜି ଦେଖା ନାଇଁ ।

ଲୋକେ ଆସିବେ ବା କିମିତି ? ଥିଲା ଥିଲା ହଟାତ ବଦଳି ଗଲା ପାଗ । ତା' ସାଙ୍ଗକୁ ବର୍ଷା ଆସିଲାଣି ମାଡି । ପଡିଲାଣି ବରକୋଳିଆ ଟୋପା । ଶୀତରେ ଇମିତିରେ ବି ଥରୁଛି ଦିହ ହାତ । ହାତଗୋଡ ମାରିଯାଉଛି କାଲୁଆ । ଆଜିର ବେପାର ଗଲା ଜାଣ । ଲାଭ ତ ବିଲକୁଲ୍ ଆଶା ନାଇଁ ଆଉ । ଏଣେ ଖାଇବା ଜିନିଷକୁ ବି ଫୋପାଡିବାକୁ ପଡିବ । ବାସି ଜିନିଷ ରଖି ଲୋକଙ୍କ ଦିହ ପା ସହ ଖେଳି ପାରିବ ନ ଖେଳ । ଜାଣିଛି ଏହା ସୁଦ୍ ଧରମ ଛଡା କାମ । କ୍ଷତି ବରଂ ହେଉ, ତା ଦେଇ ଏ କାମ ଜମାରୁ ହେବନି ।

ମନ ଦୁଃଖରେ ଚୁଲିରେ କେଞ୍ଚା କେଞ୍ଚି କରି ଆଉ ଦି' ଫାଳିଆ କାଠ ଦେଲା ପୁରେଇ । ନିଆଁ ଦାଉଁ ଦାଉଁ ହେଇ ଉଠିଲା ଜଳି । ଦେହରେ ଟିକିଏ ବାଜିଲା ନିଆଁର ଧାସ, ଆରାମ ଲାଗିଲା ତାକୁ ।

ଠିକ୍ ? ଏତିକି ବେଳକୁ କେଉଁଠି ଥିଲା ମାଈ କୁକୁରଟେ ସିଧା ପଶି ଆସିଲା ତା' ପାଖକୁ । ଘୋଡି ହେଇଥିବା ଚାଦରଟାକୁ କାମୁଡି ଭିଡିଲା । ହେଲା କୁଁ କୁଁ । ଯେତେ ଧେସ୍ ଧାସ୍ କଲେ ବି ଛାଡିଲାନି । ଭୋକରେ ମାଗୁଛି ଭାବି ବରା ଦି'ଟା ଫିଙ୍ଗି ଦେଲା ତା' ପାଖକୁ । ହେଲେ ଖାଇବା ତ ଛାଡ ଆଡ ଆଖିରେ ଦେଖିଲାନି ବି । ବୁଝି ଗଲା ଡାକୁଛି, ଉଠି ପଡିଲା ବସିବା ଠାଉଁ । କବାଟଟା ଆଉଜେଇ ଦେଇ ଚାଲିଲା କୁକୁର ପଛେ ପଛେ ।

ବର୍ଷା ପଡୁଛି ଜୋରରେ । ମୁଣ୍ଡରେ ଦେଇଛି ଗାମୁଛା ଖଣ୍ଡେ । କୁକୁର ଅଟକିଲା ଡ୍ରେନର ପୋଲ ପାଖରେ । ଛିଡା ହେଇ ଖାଲି ଭୋକିଲା । ବୋଧେ କିଛି କହୁଥାଏ ?

ବର୍ଷାଦିନ ଛଡା ଡ୍ରେନଟି ବର୍ଷସାରା ପଡିଥାଏ ଶୁଖା । ଖାଲି ଯାହା ବର୍ଷାପାଣି ହେଲେ ବୋହିଯାଏ । ପିଲାଟି ମୁଣ୍ଡ ନୁଆଁଇ ଦେଖିଲା ବୋହୁଛି ଆଣ୍ଠୁଏ ହେବ ପାଣି । ପୋଲ ଭିତରେ ଟିକିଏ ଉଞ୍ଚା ଜାଗା ଦେଖି ଦୁଇଟି କୁକୁର ଛୁଆ ଅଛନ୍ତି ଗୁଞ୍ଜାଗୁଞ୍ଜି ହେଇ । ତା' ମା'ର ପାଟି ଶୁଣି ହେଉଛନ୍ତି କୁଁ କୁଁ ।

ଦୋକାନୀ ପିଲାଟିକୁ ବୁଝିବାକୁ ଆଉ ବେଶି ସମୟ ଲାଗିଲାନି । ହାପ ପେଣ୍ଟଟିକୁ ଅଣ୍ଟା ପାଖକୁ ଆଉ ଥରେ ଭଲ କି ଦେଲା ଟେକି । ମୁଣ୍ଡ ଗାମୁଛାକୁ ଅଣ୍ଟାରେ ଆଣି ଭିଡିଲା ଜୋରରେ । ଦେଖୁ ଦେଖୁ ପଶିଗଲା ଆଣ୍ଠୁଏ ପାଣିରେ । ଡ୍ରେନ ପୋଲ ଭିତରେ ନଇଁ ନଇଁ ପଶିଗଲା, ଆଉ କିଛି ନ ଭାବି । ଟେକି ନେଇ ଆସିଲା ଦୁଇ ଦୁଇଟା ଜୀବନକୁ ।

ମା' କୁକୁରଟି ପିଲାଟି ହାତରେ ତା' ଛୁଆମାନଙ୍କୁ ଦେଖି ଖୁସିରେ ଡ୍ରେନ ସାଇଡରେ ଲାଞ୍ଜ ପିଟିପିଟି ମଝିରେ ମଝିରେ ଭୋ ଭୋ ହେଇ କରୁଥାଏ ଖୁସିରେ ସ୍ୱାଗତ । ପିଲାଟି ଆସିଲାରୁ କୁକୁର ତା'କୁ ପୁଣି ଟାଣିଲା ପାଖରେ ଥିବା ପରିତ୍ୟକ୍ତ ଭଙ୍ଗା ଟିଣା ଘରକୁ ।

ଦେଖିଲା ଭଙ୍ଗା ଟିଣା ଘରଟିରେ ଆଗରୁ ଅଛି କୁକୁର ଛୁଆଟିଏ । ବୁଝିବାକୁ ଆଉ ବାକି ରହିଲାନି ଦୋକାନୀ ପିଲାକୁ ଯେ ତା' ମା ଆଗରୁ ଚେଷ୍ଟା କରି ପାଟିରେ କାମୁଡି ଗୋଟିଏ ପିଲାକୁ କରି ପାରିଛି ଉଦ୍ଧାର । ଆଉ ପାରିଲାନି ପାଣି ବଢିଲାରୁ । ନିଃସହାୟ ମା'ଟେ ମାଗିଲା ଯାଇ ଅନ୍ୟର ସାହାଯ୍ୟ ।

କୁକୁର ଛୁଆଟି ଦୌଡି ଆସିଲା ତା' ମାକୁ ଦେଖି । ଆଣିଥିବା ପିଲା ଦି'ଟାକୁ ବି ଛାଡି ଦେଲା ସେମାନଙ୍କ ପାଖରେ । ମା'ର ଉଷୁମ କୋଳରେ ଜାକିଜୁକି ହୋଇ ଶୋଇଗଲେ ସଭିଏଁ ।

ଏମାନଙ୍କୁ ଦେଖି ଭାରି ଖୁସି ଲାଗିଲା ପିଲାଟିକୁ । ସତରେ ମା' ଥିଲେ ପିଲାର କୋଉ ଡର ଥାଏ ଯେ ? ଜୀବନର ସବୁ ଝଡି ବର୍ଷାକୁ ତ ହସି ହସି ପାର କରି ଦିଏ ମା'ର ପଣତ କାନିର ରକ୍ଷା କବଚ ଆଢୁଆଳରେ ଥାଇ । ଦୋକାନୀ ପିଲାଟିର ମା' କଥା ମନେ ପଡିଗଲା କି କ'ଣ ? ଆଖିରେ ଜକେଇ ଆସିଲା ଦି' ଟୋପା ଲୁହ ।

ଖୁସି ମନରେ ପାଖ ନଳକୂଅରୁ ଗାଧୁଆ ପାଧୁଆ ସାରି ଫେରିଲା ତା' ଦୋକାନକୁ । ଦେଖି ଆଶ୍ଚର୍ଯ୍ୟ ହେଲା ଏତେ ଥଣ୍ଡାରେ ବି ଢେର ସାରା ଗ୍ରାହକ ଲାଗିଲେଣି ଭିଡ କିଣିବାକୁ । ଜଣେ ତ କହି ଉଠିଲା--- ଆରେ ଭାଇ ଆଉ ଡେରି କରନା – ଥଣ୍ଡା ଭାରି ବଢିଲାଣି । ଦେ ଦେ ବିରି ବରା ମୋର ଆଗ ପ୍ୟାକ କର । ଆମ ଘରକୁ ପରା କୁଣିଆ ଆସି ବସିଛନ୍ତି କେତେବେଳୁଁ ।

ଟିକିଏ ଆଗରୁ ଶୁନଶାନ ଥିଲା ଦୋକାନ । ଭାବିଥିଲା ଆଉ ଆସିବେନି କେହି ଏଇ ଥଣ୍ଡା ବର୍ଷାକୁ । ହେଲେ ଏତେ ସଂଖ୍ୟକ ଗ୍ରାହକକୁ ଦେଖି ନିଜକୁ କରିପାରୁ ନଥିଲା ବିଶ୍ୱାସ । ମନେ ମନେ ଧନ୍ୟବାଦ ଦେଉଥିଲା ଉପରବାଲାକୁ ଉଦ୍ଦେଶ୍ୟରେ ।

+ବଡ ଆମ୍ବୁଣି, ଝୁମ୍ପୁରା, କେନ୍ଦୁଝର-୩୧, ମୋ-୯୪୩୭୭୧୮୫୦୦

# ସମ୍ପର୍କ ଉର୍ଦ୍ଧ୍ୱରେ

**ସୁନନ୍ଦା ମହାନ୍ତି**



ଧୂଆଁ ଧୂଆଁ ସକାଳରେ ଧୂଆଁ ବାହାରୁଥିବା ଚା କପଟିକୁ ବଢ଼ାଇ ଦେବାକୁ ଯାଇ ସୁଶ୍ରୀ ଦେଖିଲେ ଶେଜ ଖାଲି ପଡିଛି । ଏତେ ସକାଳୁ କୁଆଡେ ଆଉ ଯାଇଥିବେ ଭାବି ତାଙ୍କ ଲେଖାଲେଖି ମେଜ ପାଖରେ ମଧ ଦେଖିନଥିଲେ ସ୍ୱାମୀ ପ୍ରତ୍ୟୁଷଙ୍କୁ । ତଳେ ବଗିଚାରେ ମାଟି ମାଆର କର୍ଷଣ କରି ଘାସ ବାଛିବା ବା ଶାଗ ତୋଳିବା ବା ଗଛ ଲତା ଲଗାଇ ପାଣି ଦେଉଥିବେ ଭାବି ତଳକୁ ଯାଇ ଆଶ୍ଚର୍ଯ୍ୟ ହେଲେ ସୁଶ୍ରୀ । ଚମକି ବି ପଡିଲେ, କାଲିର ଘଟଣାରେ ଆଉ । ଆଶଙ୍କିତ ମନ ହୃଦୟ ନେଇ ପୁଣି ଫେରିଲେ ଉପରକୁ । ପୁଅ ବୋହୁ ଉଠିନାହାଁନ୍ତି ଏଯାଏଁ । ଘରର ବାସି ପାଇଟି ସାରି, ଜଳଖିଆ କରିବାକୁ ସୁଜି ଭାଜି, ଅପେକ୍ଷା କରିଥାନ୍ତି ସ୍ୱାମୀ ଫେରିବେ, ହେଲେ ଜଳଖିଆ ପ୍ରସ୍ତୁତ, ସ୍ୱାମୀଙ୍କର ଦେଖା ନାହିଁ । ପୁଅ ବୋହୁଙ୍କର ଦୁଆର ଫିଟିଲା ସତ ହେଲେ ମାଆ କଥାରେ ପୁଅ ବିରକ୍ତ, ଏଇଠି କୋଉଠିକି ଯାଇଥିବେ, ସେ କଣ ପିଲା ହୋଇଛନ୍ତି ହଜିଯିବେ ? ବୋହୁ ଯୋଡି ଦେଉଥିଲା, କୁଆଡେ ଯିବେ ଆଉ, ପଡ଼ାରେ ବସି ଘର କଥା ଚୁଗୁଲି କରୁଥିବେ, ବୋହୁ ଏମିତି କଲା ସେମିତି କଲା । ମାଆ ପୁଅଙ୍କ ମୁହଁ ପାଇ ଫାଜିଲାମୀ କରୁଛି, ଇତ୍ୟାଦି ଇତ୍ୟାଦି ଗପ ଛିଡ଼ିଲେ ତ ଆସିବେ । ସହି ପାରିଲେନି ସୁଶ୍ରୀ, ରୋଷେଇ ଛାଡ଼ି ଦାଣ୍ଡ କବାଟ ପାଖକୁ ଦଉଡି ଗଲେ ।

ଗୋଟିଏ ବୋଲି ପୁଅ ପାଇଁ, ଦେଖି ଚାହିଁ ପ୍ରତ୍ୟୁଷ ନିଜେ ବୋହୁ କରି ଆଣିଥିଲେ ଅମିତାକୁ । ହେଲେ ଘରେ ପଶୁ ପଶୁ, ଚାଳ ବାଜିଲା ଭଳି, ଅମିତା ପରମ୍ପରା, ପ୍ରଥା, ସଂସ୍କୃତିକୁ ମାନିବା ଦୁରେଥାଉ, ଏଇଟା କଣ ଦରକାର, ସେମିତି କାହିଁ କରିବି କହୁ କହୁ ଓଢଣା ନଦେବା, ଶଶୁରଙ୍କ ଚଉକିରେ ବସି ସମାଜ ପଢିବା, ରୋଷେଇ ନକରି ମୋବାଇଲ ଧରି ବ୍ୟସ୍ତ ରହିବା, ଦଶ ଥର ଡାକିଲେ ନିଜ ରୁମ ଦୁଆର ଖୋଲି ବାହାରିବା ସହ କୋଉଠି କଣ ଜଳିପୋଡି ଗଲାକି ବୋଲି କହିବା, ପ୍ରଥମେ ପ୍ରଥମେ ସୁଶ୍ରୀଙ୍କ ଅନୁରୋଧରେ ସହିଯାଉଥିଲେ ବି ସମୟ କ୍ରମେ ବିରୋଧ କରିଥିଲେ ପ୍ରତ୍ୟୁଷ । ଅମିତାଠାରୁ ଶିକ୍ଷିତ ମାର୍ଜିତ ବ୍ୟବହାର ଆଶା କରି ବିଫଳ ହେଉଥିଲେ ଥରକୁ ଥର । ସୁଶ୍ରୀ ଯେବେ କୁହନ୍ତି ପିଲାଲୋକ ପାଠ ପଢୁଥିଲା ହଷ୍ଟେଲରେ ରହି, ଘରକରଣା ଆସ୍ତେ ଆସ୍ତେ ଶିଖିଯିବନି, ପାଟି କରନି କହି ଥରକୁ ଥର ଚାପି ଦେଉଥିବା ସୁଶ୍ରୀ, କାଲି ନିଜେ ରୁଟି ତରକାରୀ କରି ସମସ୍ତଙ୍କୁ ଖାଇବାକୁ ଦେଉଥିଲେ । ତରକାରୀରେ ଲୁଣ ପଡ଼ିନଥିଲା କହି ବୋହୁ ଫିଙ୍ଗି ଦେଇଥିଲା, ରୁଟି ତରକାରୀ ତଳକୁ ତ ଅସହ୍ୟ ହୋଇଥିଲା ପ୍ରତ୍ୟୁଷଙ୍କ ପାଇଁ । ନିଜେ କରି ଖାଇବା ସହ ଅନ୍ୟଙ୍କୁ ଦେବାକୁ ଶିଖ ବୋଲି କହିଥିଲେ । ସୃଷ୍ଟି ହୋଇଥିଲା ମହାଭାରତ । ପୁଅ ଶେଷରେ କହିଥିଲା ନିଜ ପସନ୍ଦର ବୋହୁ କରି ଆଣିଛ, ଟିକେ ସମୟ ନେଇ ସହାନୁଭୂତି ସମ୍ପର୍ଣ୍ଣ ତ ହୁଅ । ହାତ ଉଠିଯାଉ ଯାଉ ଅଟକେଇ ଥିଲେ ସୁଶ୍ରୀ ପିଲାଲୋକ, ଆମ ଝିଅ ହୋଇଥାନ୍ତା କହି ବୁଝେଇ ତାକୁ ଖୁଆଇ ସନ୍ତୁଷ୍ଟ କରୁଥାନ୍ତି ଶୁଶ୍ରୀ ତ ପ୍ରତ୍ୟୁଷ ନଖାଇ ଉଠିଲେ । ଶୋଇବା ପୂର୍ବରୁ କ୍ଷୀର ହଲିକ୍ସ ନେଇ ଆସିଲା ବେଳକୁ ଶୋଇଯିବାର ବାହାନା କରିଥିଲେ ପ୍ରତ୍ୟୁଷ ।

ବେଳ ଗଡି ମାଧାର୍ହ୍ନ ଯାଇ ସନ୍ଧ୍ୟା ଗଡି ରାତି



ପାହିଲା, ପ୍ରତ୍ୟୁଷ ଫେରିଲେନି । ଚାହିଁ ଚାହିଁ ଆଖିରୁ ପାଣି ମରୁଥିଲା ସୁଶ୍ରୀଙ୍କର । ଉପର ସାହି ଶମ୍ଭୁ ସେଦିନ କହିଲା ଭାଇ ମିଳିଯିବେ ଭାଉଜ । କଟକ ସାହିତ୍ୟ ସମ୍ମିଳନୀରେ ଦେଖିଲା ଏ ଦୁଇ ନୟନ ତାଙ୍କୁ । କି ସୁନ୍ଦର ଭାଷଣ, କି ତାଳିମାଡ଼ ! ଭାଇ ଯୋଉ ସମ୍ମାନ ପ୍ରିୟ ବ୍ୟକ୍ତି ଏସବୁ ଛାଡ଼ି ସେ କଣ ଆଉ ଲେଉଟିବେ, କେଜାଣି । ଧଡ଼ କରି ଛାତିଟା ଥରିଗଲା ସୁଶ୍ରୀଙ୍କର ସେଦିନ ଆଶ୍ରମ ପିଲାମାନଙ୍କର ଭଜନ ଜଣାଣ ଓ ଦେଶାତ୍ମକବୋଧ ସଂଗୀତ ପରିବେଷଣ ସରୁ ସରୁ, ଧାଡି ଶେଷରେ, ପୁଅ ବୋହୁ ଓ ସୁଶ୍ରୀଙ୍କୁ ଦେଖି,ନଦେଖିଲା ପରି ଫେରି ପଡୁଥିଲେ ଭିତରକୁ ପ୍ରତ୍ୟୁଷ । ଦୌଡ଼ି ଯାଇ ପାଦ ତଳେ ପଡିଲେ ସୁଶ୍ରୀ, କହିଲେ, ଯୋଉ ଆଖିର ଜ୍ୟୋତିରେ ଭରଷା ନେଇ, କାନ ଶୁଣିବା କଥାକୁ ବିଶ୍ୱାସ ନଦେଇ, ପାଟିରୁ ବାହାରୁଥିବା କଥାକୁ ପ୍ରେମ ପୁଲକିତ ମାର୍ଜିତ କରି, ଯେଉଁ ଗୋଡ଼ରେ ପ୍ରତ୍ୟୟ ମାପି, ଛାତିରେ ଆଶ୍ରୟ ମାଖି ହାତ ଧରିଥିଲ, ମୋ ବାପା ମାଆଙ୍କୁ କଥା ଦେଇଥିଲ, ମୋର ଦଶ ଦୋଷ କ୍ଷମା କରିବ, ଗୋଟିଏ ମାତ୍ର କ୍ଷମା କରିଦେବାକୁ ଅନୁରୋଧ ମୋର । ପ୍ରଶୟ ଦେଇଛି ପରିବାର ମଜଭୂତି ପାଇଁ, ସହିଯାଇ ସମୟକୁ ଅପେକ୍ଷା କରିଛି ସମାଧାନ ପାଇଁ, ଭୁଲ ହୋଇଛି, ଫେରିଚାଲ । ପିଲାମାନେ କହୁଥିଲେ ଗୁରୁଦେବ, ଆଜି କଣ ପଢିବା ? ଥରେ ସୁଶ୍ରୀଙ୍କୁ ଓ ଥରେ ପିଲାଙ୍କୁ ଚାହିଁ ପ୍ରତ୍ୟୁଷ କହିଲେ ଭରଷା ବିଶ୍ୱାସ ଅଛି ଯଦି ରହିଯାଅ, ପିଲାମାନେ କହୁଥିଲେ, ରହିଯାଆନ୍ତୁ ଗୁରୁମା । ପଛକୁ ଥରେ ଚାହିଁଲେ ସୁଶ୍ରୀ ପୁଅ ବୋହୁ ନଥିଲେ ସେଠାରେ, ତ ଆଗକୁ ବଢିଲେ ସ୍ୱାମୀଙ୍କ ସହ, କଳରବ ମୁଖରିତ ଅନ୍ୟ ଏକ ସ୍ୱୀକୃତି ପାଇଁ, ନୂତନ ଏକ ଧୂଆଁ ଧୂଆଁ ବିହୀନ, ସକାରାତ୍ମକ ସକାଳର ଅପେକ୍ଷାରେ ।

+ ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ନିଶିଥରେ ସୂର୍ଯ୍ୟୋଦୟ



**ପ୍ରଫୁଲ୍ଲ ବାରିକ**

ନାହିଁ ନାହିଁରେ ବି ଜୀବନ ଥିଲା କେଡେ ସୁନ୍ଦର । ଅଭାବ ଭିତରେବି ନଥିଲା ଅଭାବବୋଧ । ଢେଉଶୁନ୍ୟ ଶାନ୍ତନଈରେ ଭାସୁଥିଲା ଜୀବନତରୀ । ବିନା ଆହୁଲାରେ ଆଗଉଥିଲା ଆଗକୁ ଆଗକୁ ।

ସକାଳ ପାହି ହଉଥିଲା ସନ୍ଧ୍ୟା । ତମାମଦିନ ଧାଇଁବାରେ ପାଦକୁ କୁଳଉନଥିଲା ବାଟ । ପେଟକୁ ପଚାରେ କିଏ । କାମ ସରିଲେତ, ସମୟ ମିଳିଲେତ । ଶାଗପଖାଳ ବି ଲାଗୁଥିଲା ଅମୃତ ସମାନ । ରାତି ଅଭାବଥିଲା ନିଦକୁ ।

କିଏ କେତେ ନଅଛନ୍ତି ଅୟ ଅଳସରେ । ତାଙ୍କରି ଜୀବନରେ ଲାଗିଲା ନଜର । ଛଞ୍ଚାଣ ପରି ଝାମ୍ପି ନେଲେ ସୁଖଶିରୀ । ଏବେ ଅତୀତ ଜଳୁଛି ମନରେ ସ୍ମୃତିହେଇ ଦିକିଦିକି ଦୀପର ଶୁଖା ସଳିତା ପରି ।

ରାତି ପାହିବାକୁ ନଥିଲା ତର । ଭୋ'ରୁ ଉଠି ଫର୍ଚ୍ଚା ହେବା ବେଳକୁ ସାରି ଦଉଥିଲା ବାସୀକାମ । ଦାଣ୍ଡ ଓଳାଠୁ ପିଣ୍ଡା ଲିପା । ଦାନ୍ତକାଠି ପକେଇ ପାଣିନୋଟ ରଖୁଥିଲା ମଦନ ପାଇଁ । ମଦନ ଉଠି ଶୌଚସାରି ଦାନ୍ତଘଷି ବସୁଥିଲା ଖାଇବାକୁ । ରୁଟି କେଇପଟ ଖଟା ପିଆଜରେ ଚୋବେଇ ନାଲି ଚାଆ ପିଉଥିଲା ଅଧକଂସା । ସେଇଥିରେ ବି ଶୁଭୁଥିଲା ଶାନ୍ତିରେ ହେକୁଟି । ଭୂମିହୀନ ସେମାନେ । ଜୀବନ ନିର୍ଭର ଦେହ ମେହନତି ଉପରେ । ନିଇତି ଯାଏ ପରଘରେ ଖଟିବାକୁ । ସଞ୍ଜକୁ ମଜୁରୀ । ତେବେବି ବିଲ ଦେଢ଼ମାଣ ଆଣି ଭାଗକୁ କରୁଥିଲା । ଅଭାବ ରହେନା ସାରାବର୍ଷ ଖାଇବାରେ ।

ସବୁ ଏବେ ଓଲଟ ପାଲଟ । ବଦଳିଗଲା ପୃଥିବୀର ରୂପ । ଜୀବନର ମାନଚିତ୍ର । ଯେବେଠୁଁ ବିପିଏଲ କାର୍ଡରେ, ବିଶେଷକରି ଭୂମିହୀନ ହେତୁ ମିଳିବାକୁ ଆରମ୍ଭ କରିଛି ଚାଉଳ ପଇଁତ୍ରିସ କିଲୋ ମାସକୁ । ଭୁଲିଗଲା ମଦନ ଶ୍ରମଶକ୍ତିକୁ । ଆଉ ଗଲାନି ପରଘରେ ଖଟିବାକୁ । ଟ୍ରାକ୍ଟର ଖର୍ଚ୍ଚ ବାହାନାରେ ଛାଡିଦେଲା ଭାଗଜମି । ହେଇଗଲା ସମ୍ପୂର୍ଣ ନିକମା । ହବନାଇଁ ? ପେଟ ରହିଲେତ ଅପୁରା ? ଟାଣିଟୁଣି ଚାଉଳ ପଇଁତ୍ରିସ କିଲୋରେ ଚଳେଇ ଚାଲିଛି ମାସଗୋଟା ।

ଦୁଃଖ ସରିଲାନି ଏତିକିରେ । ଅସଲ ଦୁଃଖ ଆସିଲା ପଛକୁ କୁମ୍ଭୀର ଖଗପରି । ଶକ୍ତ ପାହାର । ଗାଁ ମୁଣ୍ଡ ଚାଆ ଦୋକାନରେ କଟିଲା ଦିନ । ଚର୍ଚ୍ଚାରେ ରାଜନୀତି । ଦେଶରେ ସିନା ପାଞ୍ଚ ବର୍ଷରେ ଥରେ ନିର୍ବାଚନ ଏବଂ ସେଥିଜନିତ ଉଷୁମ, ଏଠି ବର୍ଷକ ବାରମାସ । ନେତାଙ୍କ ଦାନ ହାପ ଚାଆ, ବିଡି କଠାକରେ ଧାଇଁଲା ସମୟ ।



ସଞ୍ଜ ନଇଁଲେ ଆସ୍କା ଫର୍ଟି, ପଲିଥିନ । ଶରୀର ସିନା ହେଇ ଆସିଲା ଶିଥିଳ , ମନ ରହିଲା ଚେଙ୍ଗା ଅହର୍ନିଶି । ମଝିରେ ମଝିରେ ଉଭାନ । କୋଉଦିନ ଘେରାଉ, ତ କୋଉଦିନ ରାଲି । ଦିନତମାମ ବିତେଇ ଫେରିଲେ ସଞ୍ଜକୁ ମଣିଷ ନଥାଏ ମଣିଷ ହେଇ । କହିଲେ ଶୁଣିଲା ଅନର୍ଗଳ ଗାଳି । ବାଦ ପଡିଲେନି ବାପଘର ମଣିଷ । ନିସାଡି କଣ ନକହେ ? ଶୁଣି ଚୁପ ରହିଲେବି ଲାଭ ହେଲାନି । ବସିଲା ଗାଳି ସାଙ୍ଗକୁ ମାଡ଼ । ବିଧା ଗୋଇଠା ସହ ଚୁଟିଟଣା । ସରଗ ପରି ଘର ହେଇଗଲା ନର୍କ । ଛୋଟଛୋଟ ପିଲା ଦି'ଟା କାନ୍ଦି ବୋବାଳି ସାକ୍ଷୀ ରହନ୍ତି ଦୃଶ୍ୟର ।

ଏଣିକି ଫି'ରାତିରେ ଇଏ ଘଟଣା । ଛେଚା କୁଟା, କାନ୍ଦ ବୋବାଳି । ସାରି, ପଡିଯାଏ ବିଛଣାରେ କାଠଗଣ୍ଡି ପରି ଅଖିଆ, ଅପିଆ । ପିଲାଯୋଡ଼େଙ୍କୁ ବଳେଇ କୋଳେଇ ଖୋଇ ଶୁଆଏ । ନିଜେ ରହେ ଅଭୁକ୍ତ ନିଇତି । ବିଛଣା ଲାଗେ ଜଳନ୍ତା ଜୁଇ । ଦୁରେଇ, ପାଦ ତଳକୁ ପଡିଥାଏ ତେଲୁଣୀ ପୋକପରି ଜାକିଜୁକି ହେଇ ।

ସକାଳ ହୁଏ । ସୂର୍ଯ୍ୟ ଉଁଅନ୍ତି । ଗୋଳାକୁ ଓହ୍ଲାଏ ଜୀବନ । ଅପରିବର୍ତ୍ତିତ ପଥ । ଅପରିବର୍ତ୍ତିତ ଗତି ।

ଦିନେ ହଠାତ ରାତି ଅଧକୁ ଅନୁଭବିଲା କାହା ହାତର ସ୍ପର୍ଶ । ନିଦ ଭାଙ୍ଗିଗଲା । ଦେଖେତ, ମଦନ ପାଖରେ ବସି ତାକୁ ଉଠେଇବାକୁ ଚେଷ୍ଟା କରୁଛି ।

ଆହୁରି ଅଛି ବାକୀ ? ଠେଲିଦେଲା ହାତକୁ ତା ଦେହରୁ । ମଦନ ଶାନ୍ତ ଲାଗୁଥିଲା । ନା ପ୍ରତିବାଦ, ନା ଜୋର । ନିସାର ଚିହ୍ନବର୍ଣ୍ଣ ନଥିଲା । ଶାନ୍ତ ସ୍ୱରରେ କହିଲା, ମତେ ଟିକେ ବିଶ୍ୱାସ କ'ର । ମୁଁ ଭଲରେ କହୁଛି । ଶୁଣ...

--- କହ, କଣ କହିବାର ?

କହିଲା ସିଏ ।

ମଦନ କହିଲା, ସ୍ୱପ୍ନଟିଏ ଦେଖିଲି । ବାବାଜଣେ କହୁଛନ୍ତି, ସୁନା ସଂସାରକୁ ଚୁନା କରୁଛୁ ? ଅମୃତକୁ କରୁଛୁ ବିଷ ? ସୁଧୁରିଯାଆ ସମୟ ଥାଉ ଥାଉ । ଆଗକୁ ଆଉ ପାରିବୁ ନାଇଁ । ସବୁଦିନ ରହିବନି ଚାନ୍ଦିନୀରାତି ତୋ ପାଇଁ । ନିଦ ଭାଙ୍ଗିଗଲା । ଡର ଲାଗିଲା । ଅନ୍ଧାର ଘରେ ଆଖି ବୁଲେଇଲି । କେହି ଦିଶିଲେ ନାଇଁ । ତୁ ପଡିଚୁ ଚିତ୍କାତ ହେଇ ବିଛଣା ତଳକୁ ମାଟିରେ । ତଦ୍ରୁପ ଅବସ୍ଥା ପିଲାଙ୍କର । ଦୃଶ୍ୟର ପ୍ରଭାବ ଗଭୀର ଥିଲା ମନ ଉପରେ । ବସିଲି ଚୁପଚାପ ଘଣ୍ଟାଏ ଅନ୍ଧାରରେ । ଉଠି, ଉଠଉଛି ତତେ ।

--- ତ କ'ଣ ହେଲା ସେଠୁ ?

ପ୍ରଶ୍ନ ତାର ରୋଷଭରା ।

ମଦନ କହିଲା, ଆଉ ନୁହେଁ । କଦାପିବି । ଏଣିକି ଫେରି ଆସିବି ରାସ୍ତାକୁ । ତତେ ଆଉ କାନ୍ଦିବାକୁ ପଡିବନି, କି ରହିବାକୁ ହେବନି ଓପାସ ଭୋକେ । ନା ଯିବି ଛକକୁ, ନା ପିଇବି ମଦ । ଖାଲି କାମ ପୂର୍ବପରି । ଚାଷବି କରିବି ।

ରମା ପଲେ ସାହାସ ପାଇଲା । ବିଶ୍ୱାସ ସାଉଁଣ୍ଟିଲା ମଦନ ମୁହଁରୁ । ସତରେ କ'ଣ ସ୍ୱାମୀ ତାର ହେଇଗଲେ ପରିବର୍ତ୍ତିତ ! କିଏସେ ବାବା ? କୋଉ ଦେବଦୂତ ? ରାତିର ବୟସ ବଢୁଥିଲା । ରମାର ହାତଧରି ନେଇଗଲା ମଦନ ବିଛଣାକୁ । ରମା ଦେଖୁଥିଲା ନିଶିଥରେ ସୁର୍ଯ୍ୟୋଦୟ । ସୂର୍ଯ୍ୟରଶ୍ମିକ୍ରମେ ପ୍ରଖର ହେଇ ଉତ୍ତାପରେ ମୁହଁପୋଡ଼ିଯାଉଛି । ଛଟପଟ ହେଇ ଶୀତଳ ଛାଇ ଟିକେ ପାଇଁ ସେ ମଦନ ଛାତିରେ ମୁହଁ ଗୁଞ୍ଜିଲା । ଏବେ ଅନୁଭବକୁ ଆସୁଛି, ସେ ନର୍କରେ ନୁହେଁ, ଅଛି ସ୍ୱର୍ଗରେ ।

+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫

# ବେତନଟୀ କଲେଜ ପକ୍ଷରୁ ଏନଏସଏସର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଆୟୋଜିତ




ବେତନଟୀ, ୭/୧ (ନି.ପ୍ର): ବେତନଟୀ କଲେଜ ଏନଏସଏସ(ଜାତୀୟସେବା ଯୋଜନା) ପାକ୍ଷରୁ ଆୟୋଜିତ ଶୀତ କାଳୀନ ସ୍ୱତନ୍ତ୍ର ଶିବିର ଉଦଯାପିତ ହୋଇଯାଇଛି । ଗତ ଡିସେମ୍ବର ୨୫ତାରିଖରୁ ଆରମ୍ଭ ହୋଇଥିବା ଶୀତକାଳୀନ ସ୍ୱତନ୍ତ୍ର ଶିବିରର ଉଦଯାପନୀ ସମାରୋହରେ ଏନଏସଏସ ପ୍ରୋଗ୍ରାମ ଅଧିକାରୀ ଅଧାପକ ସୀମାନ୍ତ କୁମାର ଜେନା ସଂଯୋଜନା ଏବଂ ପରିଚାଳନା ଦାୟୀତ୍ୱ ତୁଲାଇଥିଲେ । ଏଥିରେ ଏନଏସଏସର ଜିଲ୍ଲା ଅଧିକାରୀ ଆସିଷ୍ଟାଣ୍ଟ ପ୍ରୋଫେସର ଅନାମଚରଣ ବାରିକ, କଲେଜ ଅଧକ୍ଷ ମନୋରଞ୍ଜନ ମହାନ୍ତ, ଏନଏସଏସର ପ୍ରାକ୍ତନ ପ୍ରୋଗ୍ରାମ ଅଧିକାରିଣୀ ଅଧାପିକା କଛଲତା ବେହେରା,ୟୁଥ ରେଡକ୍ରସର କାଉନସେଲର ଅଧାପକ ଡ. ଚିତ୍ତରଞ୍ଜନ ରାଉତ ପ୍ରମୁଖ ଅତିଥି କାରୀଗଣ ଯୋଗ ଦେଇଥିଲେଫ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ଏବଂ ସ୍ୱାଗତ ସଂଗୀତ ପୂର୍ବକ ଉଦଯାପନୀ ସମାରୋହର ଆରମ୍ଭ କରାଯାଇଥିଲା । ମାନବସେବା ହିଁ ମାଧବ ସେବା ଏବଂ ପ୍ରତ୍ୟେକ ବ୍ୟକ୍ତି ମଧରେ ଏକ ସ୍ୱେଚ୍ଛାସେବୀର ମାନସିକତା ଏବଂ ଗଠନମୂଳକ ଚିନ୍ତାଧାରା ରହିଲେ ଆଜିର ସମାଜ ଉନ୍ନତି ପଥରେ ଅଗ୍ରସର ହୋଇପାରିବା ନେଇ କଲେଜ ଅଧକ୍ଷ ବକ୍ତବ୍ୟ ମାଧମରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ରକ୍ତଦାନ ଠାରୁ ଆରମ୍ଭକରି ପିତା-ମାତାଙ୍କ ସେବା, ସାମାଜିକ ଅନୁବ୍ରତୀ ସ୍ୱେଚ୍ଛାସେବୀଙ୍କ କର୍ତ୍ତବ୍ୟ ଏବଂ ଲକ୍ଷଣ, ଯୋଗାଭ୍ୟାସର ମହତ୍ୱ ତଥା ଏନଏସଏସର ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମ ଭଳି ବହୁବିଧ ପ୍ରସଙ୍ଗ ଉପରେ ନିଜର ବକ୍ତବ୍ୟ ରଖିଥିଲେ । ମୟୂରଭଞ୍ଜର କଳା, ସଂସ୍କୃତି, ସମୃଦ୍ଧ ଐତିହ୍ୟକୁ ଜାତୀୟସ୍ତରରେ ପହଞ୍ଚାଇବାକୁ ସ୍ୱେଚ୍ଛାସେବୀ ମାନଙ୍କୁ ଅତିଥିଗଣ ପରାମର୍ଶ ଦେଇଥିଲେ । ଶୀତକାଳୀନ ସ୍ୱତନ୍ତ୍ର ଶିବିରରେ ସକ୍ରିୟ ଅଂଶଗ୍ରହଣ କରିଥିବା ସତ୍ୟରଞ୍ଜନ ଲେଙ୍କା, ରାଜେଶ ଦାସ ପ୍ରମୁଖ ସ୍ୱେଚ୍ଛାସେବୀ ଦ୍ୱୟ ନିଜନିଜର ଅନୁଭୂତି ଉପସ୍ଥାପନ କରିଥିଲେ । ସଭାକାର୍ଯ୍ୟର ସମାପନ ପରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ମଧୁସ୍ମିତା, ବନ୍ଦିତା, ନମିତା, କସ୍ତୁରୀ, ପ୍ରମିଳା ପ୍ରମୁଖ ଗୀତ ଗାଇଥିବା ବେଳେ ପ୍ରିୟାଂଶୁ, ମନୋଜ, ଜୟନ୍ତ, ସୁନାରାମ, ଅନ୍ତର୍ଯ୍ୟାମୀ, ଭବାନୀ ନୃତ୍ୟ ପରିଷେଣ କରିଥିଲେ। ଶେଷରେ ପ୍ରୋଗ୍ରାମ ଅଫିସର ଅଧାପକ ସୀମାନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ତହସିଲ ଓ ବନଖଣ୍ଡ କାର୍ଯ୍ୟାଳୟରେ ନାହିଁ ବିବାଦୀୟ 'ସ୍ୱାଦ ହୋଟେଲ' ସମ୍ପର୍କିତ ତଥ୍ୟ

ପଟ୍ଟାମୁଣ୍ଡାଇ, ୭/୧ (ନି.ପ୍ର): ଭିତରକନିକା ଜାତୀୟ ଉଦ୍ୟାନ ଗେଟ୍ ନିକଟ ବାଙ୍କୁଆଳ ମୌଜାରେ ନିର୍ମିତ ସ୍ୱାଦ ହୋଟେଲ ଜଙ୍ଗଲ ଜମିକୁ ଅଧିକୃତ କରାଯାଇଛି ବୋଲି ବହୁ ତୁମ୍ବି ତୋଫାନ ହୋଇଥିଲା । ଏଥିରେ ସ୍ଥାନୀୟ ବିଧାୟକଙ୍କ ସଂପୃକ୍ତି ରହିଛି ବୋଲି ଅଭିଯୋଗ କରି ରାଜନଗର ବ୍ଲକ କଂଗ୍ରେସ ପକ୍ଷରୁ ବିଧାୟକଙ୍କ କୁଶପୁତଳିକା ଦାହ କରାଯିବା ସହିତ ରାଜନଗର ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଅପରପକ୍ଷେ ରାଜନଗର କଂଗ୍ରେସ କାର୍ଯ୍ୟାଳୟ ସରକାରୀ ଜମି ଜବରଦଖଲ କରାଯାଇଛି ଏହାର ଉଚ୍ଛେଦ ବିଜେଡି ଦାବି କରିଥିଲା । ମାତ୍ର ବିଧାୟକଙ୍କର ଉକ୍ତ ହୋଟେଲ ସହିତ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ କୌଣସି ସଂପୃକ୍ତି ନାହିଁ ବୋଲି ହୋଟେଲ ମାଲିକ ଓ ନିଜେ ବିଧାୟକ ଗଣମାଧମରେ ସଫେଇ ଦେଇଥିଲେ। ହୋଟେଲ ମାଲିକ ନିଜର ସ୍ଥିତିବାନ ୨୪ ଡିସିମିଲ ଜାଗାକୁ ଲାଗିଥିବା ପ୍ରାୟ ଏକ ଏକରରୁ ଉର୍ଦ୍ଧ୍ୱ ଜଙ୍ଗଲ ଜମିକୁ ଜବରଦଖଲ କରି ବିବାଦୀୟ ସ୍ୱାଦ ହୋଟେଲ ନିର୍ମାଣ କରିଛନ୍ତି ଏବଂ ଯାହା ଦ୍ୱାରା ଭିତରକନିକାର ଜୈବ ବିବିଧତା ଉପରେ ବିପଦ ରହିଛି । ଏହାର ତଦନ୍ତ କରାଯାଇ ଜବରଦଖଲ ଉଚ୍ଛେଦ କରାଯାଉ ବୋଲି ବିଜେପି ଯୁବନେତା ଜ୍ୟୋତି ପ୍ରକାଶ ପ୍ରଧାନ ଓ ଅନ୍ୟମାନେ ଭୁବନେଶ୍ୱରରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ( ବନ୍ୟଜନ୍ତୁ ) ଏସ.କେ ପୋପଲିଙ୍କୁ ଭେଟି ଗତ ତା ୦୯ ଅକ୍ଟୋବର ୨୦୨୩ ମସିହାରେ ଅଭିଯୋଗ କରିଥିଲେ । ଅନ୍ୟ ପକ୍ଷରେ ପଟ୍ଟାମୁଣ୍ଡାଇ ବ୍ଲକ ନୀଳକଣ୍ଠପୁର ଗ୍ରାମର ବିଚିତ୍ରାନନ୍ଦ ବାୟା ଏବଂ ଯୁବନେତା ଜ୍ୟୋତିପ୍ରକାଶ ପ୍ରଧାନ ବିବାଦୀୟ 'ସ୍ୱାଦ ହୋଟେଲ' ସରକାରୀ ଜମି ବା ଜଙ୍ଗଲ ଜମି ଅଧିକୃତ କରି ହୋଟେଲ କରିଛି କି ନାହିଁ, ଏହି ବାବଦରେ ବିଭାଗ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ? ସୂଚନା ଅଧିକାର ଆଇନ ବଳରେ ରାଜନଗର ତହସିଲ ଓ ବନଖଣ୍ଡ କାର୍ଯ୍ୟାଳୟକୁ ଯଥାକ୍ରମେ ଦୁଇଟି ପୃଥକ ପୃଥକ ଦରଖାସ୍ତ କରିଥିଲେ। ବିଳମ୍ବ ହେଲେ ମଧ ପ୍ରଥମ ଅପିଲ କର୍ତ୍ତୃପକ୍ଷ ତଥା ତହସିଲଦାର ଓ ବନଖଣ୍ଡ ଅଧିକାରୀ ରାଜନଗର ଶୁଣାଣୀ କରି ସୂଚନା ପ୍ରଦାନ କରିଛନ୍ତି ଯେ, ସ୍ୱାଦ ହୋଟେଲ ସମ୍ପର୍କିତ କୌଣସି ତଥ୍ୟ ଦପ୍ତରରେ ଉପଲବ୍ଧ ହେଉନାହିଁ । ଅନୁରୂପ ଭାବେ ଏହି ହୋଟେଲ ବାବଦରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏସ.କେ. ପୋପଲିଙ୍କ ନିକଟରେ ଜ୍ୟୋତିପ୍ରକାଶ ପ୍ରଧାନ ଓ ଅନ୍ୟମାନଙ୍କ ଦ୍ୱାରା ଗତବର୍ଷ ସୁଦ୍ଧା ଅକ୍ଟୋବର ୯ ତାରିଖରେ କରାଯାଇଥିବା ଅଭିଯୋଗ ରାଜନଗର ବନଖଣ୍ଡ ଅଧିକାରୀ କାର୍ଯ୍ୟାଳୟ ନିକଟରେ ଗତ ବର୍ଷ ଡିସେମ୍ବର ୬ ତାରିଖ ହସ୍ତଗତ ହୋଇନାହିଁ ବୋଲି କାର୍ଯ୍ୟାଳୟ ସୂଚନା ଦେଇଛି । ଏତେ ବାଦବିବାଦ ପରେ କାର୍ଯ୍ୟାଳୟ ଜାଣିଶୁଣି କୌଣସି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପରେ ସୂଚନା ପ୍ରଦାନ କରୁନାହିଁ ବୋଲି ଜ୍ୟୋତିପ୍ରକାଶ ଅଭିଯୋଗ କରିଛନ୍ତି।

# ଧର୍ମଶାଳାରେ ଶୁଭାରମ୍ଭ ହେଲା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ରଥ

ଧର୍ମଶାଳା, ୭/୧ (ନି.ପ୍ର): ଚଳିତ ମାସ ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହେବ । ଏହି ଅବସରରେ ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ବିଭିନ୍ନ ପଂଚାୟତରେ ପରିକ୍ରମା କରିବ ପ୍ରକଳ୍ପ ରଥ । ଏନେଇ ଆଜି ଧର୍ମଶାଳା ବ୍ଲକ ଗଂଗାଧରପୁର ପଂଚାୟତର ଅନନ୍ତ ଗୋପାଳ ମନ୍ଦିର ପରସରରୁ ରଥର ଶୁଭାରମ୍ଭ ହୋଇଛି । ବିଶେଷ କରି ମହିଳାମାନେ ସକାଳୁ ସକାଳୁ ଗାଁ ରାସ୍ତାରେ ଝୋଟି ମୁରୂଜ ପକାଇ ପରିବେଶକୁ ସରସ ସୁନ୍ଦର କରିଥିଲେ । ଏବଂ ଘର ଆଗରେ କଳସ ସ୍ଥାପନ କରି ଏହି ରଥକୁ ସ୍ୱାଗତ କରିଥିଲେ । ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଂଗାଧରପୁର ସରପଂଚ ତ୍ରିଲୋଚନ ଜେନା, ସମିତିସଭ୍ୟା ତିଲୋତମା ବରାଳ, ଜିଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା ଓ ଯୁବ ସଂଗଠକ ନିରଞ୍ଜନ ରାଉତଙ୍କ ସମେତ ସ୍ଥାନୀୟ ନେତୃ ମଣ୍ଡଳୀ ପ୍ରମୁଖ ସାମିଲ ହୋଇଥିଲେ ।

# ବିଷ୍ଣୁପୁର ଗ୍ରାମରେ ଝାଡ଼ାବାନ୍ତିରେ ୧୫ ଆକ୍ରାନ୍ତ

କଟକ, ୭/୧ (ନି.ପ୍ର): କଟକ ଜିଲ୍ଲା ତିଗିରିଆ ଥାନା ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମରେ ଝାଡ଼ାବାନ୍ତିରେ ୧୫ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି । ଆକ୍ରାନ୍ତ ମାନଙ୍କୁ ଚିକିତ୍ସା ନିମନ୍ତେ ଆଠଗଡ଼ ଓ ତିଗିରିଆ ମେଡିକାଲରେ ଭର୍ତି କରାଯାଇଛି । ଆଠଗଡ଼ ମେଡ଼ିକାଲରେ ୧୦ ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଅଧିକ ଚିକିତ୍ସା ନିମନ୍ତେ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ସମସ୍ତ ଆକ୍ରାନ୍ତ ଗୋଟିଏ ପରିବାରର ବୋଲି ଜଣାପଡିଛି । ଏଠାରେ ଉଲ୍ଲେଖଯୋଗ୍ୟ, ଗତ ଦୁଇ ଦିନ ହେବ ବିଷ୍ଣୁପୁର ଗ୍ରାମର ମୁଣ୍ଡିଆ ସାହିରେ ଝାଡ଼ାବାନ୍ତିରେ ଲୋକେ ଆକ୍ରାନ୍ତ ହେଉଥିବା ବେଳେ ଖୋଲା କୂଅରୁ ପାଣି ବ୍ୟବହାର ଏହାର ପ୍ରମୁଖ କାରଣ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି । ଏନେଇ ଖବର ପାଇ ଡାକ୍ତରୀ ଟିମ୍ ବିଷ୍ଣୁପୁର ଗ୍ରାମରେ ପହଂଚି କୂଅରେ ବ୍ଲିଚିଂ ପାଉଡର୍ ସିଂଚନ କରିବା ସହ ଦୂଷିତ କୂଅର ପାଣି ବ୍ୟବହାର ନକରିବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଛନ୍ତି । ଗ୍ରାମବାସୀଙ୍କୁ ଝାଡ଼ାବାନ୍ତି ବାବଦରେ ସଚେତନ କରିବା ସହ ସ୍ୱାସ୍ଥ୍ୟ କର୍ମୀ ଘର ଘର ବୁଲି ସାନିଟାଇଜ୍ କରିଛନ୍ତି ।

# ସେଲ ଆରଏସପିର ପାଇପ୍ ପ୍ଲାଣ୍ଟରେ ତତ୍କାଳ ସ୍ୱୀକୃତି ଯୋଜନା ଅଧୀନରେ ଠିକା ଶ୍ରମିକ ପୁରସ୍କୃତ




ରାଉରକେଲା, ୭/୧ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ପାଇପ ପ୍ଲାଣ୍ଟ ବିଭାଗରେ ନିକଟରେ ତତ୍କାଳ ସ୍ୱୀକୃତି ଯୋଜନା ଅନ୍ତର୍ଗତ ଏକ ସ୍ୱତନ୍ତ୍ର ପୁରସ୍କାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପାଇପ ପ୍ଲାଣ୍ଟ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ଏମ ମୋଇନ୍-ଉଦ୍ଦିନ୍ ଲସ୍କର ଅଧକ୍ଷତା କରି ପାଇପ୍ ପ୍ଲାଣ୍ଟ ଅଞ୍ଚଳରେ ନିୟୋଜିତ ବିଭିନ୍ନ କଣ୍ଟ୍ରାକ୍ଟର ସଂସ୍ଥାରେ କାର୍ଯ୍ୟ କରୁଥିବା ୩୪ ଜଣ ଠିକା ଶ୍ରମିକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ପାଇପ୍ ପ୍ଲାଣ୍ଟ ବିଭାଗର ଜିଏମ୍ ଶ୍ରୀ ଅବିନାଶ ଚୌଧୁରୀ, କାର୍ମିକ ବିଭାଗର ସିନିୟର ମ୍ୟାନେଜର ଶ୍ରୀ ଅବିନାଶ ଏବଂ ପାଇପ୍ ପ୍ଲାଣ୍ଟର ଅନ୍ୟ ବରିଷ୍ଠ ଅଧିକାରୀ ତଥା କର୍ମଚାରୀ, ସଂପୃକ୍ତ କଣ୍ଟ୍ରାକ୍ଟର ଏବଂ ଏଜେନ୍ସିର ପ୍ରତିନିଧୀମାନେ ଉପସ୍ଥିତ ଥିଲେ। ଠିକା ଶ୍ରମିକମାନଙ୍କୁ ସେମାନଙ୍କର ଉଦାହରଣୀୟ ପ୍ରଦର୍ଶନ ପାଇଁ ଶ୍ରୀ ଲସ୍କର ଅଭିନନ୍ଦନ ଜଣାଇବା ସହ କାରଖାନାର କାର୍ଯ୍ୟଦକ୍ଷତା ବଜାୟ ରଖିବା ପାଇଁ ପ୍ରତିବଦ୍ଧତା ସହିତ କାର୍ଯ୍ୟ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀ ଅବିନାଶ ଚୌଧୁରୀ ସଂଯୋଜନା କରିଥିଲେ।

# କେନ୍ଦୁଝର ଓ ତେଲକୋଇ ନିର୍ବାଚନ ମଣ୍ଡଳୀରେ ପୁରୁଷ ଭୋଟରଙ୍କ ଅପେକ୍ଷା ମହିଳା ଭୋଟର ଅଧିକ

କେନ୍ଦୁଝର, ୭/୧ (ନି.ପ୍ର): ଆଉ ମାତ୍ର କେତୋଟି ମାସ ପରେ ରାଜ୍ୟରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ଇତି ମଧ୍ୟରେ କେନ୍ଦୁଝର ଜିଲ୍ଲାର ଭୋଟର ତାଲିକା ଚୂଡ଼ାନ୍ତ ହୋଇଛି । କେନ୍ଦୁଝର ଜିଲ୍ଲାରେ ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଥିବା ବେଳେ ମୟୁରଭଞ୍ଜ ଜିଲ୍ଲାର କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳିକୁ ନେଇ ଗୋଟିଏ ଲୋକସଭା ନିର୍ବାଚନ ମଣ୍ଡଳୀ ରହିଛି । କେନ୍ଦୁଝର ଓ ତେଲକୋଇ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରାମଚନ୍ଦ୍ର କିସ୍କୁଙ୍କ ଠାରୁ ମିଳିଥିବା ସୂଚନାନୁଶାରେ ଏହି ଦୁଇ ନିର୍ବାଚନ ମଣ୍ଡଳୀରେ ପୁରୁଷଙ୍କ ଅପେକ୍ଷା ମହିଳା ଭୋଟର ଅଧିକ ରହିଛନ୍ତି । ସେହି ସୂଚନାନୁଶାରେ କେନ୍ଦୁଝର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ୍ ୨୨୯୩୬୩ ଜଣ ଭୋଟର ରହିଥିବା ବେଳେ ମହିଳା ଭୋଟରଙ୍କ ସଂଖ୍ୟା ୧୧୫୯୩୫ ଓ ପୁରୁଷ ଭୋଟରଙ୍କ ସଂଖ୍ୟା ୧୧୩୪୨୮ ରହିଛି । ସେହିପରି ତେଲକୋଇ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୨୦୪୮୬ ଜଣ ମହିଳା ଭୋଟର ରହିଥିବା ବେଳେ ପୁରଷ ଭୋଟରଙ୍କ ସଂଖ୍ୟା ୧୧୭୯୩୨ ରହିଛି । ଅନ୍ୟପକ୍ଷରେ ଏଥର ସଦର ନିର୍ବାଚନ ମଣ୍ଡଳୀରେ ନୂତନ ଭାବେ ୪୧୧୨ ଜଣ ମହିଳା ଭୋଟର ସାମିଲ ହୋଇଥିବା ବେଳେ ୩୦୬୪ ଜଣ ପୁରୁଷ ଭୋଟର ସାମିଲ୍ ହୋଇଛନ୍ତି । ଅନୁରୁପ ଭାବେ ତେଲକୋଇ ନିର୍ବାଚନ ମଣ୍ଡଳୀରେ ମଧ ନୂତନ ଭୋଟର ଭାବେ ୪୨୧୭ ଜଣ ମହିଳା ଭୋଟର ସାମିଲ୍ ହୋଇଥିବା ବେଳେ ୩୩୨୭ ଜଣ ପୁରୁଷ ଭୋଟର ସାମିଲ୍ ହୋଇଛନ୍ତି । ଏତଦ୍ ବ୍ୟତିତ ତେଲକୋଇ ନିର୍ବାଚନ ମଣ୍ଡଳୀରେ ୮ ଜଣ ତୃତୀୟ ଲିଙ୍ଗି ଭୋଟର ରହିଛନ୍ତି । ସଦର ନିର୍ବାଚନ ମଣ୍ଡଳୀରେ ୩୫୯୩ ଜଣ ପୁରୁଷ ଓ ୪୨୨୩ ମହିଳା ଭୋଟରଙ୍କ ସହ ୨ ଜଣ ତୃତୀୟ ଲିଙ୍ଗୀ ଭୋଟରଙ୍କୁ ମିଶାଇ ମୋଟ ୭୮୧୮ ଜଣ ଭୋଟର ଏବଂ ତେଲକୋଇ ନିର୍ବାଚନ ମଣ୍ଡଳୀରେ ୪୫୪୫ ମହିଳା ଓ ୩୭୬୩ ପୁରୁଷ ଭୋଟରଙ୍କୁ ମିଶାଇ ୮୩୦୮ ଜଣଙ୍କର ନାମ ବାଦ୍ ପଡିଥିବା ଜଣାପଡିଛି ।

# ୧୦ ଦଫା ଦାବି ନେଇ ଡ୍ରାଇଭର ସଂଘ ପକ୍ଷରୁ ଜାତୀୟ ରାଜପଥରେ ଆନ୍ଦୋଳନ

ଖୋର୍ଦ୍ଧା, ୭/୧ (ନି.ପ୍ର): ଦଶ ଦଫା ଦାବି ନେଇ ଆଜି ଖୋର୍ଦ୍ଧା ଡ୍ରାଇଭର ସଂଘ ପକ୍ଷରୁ ୧୬ ନମ୍ବର ଜାତୀୟ ରାଜପଥ ଗଡ଼ଖୋର୍ଦ୍ଧା ଛକ ଠାରେ ଆନ୍ଦୋଳନ କରିଛନ୍ତି। ତେବେ ସଂଘ ପକ୍ଷରୁ ଦଶ ଦଫା ଦାବି ଗୁଡିକ ହେଲା ଡ୍ରାଇଭର ମାନଙ୍କୁ କରୋନା ଯୋଦ୍ଧାର ମାନ୍ୟତା ଦିଆଯାଉ, ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥୁବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସତନ୍ତ ଆଇନ ତିଆରି କରାଯାଉ, ୫୫ ବର୍ଷ ପରେ ପେନସନ୍ (ମାସକୁ ୫ ହଜାର) ଦିଆଯାଉ, ଡ୍ରାଇଭର ମାନଙ୍କୁ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଉ, ଗାଡ଼ି ଗୁଡ଼ିକ ପାର୍କିଂ ଏବଂ ଡ୍ରାଇଭର ମାନଙ୍କ ବିଶ୍ରାମ ନେବାପାଇଁ ପାର୍କିଂ ସହିତ ବିଶ୍ରାମଗାର ଏବଂ ଶୌଚାଳୟର ବ୍ୟବସ୍ଥା (ପ୍ରତ୍ୟେକ ୧୦୦ କି.ମି. ଅନ୍ତରରେ) କରାଯାଉ । ଦୁର୍ଘଟଣାରେ ପ୍ରାଣ ହରାଉଥିବା ଡ୍ରାଇଭରମାନଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ବିମାରାଶି ଏବଂ ଦୁର୍ଘଟଣାରେ ଅକର୍ମଣ୍ୟ ହେଲେ ୧୦ ଲକ୍ଷ ଟଙ୍କାର ବିମାରାଶି ସହିତ ଦୁର୍ଘଟଣାଜନିତ ଚକିତ୍ସା ପାଇଁ ଡ୍ରାଇଭରମାନଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ବିମା ଯୋଗାଇ ଦିଆଯାଉ, ଡ୍ରାଇଭର ମାନଙ୍କ ନିର୍ଦ୍ଧାରିତ ମୂଲ୍ୟାଙ୍କନ ଏବଂ ଗାଡ଼ି ଚଳାଇବା ପାଇଁ ସମୟସୀମା ଧାର୍ଯ୍ୟ କରାଯାଉ, ଡ୍ରାଇଭର ମାନଙ୍କୁ ଦ୍ୱିତୀୟ ସୈନିକର ମାନ୍ୟତା ଦିଆଯାଉ, ଡ୍ରାଇଭରଙ୍କ ପିଲାମାନଙ୍କର ଉଚ୍ଚଶିକ୍ଷା ନିମନ୍ତେ ବ୍ୟବସ୍ଥା କରାଯାଉ, ରାଜରାସ୍ତା ଉପରେ ପ୍ରଶାସନ ପକ୍ଷରୁ ଡ୍ରାଇଡ୍ରର ମାନଙ୍କୁ ହଇରାଣ(କାଗଜପତ୍ର ଯାଂଚ୍ ଆଳରେ) ନକରାଯାଉ, ଲାଇସେନ୍ସ ପାଇଁ ଯେଉଁ୧୫ ହଜାର ଟଙ୍କା ସରକାର ରଖିଛନ୍ତି ତାକୁ ପରିବର୍ତନ କରି କମ୍ ମୂଲ୍ୟାଙ୍କନ ଧାର୍ଯ୍ୟ କରାଯାଉ (ଯେହେତୁ ଡ୍ରାଇଭର ଗରିବ ଶ୍ରେଣୀର ଅଟନ୍ତି) ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

# ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଫୁଲବାଣୀରେ ଓ୍ୱାକାଥନ କାର୍ଯ୍ୟକ୍ରମ

କନ୍ଧମାଳ, ୭/୧ (ନି.ପ୍ର): ଓଡ଼ିଶାର ଲୋକମାନଙ୍କ ମଧ୍ୟରେ ଆର୍ଥିକ ସ୍ୱାକ୍ଷରତା ଓ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ପକ୍ଷରୁ କନ୍ଧମାଳ ସମେତ ପ୍ରତ୍ୟେକ ଜିଲ୍ଲାରେ ଓ୍ୱାକାଥନ୍ ଆୟୋଜନ କରାଯାଉଛି । ଏହି କ୍ରମରେ ଆଜି ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ କେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଡି.ଜି.ଏମ୍., ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ମାରୁତି ପ୍ରକାଶ ବେହେରା କହିଲେ, କେବଳ ଓ୍ୱାକାଥନ୍ ଆୟୋଜନ କରି୨୫୦ଜଣ ବ୍ୟାଙ୍କ କର୍ମଚାରୀ, ବିଭିନ୍ନ ଟାର୍ଗେଟ ଗୋଷ୍ଠୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ, କୃଷକ, ବରିଷ୍ଠ ନାଗରିକ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ତାଙ୍କର ଉଦ୍ଦେଶ୍ୟ ନୁହେଁ। ତାଙ୍କର ଉଦ୍ଦେଶ୍ୟ ହେଉଛି ଯେଉଁମାନେ ଏଠାରେ ସଚେତନ ହେଲେ ସେମାନେ କିପରି ୧୦୦୦ ଲୋକଙ୍କୁ ସଚେତନ କରିବେ ଏବଂ ସେହି କ୍ରମରେ ସଂଖ୍ୟା ବଢ଼ି ଚାଲିଥିବ ସାଇବର ଠକେଇ ବନ୍ଦ ନ ହେଲା ପର୍ଯ୍ୟନ୍ତ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଆଞ୍ଚଳିକ ପରିଚାଳକ ମାନସ ରଞ୍ଜନ ଆଚାର୍ଯ୍ୟ କହିଲେ ଦେଶ ନିଶ୍ଚିତ ଭାବେ ଆଗେଇଛି। କାରଣ ଏବେ ଘରର ସମସ୍ତ ସଦସ୍ୟଙ୍କର ବ୍ୟାଙ୍କ ଆକାଉଂଟ ଅଛି। ଆଗେ କେବଳ ଘରର ମୁଖ୍ୟଙ୍କ ପାଖରେ ଥିଲା। ୨୦୧୫ ମସିହା ପର୍ଯ୍ୟନ୍ତ ଏ.ଟି.ଏମ୍. ଠକେଇ ହେଉଥିଲା। ଲୋକମାନେ ସଚେତନ ହେବାପରେ ତାଦ' ପର ଠାରୁ ସାଇବର ଠକେଇ ଚାଲିଛି। ଯେ ପର୍ଯ୍ୟନ୍ତ ଲୋକ ଏହା ଉପରେ ସଚେତନ ହୋଇନାହାଁନ୍ତି ଏହି ଠକେଇ ଚାଲିଥିବ। ବ୍ୟାଙ୍କ ତାଦ'ର କୌଣସି ଗ୍ରାହାକଙ୍କ ଓ.ଟି.ପି. ନମ୍ବର ମାଗେନି କିମ୍ବା ଏଥିପାଇଁ ଇ-ମେଲରେ ମେସେଜ୍ ପଠାଏ ନାହିଁ। ଲୋକମାନେ ଯେତେ ସଚେତନ ହେବେ ତାଙ୍କ ଟଙ୍କା ସେତିକି ସୁରକ୍ଷିତ ରହିବ ବୋଲି ସେ କହିଥିଲେ। ସେହିପରି, ଡି.ଡି.ଏମ୍. ନାବାର୍ଡ ସଞ୍ଜୀବ କୁମାର ମହାନ୍ତି ଦିଜିଟାଲ୍ ଉପକରଣର ବ୍ୟବହାର ଉପରେ ଘରର ପ୍ରତ୍ୟେକ ସଦସ୍ୟଙ୍କୁ ସଚେତନ କରିବା ଆବଶ୍ୟକ। ଦିଜିଟାଲ୍ ପେମେଣ୍ଟ କରିବା କିମ୍ବା ଆଣିବା ସମୟରେ କି କି ସତର୍କତା ଅବଲମ୍ବନ କରିବାକୁ ହେବ ସେ ବିଷୟରେ ମଧ ସଚେତନ କରବା ଆବଶ୍ୟକ। ଏଲ୍.ଡି.ଏମ୍. ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଅଭିଶେକ୍ ପ୍ରମାଣିକ୍ ଏବଂ ସେବାଶ୍ରୀ ସାହୁ ଭାରତ ସରକାରଙ୍କର ଲୋନ୍ ସମ୍ପର୍କୀତ ବିଭିନ୍ନ ପୋର୍ଟାଲ ଉପରେ ଆଲୋଚନା କରିବା ସହିତ ଠକେଇରେ ନ ପଡ଼ିବା ପାଇଁ ଓ ଠକେଇରେ ପଡ଼ିବା ପରେ କଦ'ଣ କରିବାକୁ ହେବ ସେ ବିଷୟରେ ଆଲୋଚନା କରିଥିଲେ। ବିଭିନ୍ନ ପ୍ରକାର ଋଣ ଉପରେ ମଧ ଆଲୋଚନା କରିଥିଲେ। ସେମାନେ କହିଲେ ଲୋକମାନେ ଅଜ୍ଞାନତା, ଅସାବଧାନତା ଓ ଅତ୍ୟଧିକ ଲୋଭ ହେତୁ ସାଧାରଣତଃ ଠକାମିରେ ପଡ଼ିଥାନ୍ତି।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

ଜୟପୁର, ୭/୧ (ନି.ପ୍ର): କୋରାପୁଟ ଆଂଚଳିକ ପରିବହନ ବିଭାଗ, ଜୟପୁର ଟାଉନ, ସଦର ପୋଲିସ, ପୌରପାଳିକାର ମିଳିତ ସହଯୋଗରେ ଆଜି ସଡକ ସୁରକ୍ଷା ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଶୋଭାଯାତ୍ରାକୁ ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ । ଜୟପୁର ରଜାନହର ଠାରୁ ଏହି ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଟାଉନ ଥାନାରେ ପହଂଚି ଥିଲା । ଏହି ଶୋଭାଯାତ୍ରାରେ ଜିଲା ପରିବହନ ବିଭାଗର ଅତିରିକ୍ତ ଅଧିକାରି ତପନ କୁମାର ବେଟ଼ି, ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ଟାଉନ ଥାନା ଅଧିକାରି ସତ୍ୟାନନ୍ଦ ପାତ୍ର, ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି, ଉପଖଣ୍ଡ ସୁଚନା ଓ ଲୋକ ସମ୍ପର୍କ ଅଧିକାରି ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ସେଂଚୁରିଅନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ବଲାଙ୍ଗୀର, ୭/୧ (ନି.ପ୍ର): ବାର୍ଷିକ ଉତ୍ସବ ଯେକୌଣସି ଅନୁଷ୍ଠାନର ଉପଲବ୍ଧି ଓ ଆତ୍ମ ବିଶ୍ଳେଷଣ ପାଇଁ ଆବଶ୍ୟକ ହୋଇଥାଏ। ଏଇ ଆଭିମୁଖ୍ୟ ନେଇ ଆଜି ସେଂଚୁରିଅନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ବଲାଙ୍ଗୀର ସହରରେ ଅବସ୍ଥିତ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅନୁଷ୍ଠାନର ଆଂଚଳିକ ନିର୍ଦ୍ଦେଶକ ଡ଼. ପ୍ରଦୀପ କୁମାର ଷଡ଼ଙ୍ଗୀ ଯୋଗଦାନ କରିଥିଲେ। ପୂର୍ବାହ୍ନ ୧୦.୩୦ରେ ମୁଖ୍ୟ ଅତିଥି ଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦ୍‌ଘାଟନ କରିଥିଲେ। ଛାତ୍ର-ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ଅଧାପକ ଶ୍ରୀ ଅରିନ୍ଦମ ପରିଚ୍ଛା ଓ ଅଧାପିକା ଭକ୍ତି ପଢାରିଆ ମଂଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ନିଜ ବକ୍ତବ୍ୟରେ ବର୍ତମାନ ସ୍ଥିତିର ପ୍ରତିଯୋଗିତା ମୂଳକ ପରିବେଷରେ ଛାତ୍ର- ଛାତ୍ରୀମାନେ ଭବିଷ୍ୟତ ପାଇଁ ଲକ୍ଷ୍ୟ ନିର୍ଦ୍ଧାରଣ କରନ୍ତୁ, ନିଜ ଉପରେ ବିଶ୍ୱାସ ରଖନ୍ତୁ ଏବଂ ନିଜର ଦକ୍ଷତାକୁ ତ୍ୱରାନ୍ୱିତ କରନ୍ତୁ ବୋଲି କହିଥିଲେ। ଉତ୍ସବଟି ଅନୁଷ୍ଠାନର ଆଂଚଳିକ ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ ଷଡ଼ଙ୍ଗୀଙ୍କର ପ୍ରତ୍ୟକ୍ଷ ତତ୍ୱାବଧାନରେ ସମ୍ପାଦିତ ହୋଇଥିଲା। (ସି.ଏଚ୍.ଏସ୍.ଇ) ଯୁକ୍ତଦୁଇ ବିଜ୍ଞାନର ଅଧକ୍ଷ ଶ୍ରୀ ଅନଙ୍ଗ ଉଦୟ ନାୟକ, ଉପାଧକ୍ଷା ଅଙ୍କିତା ଶୁଭ୍ରସ୍ମିତା ଗଡ଼ତ୍ୟା, (ବି.ଏସ୍.ସି)ର ଅଧକ୍ଷ ସୋମନାଥ ଷଡ଼ଙ୍ଗୀ, ଫର୍ମାସୀର ଅଧକ୍ଷ ଶ୍ରୀ ଡ଼. ପ୍ରଫୁଲ୍ଲ କୁମାର ସାହୁ, ବି.ଏସ୍.ସିର(ଏକାଡେମୀକ କୋ ଅର୍ଡିନେଟର) ଶ୍ରୀ ଜୟକୃଷ୍ଣ ମେହେର, ସେଂଚୁରିଅନ ବିଦ୍ୟାଳୟର ଅଧକ୍ଷ ଶ୍ରୀ ତମାଳ ଚକ୍ରବର୍ତୀ, ଉପାଧକ୍ଷା ଶ୍ରୀମତୀ ପୂର୍ଣ୍ୟତୋୟା ବିଶ୍ୱାଳ, ହେଲୋ କିଡ଼ସ୍‌ର ଅଧକ୍ଷା ଶ୍ରୀମତୀ ସୁଷମା ମୁଣ୍ଡ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମର ସଫଳ ପରିଚାଳନା ଉପଯୁକ୍ତ ମାର୍ଗ ଦର୍ଶନ କରିଥିଲେ। ଅନୁଷ୍ଠାନର ଆଂଚଳିକ ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ ଷଡ଼ଙ୍ଗୀ ଛାତ୍ର-ଛାତ୍ରୀଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ସେମାନେ ଜୀବନରେ କଠିନ ଅଧବସାୟ କରନ୍ତୁ ଓ ଅନୁଷ୍ଠାନ ପାଇଁ ଗୌରବ ଆଣନ୍ତୁ। ଏହାପରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥଲା। ସେଂଚୁରିଅନ ବିଦ୍ୟାଳୟର(ସି.ବି.ଏସ୍. ଇ) ଯୁକ୍ତଦୁଇ ବିଜ୍ଞାନ ଦ୍ୱାଦଶ ଶ୍ରେଣୀର ଛାତ୍ର ସୌମ୍ୟ ରଞ୍ଜନ ଡାଙ୍ଗ(ବେଷ୍ଟ ଅଫ ଦି ଇଅର)ର ପୁରସ୍କାରରେ ପୁରସ୍କୃତ ହୋଇଥିଲେ। (ସିଏଚ୍‌ସି) ବିଜ୍ଞାନର ଦ୍ୱାଦଶ ଶ୍ରେଣୀର ଛାତ୍ରୀ ପୁନମ ମେହେର, (ବି.ଏସ୍.ସି) ବିଭାଗର ତୃତୀୟ ବର୍ଷର ଛାତ୍ରୀ ଶ୍ରୀୟାରାଣୀ ହୋତା(ଏମ୍.ଏମ୍.ଏସ୍.ସି.) ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ସସ୍ମିତା ବାଗ,(ବି.ଫାର୍ମ) ବିଭାଗର ଚତୁର୍ଥ ବର୍ଷର ଛାତ୍ର ନିହାର ରଞ୍ଜନ ଦାଶ,(ଡି. ଫାର୍ମ) ଦ୍ୱିତୀୟ ବର୍ଷର ଛାତ୍ର ସୁନୀଲ କୁମାର ସାହୁ,(ଡି.ଏମ୍.ଏଲ୍.ଟି) ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ପ୍ରତୀକ୍ଷା ପଟ୍ଟନାୟକ, ସେଂଚୁରିଅନ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ଦିଶା ଅଗ୍ରୱାଲ, ସମସ୍ତେ ନିଜ ନିଜ ବିଭାଗର(ବେଷ୍ଟ ଷ୍ଟୁଡେଂଟ ଅଫ୍ ଦ ଇଅର) ଭାବରେ ମନୋନୀତ ହୋଇ ପୁରସ୍କୃତ ହୋଇଥିଲେ। ଏହାପରେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଗୀତ ଓ ନୃତ୍ୟ ଦ୍ୱାରା ପ୍ରାରମ୍ଭ ହୋଇଥିଲା। ଏଇ କ୍ରମରେ ଅନୁଷ୍ଠାନର ସମସ୍ତ ଶ୍ରେଣୀର ଛାତ୍ର-ଛାତ୍ରୀମାନେ ସଂଗୀତ, ନୃତ୍ୟ ଓ ନାଟକ ପରିବେଷଣ କରିଥିଲେ। ପରିଶେଷରେ ଧନ୍ୟବାଦ ଅର୍ପଣ ସମାରୋହ ଅନୁଷ୍ଠାନର ଅଧାପକ ଶ୍ରୀ ଅରିନ୍ଦମ ପରିଚ୍ଛାଙ୍କ ଦ୍ୱାରା ସମାପିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଏପରି ଏକ ଚିତାକର୍ଷକ ଓ ଆକର୍ଷଣୀୟ ଉତ୍ସବର ଆୟୋଜନ ପାଇଁ ଅଭିଭାବକ ଓ ଅଭିଭାବିକାମାନେ ବିଦ୍ୟାଳୟର କତୃପକ୍ଷଙ୍କର ଭୁୟସୀ ପ୍ରଶଂସା କରିଥିଲେ। ବାସ୍ତବରେ ଉତ୍ସବଟି ଅନୁକରଣୀୟ ହୋଇଥିବା ସଙ୍ଗେ ସଙ୍ଗେ ସହରରେ ଏହା ଏକ ଚର୍ଚ୍ଚାର ବିଷୟ ପାଲଟିଛି।

# ରାଜ୍ୟପାଳଙ୍କ କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ

ପଟ୍ଟାମୁଣ୍ଡାଇ, ୭/୧ (ନି.ପ୍ର): ଓଡିଶାର ମହାମହିମ ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ରଘୁବୀର ଦାସ ପ୍ରଥମ କରି ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରିଛନ୍ତି । ଏହି ଗସ୍ତ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ପୌରାଂଚଳ କଷଣଅଂଟା ପଂଚାୟତ ହାଇସ୍କୁଲରେ ପ୍ରଥମେ ପହଂଚିଥିଲେ। ଛାତ୍ରଛାତ୍ରୀ ମାନଙ୍କ ସହିତ ବାର୍ତାଳାପ କରିବା ଛଳରେ ସେମାନଙ୍କର ଜୀବନର ଲକ୍ଷ କ'ଣ ବୋଲି ପଚାରି ବୁଝିଥିଲେ। ନିଜର ଲକ୍ଷସ୍ଥଳରେ ପହଂଚିବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡିବ ବୋଲି ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ପଟ୍ଟାମୁଣ୍ଡାଇ ପୌରାଂଚଳ ଚାହାପଡ଼ା ସ୍ଥିତ ସରକାରୀ ଶିକ୍ଷ ତାଲିମ କେନ୍ଦ୍ର ପରିଦର୍ଶନରେ ଯାଇଥିଲେ । ପଟ୍ଟାମୁଣ୍ଡାଇ ପୌରପରିଷଦ ସଭା ଗୃହରେ କୃଷିଜୀବୀ, ମତ୍ସଜୀବୀ ଓ ଗୋ-ପାଳକ ମାନଙ୍କୁ ନେଇ ଆୟୋଜିତ ସଭାରେ ରାସାୟନିକ ସାର ଔଷଧ ବ୍ୟବହାରନକରି ଜୈବିକ ଖତ ସାର ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ । ପଟ୍ଟାମୁଣ୍ଡାଇ, ଆଳି ଓ ରାଜନଗର ବ୍ଲକର ଚାଷୀମାନେ ନିଜ ନିଜ ଅଂଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୁଇଶହରୁ ଉର୍ଦ୍ଧ୍ୱ ଚାଷୀମାନଙ୍କ ଯୋଗଦେଇଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଏସପି ସମେତ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନୀଳଗିରି ନିର୍ବାଚନ ମଣ୍ଡଳି ପ୍ରଗତିରେ ବିଜେପିର ଡବଲ ଇଞ୍ଜିନର କଚ୍ଚା ଚିଠା ଖୋଲିଲେ ବିଧାୟକ ସୁକାନ୍ତ




ନୀଳଗିରି , ୭/୧ (ନି.ପ୍ର): ନୀଳଗିରି ନିର୍ବାଚନ ମଣ୍ଡଳୀରେ ବିଜେପିର ଡବଲ ଇଞ୍ଜିନର ବିଭିନ୍ନ ବିକାଶ ଏବଂ ଉନ୍ନୟନ କାର୍ଯ୍ୟର କଚ୍ଚା ଚିଠା ଖୋଲିଛନ୍ତି ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ। ରବିବାର ବିଜେପି କାର୍ଯ୍ୟାଳୟରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ଗତ ପାଞ୍ଚବର୍ଷର ନୀଳଗିରି ନିର୍ବାଚନ ମଣ୍ଡଳୀରେ ହୋଇଥିବା ଉନ୍ନୟନ କାର୍ଯ୍ୟର ହିସାବ ଦେଇଥିଲେ। ବିଧାୟକ ଶ୍ରୀଯୁକ୍ତ ନାୟକ ଏବଂ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ମିଳିତ ପ୍ରଚେଷ୍ଟାରେ କେନ୍ଦ୍ର ଓ ରାଜ୍ୟ ଠାରୁ ଅନୁଦାନ ଆଣି ଅଞ୍ଚଳର ବିକାଶ ରଥକୁ ନୀଳଗିରି ମାଟିରେ ଆଗେଇ ନେଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।୨୦୧୯/ ୨୦ଆର୍ଥିକ ବର୍ଷ ଠାରୁ ୨୦୨୩/ ୨୪ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବିଧାୟକ ଏବଂ ସାଂସଦଙ୍କ ୪ବର୍ଷ ୮ମାସ କାର୍ଯ୍ୟକାଳ ମଧ୍ୟରେ ୧୦୪୦କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନୀଳଗିରିବାସୀଙ୍କ ଆଶୀର୍ବାଦରୁ ହୋଇ ପାରିଥିବାରୁ ବିଧାୟକ ନୀଳଗିରିବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି। ବିଧାୟକ ଶ୍ରୀଯୁକ୍ତ ନାୟକ ୨୦୧୯/୨୦ଆର୍ଥିକ ବର୍ଷଠାରୁ ୨୦୨୩/୨୪ପର୍ଯ୍ୟନ୍ତ ନିର୍ବାଚନ ମଣ୍ଡଳୀରେ ଉଠା ଜଳସେଚନ ଖୋଲା ବାବଦକୁ ୨୬.୮୯କୋଟି, ଆର ଡବ୍ଲ୍ୟୁ ଡିଭିଜନ-୨ ରେ ୪୮.୫୦କୋଟି, ଆର ଡ଼ବ୍ଲ୍ୟୁ-୧ ରେ ୯୫.୦୭କୋଟି, ବିଲଡିଂ ବାବଦରେ ୮କୋଟି, ଗ୍ରାମାଞ୍ଚଳ ରାସ୍ତା ବାବଦରେ ୮୨.୯୭କୋଟି, ଡ୍ରେନେଜ ଡିଭିଜନ ବାଲେଶ୍ୱର -୧ ୫.୨୪କୋଟି, ଆନନ୍ଦପୁର ବ୍ୟାରେଜ୍ ପାଇଁ ୨୧୨କୋଟି, ନୀଳଗିରି ନିର୍ବାଚନ ମଣ୍ଡଳୀ ଜଳସେଚନ ବାବଦରେ ୧୨.୮୩କୋଟି, କ୍ଷୁଦ୍ର ଜଳସେଚନ ନୀଳଗିରି - ୧୭.୭୭କୋଟି, ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ପାଇଁ ୭୫.୫୯କୋଟି, ନୀଳଗିରି ସହରାଞ୍ଚଳ ଜଳ ଯୋଗାଣ ପାଇଁ (ପି. ଏଚ) ୧୭.୨୭କୋଟି, ଆଇ ଟି ଡି ଏ ପାଇଁ ୭.୧୪କୋଟି, ପିଡବ୍ଲୁଡି ରାସ୍ତା -ଡିଭିଜନ ୧ପାଇଁ ୧୩୪.୮କୋଟି, ପିଡବ୍ଲ୍ୟୁ ଡି ଡିଭିଜନ -୧ ବ୍ରିଜ ନିର୍ମାଣ ପାଇଁ ୧୦୪.୬୪କୋଟି, ପିଡବ୍ଲ୍ୟୁଡ଼ି ବିଲ୍ଡିଙ୍ଗ ୨୨.୪୭କୋଟି , ଓଡ଼ିଶା କୁଟୀର ଶିଳ୍ପ ନିଗମ ନୀଳଗିରି ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନରେ ଥିବା କଳିଙ୍ଗ ମଡେଲ ରେସିଡେନ୍ସିଆଲ୍ ସ୍କୁଲ ଏବଂ ଏକଲବ୍ୟ ବିଦ୍ୟାଳୟର ଛାତ, ବ୍ରିଜ ଆଦି ନିର୍ମାଣ ବାବଦରେ ୩୮କୋଟି ଏବଂ କେନ୍ଦ୍ର ଅର୍ଥ କମିଶନ ବାବଦରେ ୧୨୧କୋଟି ଟଙ୍କା ମଞ୍ଜୁର କରାଯାଇ ନୀଳଗିରି ନିର୍ବାଚନ ମଣ୍ଡଳୀରେ ମୋଟ ୧୦୪୦କୋଟି ଟଙ୍କା ବିନିଯୋଗ କରାଯାଇଥିବାର ବିଧାୟକ ଶ୍ରୀଯୁକ୍ତ ନାୟକ ସୂଚନା ଦେଇଥିଲେ। ଏତଦ୍ ଭିନ୍ନ ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ସାଂସଦଙ୍କ ପ୍ରଚେଷ୍ଟାରେ ନୀଳଗିରି ଗୋପୀନାଥପୁର ଠାରେ ନୂତନ ରେଳ ଷ୍ଟେସନ ନିର୍ମାଣ ସହିତ ଆଗାମୀ ୧୩ତାରିଖରେ ଲୋକାର୍ପଣ ସହିତ ରେଳ ଚଳାଚଳ କରିବା ସହିତ ଶେରଗଡ଼ ନୀଳଗିରି ଝରଣାଘାଟି ରାସ୍ତାର ଉନ୍ନତି କରଣ ପାଇଁ ୧୨୫କୋଟି ମଞ୍ଜୁର ହୋଇ କାର୍ଯ୍ୟ ଚାଲିଥିବା ବେଳେ ଅନ୍ୟାନ୍ୟ ବହୁ ପ୍ରକଳ୍ପ କାର୍ଯ୍ୟ ସାଂସଦଙ୍କ ପାଇଁ ସମ୍ଭବ ହୋଇପାରିଥିବାର ବିଧାୟକ ସୂଚନା ଦେଇଥିଲେ। ଯାହା ନୀଳଗିରିରେ ଡବଲ ଇଞ୍ଜିନ ପାଇଁ ସମ୍ଭବ ହୋଇ ପାରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଉଷାରାଣୀ ରାଉଳ, ଚନ୍ଦ୍ରବିନ୍ଦୁ ଦାସ, ଗଙ୍ଗାଧର ମିଶ୍ର, ଉପେନ୍ଦ୍ର ଦାସ, ରଧାଗୋବିନ୍ଦ ଖଟୁଆ, ଚନ୍ଦ୍ରଶେଖର ନନ୍ଦ, ଉପେନ୍ଦ୍ର ନାୟକ, ଅକ୍ଷୟ ବେହେରା, ତାପସ ମହାନ୍ତି, କରୁଣାକର ପଣ୍ଡା, ଦେବାଶିଷ ଆଚାର୍ଯ୍ୟ, କୁଳମଣୀ ନାୟକ ପ୍ରମୁଖ ବହୁ ବିଜେପି ନେତା ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ସ୍ପଷ୍ଟ ବା କ୍ୟାପିଟାଲ୍ ଅକ୍ଷରରେ...

ହାଇକୋର୍ଟ ମାମଲାକୁ ଗୁରୁତର ସହ ନେଇ ଢେଙ୍କାନାଳ ଜିଲ୍ଲା ପ୍ରଶାସନକୁ ରିପୋର୍ଟ ମାଗିଥିଲେ। ତାହାର ଜବାବ ହାଇକୋର୍ଟରେ ଦାଖଲ କରିଥିଲା ଜିଲ୍ଲା ପ୍ରଶାସନ। ଯେଉଁଥିରେ ଲେଖାଯାଇଥିଲା, ଶବ ବ୍ୟବଚ୍ଛେଦ ରିପୋର୍ଟ ପଢ଼ି ପାରିନଥିବାରୁ କୌଣସି ନିଷ୍ପତ୍ତି ନେଇପାରିନାହିଁ। ଏହା ପରେ ଶବ ବ୍ୟବଚ୍ଛେଦ ରିପୋର୍ଟ ଲେଖିଥିବା ଡାକ୍ତରଙ୍କୁ ହାଜର ହେବା ପାଇଁ କହିଥିଲେ କୋର୍ଟ। ଏହା ପରେ ସମ୍ପୃକ୍ତ ଡାକ୍ତର କୋର୍ଟରେ ହାଜର ହୋଇ ରିପୋର୍ଟ ପଢ଼ି ଥିଲେ। ସାପ କାମୁଡ଼ାରେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ରିପୋର୍ଟରେ ଲେଖାଯାଇଥିବା ଡାକ୍ତର କହିଥିଲେ। ଏହି ମାମଲାକୁ ବିଚାର କରିବାକୁ ଯାଇ ଆଜି କୋର୍ଟ ଏପରି ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି, ଅପରାଧୀକ ପୃଷ୍ଟ ଭୂମି ଥିବା ମାମଲା(ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ଭିସେରା ରିପୋର୍ଟ)ରେ ଗୋଡାଏ ତଥ୍ୟ ପ୍ରମାଣର ଆବଶ୍ୟକତା ରହିଛି। ଯଦି ରିପୋର୍ଟରେ ସ୍ପଷ୍ଟତା ନରହେ, ତାହାହେଲେ ମାମଲାର ବିଚାରରେ ଅସୁବିଧା ସୃଷ୍ଟି ହେଉଛି। ତେଣୁ ଡାକ୍ତରମାନେ ପ୍ରେସକ୍ରିପ୍ସନ୍ ଓ ଅନ୍ୟ କୌଣସି ରିପୋର୍ଟ ଲେଖିଲା ବେଳେ ସ୍ପଷ୍ଟ ଭାବେ ବା କ୍ୟାପିଟାଲ୍‌ରେ ଲେଖିଲେ, ଏପରି ସମସ୍ୟା ସୃଷ୍ଟି ହେବନାହିଁ ବୋଲି କୋର୍ଟ କହିଛନ୍ତି।

### ଆଜିଠାରୁ ଶ୍ରମିକ....

ଆମର ଦାବି ଯଥାଶୀଘ୍ର କେନ୍ଦ୍ର ସରକାର ଏହି ଆଇନ୍‌କୁ ପ୍ରତ୍ୟାହାର କରନ୍ତୁ। ଏହି ଆଇନ୍‌କୁ ପ୍ରତ୍ୟାହାର ନହେଲେ ଆଗାମୀ ଦିନରେ ସମଗ୍ର ଭାରତ ବର୍ଷରେ ଆନ୍ଦୋଳନ ହେବ। ଏହି ପରିପ୍ରେକ୍ଷିରେ ଆମେ ଚାହୁଁଛୁ ଓଡ଼ିଶା ସରକାର ଡ୍ରାଇଭରଙ୍କୁ ନ୍ୟାୟ ଦିଅନ୍ତୁ। ଆଇନ୍‌କୁ ପ୍ରତ୍ୟାହାର କରିବା ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାନ୍ତୁ। କିନ୍ତୁ ରାଜ୍ୟ ସରକାର ଯଦି ପୁଲିସ୍ ଲଗାଇ ଡ୍ରାଇଭରମାନଙ୍କ ଆନ୍ଦୋଳନକୁ ଦମନ କରିବାକୁ ଉଦ୍ୟମ କରନ୍ତି, ତାହାହେଲେ ବୁଝିବାକୁ ପଡ଼ିବ ରାଜ୍ୟ ସରକାର କୌଣସି ଶାନ୍ତିପୂର୍ଣ୍ଣ ପଦକ୍ଷେପ ନେବାକୁ ଚାହୁଁ ନାହାନ୍ତି ବୋଲି ଶ୍ରୀ ପତି କହିଛନ୍ତି। ଉତ୍କଳ ପେଟ୍ରୋଲିୟମ୍ ଡିଲର ସଂଘ ସାଧାରଣ ସମ୍ପାଦକ ସଞ୍ଜୟ ଲାଠ କହିଛନ୍ତି, ଡ୍ରାଇଭର ଆନ୍ଦୋଳନ ଯୋଗୁ ଶନିବାର ଅଧିକାଂଶ ପେଟ୍ରୋଲ ପମ୍ପରେ ଷ୍ଟକ ବହୁତ କମି ଯାଇଥିଲା। ମାଲକାନଗିରି, ନବରଙ୍ଗପୁର କୋରାପୁଟ ଭଳି ଉପାନ୍ତ ଅଞ୍ଚଳରେ ପେଟ୍ରୋଲ ପମ୍ପରେ ତେଲ ସଙ୍କଟ ଦେଖାଦେଇଥିଲା। ତେବେ ଶନିବାର ସନ୍ଧ୍ୟାରେ ଡ୍ରାଇଭର ଆନ୍ଦୋଳନ ପ୍ରତ୍ୟାହାର ପରେ ଡିପୋରୁ ୨୫-୩୦ ପ୍ରତିଶତ ଟ୍ୟାଙ୍କରରେ ତେଲ ଲୋଡିଂ ହୋଇପାରିଛି। ରବିବାର ସତ୍ତ୍ୱେ ଆଜି ସକାଳୁ କିଛି ଡିପୋରୁ ଅଳ୍ପ କିଛି ଟ୍ୟାଙ୍କରରେ ତେଲ ଲୋଡ ହୋଇଛି। କିନ୍ତୁ ସମୋବାରଠାରୁ ଓଡ଼ିଶା ପରିବହନ ଶ୍ରମିକ ମହାସଂଘ ପକ୍ଷରୁ ପୁଣି ଧର୍ମଘଟ ହେଲେ ସନ୍ଧ୍ୟା ସୁଦ୍ଧା ପ୍ରାୟ ପେଟ୍ରୋଲ ପମ୍ପରେ ପୁଣି ତେଲ ଅଭାବ ଦେଖାଦେବ। ତେଣୁ ତେଲ ଯୋଗାଣ ସ୍ୱାଭାବିକ କରିବା ନେଇ ସରକାର ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ଉତ୍କଳ ପେଟ୍ରୋଲିୟମ ଡିଲର ସଂଘ।

# ଡାକ କର୍ମଚାରୀ ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ

ବାଲେଶ୍ୱର, ୭/୧ (ନି.ପ୍ର): ବାଲେଶ୍ୱର ଡାକକର୍ମଚାରୀ ସମବାୟ ସମିତିର ବାର୍ଷିକ ସାଧାରଣ ସଭା ବାଲେଶ୍ୱର ପ୍ରଧାନ ଡାକଘର ପ୍ରାଙ୍ଗଣରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମବାୟ ସମିତିର ସଭାପତି ଶ୍ରୀ ଅଜୟ ନାରାୟଣ ଦାସ ସଭାପତିତ୍ୱ କରିଥିଲେ। ଡାକ ସମବାୟ ସମିତିର ସମ୍ପାଦକ ଶ୍ରୀ ଅକ୍ଷୟ କୁମାର ତ୍ରିପାଠୀ ୨୦୨୩-୨୪ର ବାର୍ଷିକ ବିବରଣୀ ଓ ଆୟବ୍ୟୟର ଆର୍ଥିକ ଅଟକଳ ଉପସ୍ଥାପନ କରିବାପରେ ତାହା ଅନୁମୋଦନ ଲାଭ କରିଥିଲା। ବିଭିନ୍ନ ପ୍ରସ୍ତାବ ମଧ୍ୟରେ ବର୍ତ୍ତମାନ ଦିଆଯାଉଥିବା ଋଣ ପରିମାଣ ୧ଲକ୍ଷ ୫୦ ହଜାର ସଭ୍ୟମାନଙ୍କୁ ଦିଆଯାଉଛି ଏବଂ ୨୦୨୨ ପର୍ଯ୍ୟନ୍ତ ଅଡ଼ିଟ୍ ହୋଇ ବର୍ତ୍ତମାନର ଥିବା ସମସ୍ତ ସମବାୟ ସମିତିର ସଭ୍ୟମାନଙ୍କୁ ଅଂଶଧନ ଉପରେ ଲାଭାଂଶ ଦିଆଯାଇଅଛି ବୋଲି କହିଥିଲେ। ସମସ୍ତ ସଭ୍ୟମାନଙ୍କୁ ସମବାୟ ସମିତିରୁ ଋଣ ନେଇ ସମବାୟ ସମିତିକୁ ଆଗେଇନେବାକୁ ଅନୁରୋଧ ରଖିଥିଲେ। ପୂର୍ବତନ କେନ୍ଦ୍ରନେତା ନିରଞ୍ଜନ ରାଉତ ଓ ସଭାପତି ଗୋପାଳ ଚନ୍ଦ୍ର ପର୍ଢ଼ିଯାରୀ ଯୋଗଦେଇ ସମିତିର ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବାପାଇଁ ବିଭିନ୍ନ ପ୍ରସ୍ତାବମାନ ଦେଇଥିଲେ ଏବଂ ପ୍ରତ୍ୟେକ ସଭ୍ୟ ଋଣ ନେବା ସହିତ ସମବାୟ ସମିତିକୁ ପ୍ରତ୍ୟେକ ମାସ ସର୍ବନିମ୍ନ ୧ଶହ ଟଙ୍କା ଟି.ଡି. ଏକାଉଣ୍ଟକୁ ଦେବାକୁ ନିବେଦନ ରଖିଥିଲେ। ଦୀର୍ଘ ୬୧ବର୍ଷ ଧରି ସ୍ୱର୍ଗତଃ ଜୀବନକୃଷ୍ଣ ଦାସଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଏହି ସମବାୟ ସମିତି ସମସ୍ତଙ୍କର ସହଯୋଗରେ ଆଗେଇଚାଲିଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଏକମାସ ଧରି ଚାଲିଥିବା ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବେତନଟୀ, ୭/୧ (ନି.ପ୍ର): ବେତନଟୀ କଲେଜରେ ପାଖାପାଖି ଏକମାସ ଧରି ଚାଲିଥିବା ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମର ଉଦଯାପନୀ ସାଙ୍ଗକୁ ପୁରସ୍କାରବିତରଣ କାର୍ଯ୍ୟକ୍ରମ ଶନିବାର ଆୟୋଜିତ ହୋଇଯାଇଛି । କଲେଜ ଅଧକ୍ଷ ଅଧ୍ୟାପକ ମନୋରଞ୍ଜନ ମହାନ୍ତଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସଡିସି) ଅଧକ୍ଷ ଡ. ଦେବାଶିଷ ମାର୍ଣ୍ଡି, ମୁଖ୍ୟବକ୍ତା ଭାବରେ ମୟୂରଭଞ୍ଜ କେନ୍ଦ୍ର ସମବାୟ ବିଭାଗର ସଭାପତି ସୁବ୍ରମଣ୍ୟମ ମହାନ୍ତି, ସ୍ୱତନ୍ତ୍ର ଅତିଥ୍ୟ ଭାବେ ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦା, ସମ୍ମାନୀତ ଅତିଥି ଭାବେ କଲେଜ ପରିଚାଳନା କମିଟିର ସଭାପତି ତଥା ପ୍ରାକ୍ତନ ପ୍ରାଧ୍ୟାପକ ଅଲେଖ କୁମାର ବିଶ୍ୱାଳ, ବେତନଟୀବ୍ଲକ ଚେୟାରମ୍ୟାନ କୌଶଲ୍ୟା ମାଝୀ, ୩୫ନଂ ଜୋନ ଜିଲ୍ଲାପରିଷଦ ବିଶ୍ୱନାଥ ହେମ୍ବ୍ରମ, ଇଂ. ସୁଶାନ୍ତ ବଳା ଏବଂ ସୁନୀଲ କୁମାର ନାୟକ ପ୍ରମୁଖ ଅତିଥଗଣ ମଞ୍ଚାସୀନ ରହିଥିଲେ । ତେବେ ଏକମାସ ବ୍ୟାପୀ ଛାତ୍ରଛାତ୍ରୀଙ୍କ ମଧରେ ଆତ୍ମବିଶ୍ୱାସର ପରିପ୍ରକାଶ ସାଙ୍ଗକୁ ଅନ୍ତର୍ନିହିତ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପାଇଁ କ୍ରୀଡା, ସାଂସ୍କୃତିକ, ସମାଜସେବା ସମେତ ବକ୍ତୃତା, କୁଇଜ, ତର୍କ, ଚିତ୍ରାଙ୍କନ, ଭଳି ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇଥିଲା । ପଥପ୍ରାନ୍ତ ନାଟକ ସାଙ୍ଗକୁ ସଚେତନତା ପଦଯାତ୍ରା ମଧ ଆଖପାଖ ଗାଁ ସମେତ ବସଷ୍ଟାଣ୍ଡ ପରିକ୍ରମା କରିଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଞ୍ଚାସୀନ ଅତିଥିଗଣ ପୁରସ୍କୃତ କରିଥିଲେ । ତେବେ ପୂର୍ବାପେକ୍ଷା ବର୍ତ୍ତମାନ କଲେଜର ଶୈକ୍ଷିକ ବାତାବରଣ ସାଙ୍ଗକୁ ଭିତ୍ତିଭୂମିର ବିକାଶରେ ଆଶାତୀତ ପରିବର୍ତ୍ତନ ଆସିଥିବା ବେଳେ ଏହାର ସଦୁପଯୋଗ କରିବାକୁ ମଞ୍ଚାସୀନ ଅତିଥିଗଣ ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ଗଣିତବିଭାଗର ଅଧାପକ ବିକାଶ ଭୋଇ ସ୍ୱାଗତଭାଷଣ, ଅତିଥପରିଚୟ ଏବଂ ମଞ୍ଚପରିଚାଳନା ଦାୟୀତ୍ୱ ତୁଲାଇବା ସହିତ ସଭାକାର୍ଯ୍ୟର ସଫଳ ସମାପନପରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ଅଧାପକ/ ଅଧାପିକା ଏବଂ ଅଣଶିକ୍ଷା କର୍ମଚାରୀ ପ୍ରମୁଖ ଯୋଗଦାନ କରି ସକ୍ରିୟ ସହଯୋଗ କରିଥିଲେ ।

# ମୁଦ୍ରଣ ଗଣମାଧ୍ୟମ ପ୍ରତିନିଧିଙ୍କ ବଢିଛି ଦାୟିତ୍ୱ

ଜଳେଶ୍ୱର , ୭/୧ (ନି.ପ୍ର): ସାମ୍ପ୍ରତିକ ସମାଜରେ ମୁଦ୍ରଣ, ବୈଦ୍ୟୁତିକ ଓ ସମାଜିକ ଗଣମାଧ୍ୟମ ପ୍ରତିନିଧିମାନେ କାର୍ଯ୍ୟ କରୁଥିଲେ ମଧ୍ୟ ମୁଦ୍ରଣ ଗଣମାଧ୍ୟମର ଭୂମୀକା ଗୁରୁତ୍ୱପୂର୍ଣ୍ଣ । ତେଣୁ ଆଜି ଜଳେଶ୍ୱରର ସମସ୍ତ ମୁଦ୍ରଣ ଗଣମାଧ୍ୟମର ପ୍ରତିନିଧିଙ୍କର ଏକ ବୈଠକ ଭୂପତି ପରିଡାଙ୍କ ଆବାହକତ୍ୱ ଓ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ମୁଦ୍ରଣ ଗଣମାଧ୍ୟମରେ ପ୍ରମାଣଯୋଗ୍ୟ ତଥ୍ୟ ରହୁଥିବା ବେଳେ ଅନ୍ୟ ଗଣମାଧ୍ୟମ ସସ୍ତା ଲୋକପ୍ରିୟତା କରିଚାଲୁଛି। ତେଣୁ ମୁଦ୍ରଣ ଗଣମାଧ୍ୟମର ପ୍ରତିନିଧିମାନେ ଅଧିକ କ୍ରିୟାଶୀଳ ହୋଇ ଏବଂ ପ୍ରମାଣଯୋଗ୍ୟ ଘଟଣାବଳୀ ପଠକ ସମାଜରେ ଉପସ୍ଥାପନ କରିବାକୁ ସହମତି ପ୍ରକାଶ ପାଇଥିଲା । ଏହି କାର୍ଯ୍ୟକ୍ରମରେ ସତ୍ୟ ବ୍ରତ ପ୍ରଧାନ, ଅବନୀ ଚାନ୍ଦ, ସୁକୁମାର ରଣା, ଅବଦୁଲ ରହିମ, ଅମର ଆଚାର୍ଯ୍ୟ, ଗୌରଗୋପାଳ ସେନ୍, ଗୌରୀଶଂକର ମହାନ୍ତି, ଅର୍ଜୁନ ସିଂ, ଆରତୀ ଦାସ, ମନୋଜ ଭୂୟାଁ, ରବିନ୍ଦ୍ର ସେନାପତି, ଦୁର୍ଗାଶଂକର ଗିରି, ତପନ ନାୟକ, ସତ୍ୟବ୍ରତ ସୋମ, ସୁଶାନ୍ତ ପ୍ରଧାନ, ଆଶିଷ ଗିରି, ରବିନାରାୟଣ ପାତ୍ର, ସୁଶାନ୍ତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

# ବସ୍ତା ବ୍ଲକ୍ ପତ୍ରଝଡ଼ା ପଞ୍ଚାୟତର ବିଦ୍ୟାଧରପୁର ଗ୍ରାମରେ ବିଦ୍ୟାଧରପୁର ପ୍ରିମିୟର ଲିଗ -୨୦୨୪




ବସ୍ତା, ୭/୧ (ନି.ପ୍ର): ବସ୍ତାସ୍ଥିତ ପୀରପଡିଆ ରେ ଉଦଘାଟନ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ମହାଦେବ ଦାସ, ରବିନ୍ଦ୍ର କୁମାର ଅଣ୍ଡିଆ, ବିଷ୍ଣୁପ୍ରିୟା ବୁଗୁଡ଼ି, ତୁଷାରକାନ୍ତ ବେହେରା ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରିମିୟର ଲିଗ ପାଇଁ ପତ୍ରଝଡ଼ା ପଞ୍ଚାୟତ ର ସମସ୍ତ ଗ୍ରାମ ରୁ ବେଟିଙ୍ଗ,ବୋଲିଙ୍ଗ ଏବଂ ଫିଲଡିଙ୍ଗ ପାଇଁ ଦକ୍ଷତା ସମ୍ପନ୍ନ ଖେଳାଳିଙ୍କୁ ନେଇ ଆଠ ଟି ଦଳ ଅଂଶଗ୍ରହଣ କରିଥିବା ଜଣାପଡିଛି। ତେବେ ଲିଗ୍ ପର୍ଯ୍ୟାୟ ଆଜି ଠାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୮ ତାରିଖ ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସଭାପତି ମିର ଆବଦର ଅଲ୍ଲୀ କହିଛନ୍ତି।ଅନ୍ୟ ମାନଙ୍କ ମଧରେ ସୋଇଥିଲା ସେକ ଜୟୀନୁଦ୍ଦିନ, ସେଖ ଅଲ୍ଲି ମୁଦ୍ଦିନ, ସେଖ ସଲ୍ଲାଉଦ୍ଦିନ, ସେଖ ଇମତାଜୁଦ୍ଦିନ , ସେଖ ମେହେରାଜ, କମିଟି ର ସମ୍ପାଦକ ସେକ ସିରାଜୁଦ୍ଦିନ, ଅବଦୁଲ୍ ମହିମୁଦ, ସେକ ରାଜୁ ମହମ୍ମଦ, ସେକ ମୁସ୍ତାକିମ, ମିର ଲଲକି, ସେକ ଆଦିଲୁଦିନ, ସେକ ସାଜିଦ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସୋନପୁରଠାରେ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ସୋନପୁର, ୭/୧ (ନି.ପ୍ର): ଜିଲ୍ଲା ଆଂଚଳିକ ପରିବହନ ବିଭାଗ ପକ୍ଷରୁ ପାଳିତ ସଡ଼କ ସୁରକ୍ଷା ସପ୍ତାହ ୨୦୨୪ ଆଜି ପରିବହନ ବିଭାଗ ଅଫିସ୍ ଠାରେ ଉଦଯାପିତ ହୋଇ ଯାଇଚି କ୍ଷ ଏହି ଉଦଯାପନୀ ଉତ୍ସବ ରେ ମୂଖ୍ୟ ଅତିଥି ରୂପେ ଜିଲ୍ଲାପାଳ ବିମଳେନ୍ଦୁ ରାୟ, ସମ୍ମାନୀତ ଅତିଥି ରୂପେ ଏଡିଏମ୍ ସୂର୍ଯ୍ୟ ନାରାୟଣ ଦାଶ, ଅତିରିକ୍ତ ଏସପି ହେମନ୍ତ ପାଢ଼ୀ ଏବଂ ଏମ ଭି ଆଇ ବିଶ୍ୱ ରଂଜନ ସାହୁ ଯୋଗ ଦେଇ ସଡ଼କ ସୁରକ୍ଷା ଉପରେ ସଚେତନତା ବାର୍ତା ପ୍ରଦାନ କରି ସଡ଼କ ସୁରକ୍ଷା ନିୟମ ମାନି ନିଜ ର ବହୂ ମୂଲ୍ୟ ଜୀବନ ସହିତ ଅନ୍ୟର ଜୀବନ ବଂଚାଇବାକୁ ସମସ୍ତ ଙ୍କୁ ପରାମର୍ଶ କରିଥିଲେ। ସଭାକୁ କୋଶଳ ହାଇସ୍କୁଲ ଛାତ୍ରୀ ଓ ଶିକ୍ଷୟତ୍ରୀ ପରିଚାଳନା କରିଥିବା ବେଳେ ମନୋରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ମମତା ମାହାନ୍ତିଙ୍କ 'କୋମଳ ମନର କୋମଳ ଭାବନା' ଉନ୍ମୋଚିତ



ବାଲେଶ୍ୱର, ୭/୧ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ମମତା ମାହାନ୍ତିଙ୍କ ରଚିତ ଶିଶୁଗଳ୍ପ ସଂକଳନ 'କୋମଳ ମନର କୋମଳ ଭାବନା'କୁ ଉନ୍ମୋଚନ କରି ବିଶିଷ୍ଟ ସାରସ୍ୱତ ସାଧକ ତଥା ଭେଷଜ ବିଶେଷଜ୍ଞ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ କହିଲେ ଯେ କୋମଳମତି ଶିଶୁମାନେ ହେଉଛନ୍ତି ଭଗବାନଙ୍କ ସ୍ୱରୂପ। ଆମେ ତାଙ୍କୁ ଯେମିତି ଗଢ଼ିବା ସେମାନେ ସେମିତି ଗଢ଼ି ହୋଇଯିବେ। ଶିଶୁର ଭବିଷ୍ୟତ ଗଠନରେ ପିତାମାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟବକ୍ତା ଡ. ଶିରୀଶ ଚନ୍ଦ୍ର ଜେନା ପୁସ୍ତକଟିକୁ ସମୀକ୍ଷା କରିବା ପରିପ୍ରେକ୍ଷୀରେ କହିଲେ ଯେ ପିତାମାତାଙ୍କର ଆଚରଣ ଓ ଉଚ୍ଚାରଣରେ ତଫାତ ରହିଲେ ଶିଶୁମାନଙ୍କ ଭବିଷ୍ୟତ ଉଜ୍ୱଳ ହୋଇପାରିବ ନାହିଁ। ଅନ୍ୟତମ ଅତିଥି ଭାବେ ଡ. ଭାଗବତ ପ୍ରସାଦ ଦାସ ବକ୍ତବ୍ୟ ରଖିଥିଲେ ଓ ମମତା ମାହାନ୍ତି ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ପରିଷଦର ସଂପାଦକ ଦୀପକ ବୋଷ ପ୍ରାକ୍‌କଥା ରଖିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ଚାଟାର୍ଜୀ, ଦୀନବନ୍ଧୁ ଲେଙ୍କା, ତପନ ରାୟ, ଶରତ କୁମାର ମହାନାତ୍ର, ଅରୁଣା ରାୟ, ନିବାରଣ ଜେନା, ଡ. ହରିଶ୍ଚନ୍ଦ୍ର ବେହେରା, ନିରଂଜନ ରାଉତ, ଶେଫାଳୀ ତ୍ରିପାଠୀ, ଜ୍ୟୋସ୍ନା ରାୟ, ଯୋଗେଶ ପ୍ରଧାନ, ରମାକାନ୍ତ ମହାନ୍ତି, ପ୍ରଦୀପ କୁମାର ମିଶ୍ର, ପ୍ରତାପ କେଶରୀ ହୋତା, ଲକ୍ଷ୍ମଣ ବିଶ୍ୱାଳ, ସଂଜୟ ପଣ୍ଡା, ସ୍ମୃତି ଦାସ, ତୃପ୍ତିରାଣୀ ପାତ୍ର, ବାସନ୍ତୀ କର, ଶୁଭଲକ୍ଷ୍ମୀ ପାଣିଗ୍ରାହୀ, ସ୍ନିଗ୍ଧା ସାମନ୍ତରାୟ, ସଙ୍ଗୀତା ବାରିକ, ପଦ୍ମଲୋଚନ ଦତ୍ତ, ଦୀପକ ଦାସ, ରମେଶ ଜେନା, କମଳାକାନ୍ତ ଦାଶ, ଅମରେନ୍ଦ୍ର ଦାସ, ଦିଲ୍ଲୀପ ଚକ୍ରବର୍ତ୍ତୀ, ତପନ ସିଟ୍, ଗୌରାଙ୍ଗ ପାଣିଗ୍ରାହୀ, କମଳାକାନ୍ତ ନାୟକ, ରାମକୃଷ୍ଣ ପତି, ରଜନୀକାନ୍ତ ବେହେରା, ଉର୍ମିଳା ନାୟକ, ଶାନ୍ତିଲତା ପଣ୍ଡା, ମମତା ଦାସ, ପ୍ରଣିତା ମିଶ୍ର, ସୁଷମା ମହାପାତ୍ର, ଅମୀୟ ମହାନ୍ତି, ବିଦ୍ୟାଧର ସାହୁ, ଜଗଦୀଶ ମିଶ୍ର, ସନାତନ ଦାସ, ଲକ୍ଷ୍ମୀକାନ୍ତ ବେହେରା, ରତ୍ନାକର ସିଂ, ଅବନ୍ତୀ ପ୍ରଧାନ ଓ ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ମଞ୍ଚର ଜିଲ୍ଲାସ୍ତରୀୟ ଅଧିବେଶନ ଫେବୃଆରୀ ୨ରେ




ବାଲେଶ୍ୱର, ୭/୧ (ନି.ପ୍ର): ବରିଷ୍ଠ ନାଗରିକ ମଞ୍ଚର ଜିଲ୍ଲାସ୍ତରୀୟ ସାଧାରଣ ଅଧିବେଶନ ଆସନ୍ତା ଫେବୃଆରୀ ୨ ତାରିଖ ଶୁକ୍ରବାର ଦିନ ନୃତ୍ୟସଂଗୀତ କଳା ମନ୍ଦିର ପରିସରରେ ଅନୁଷ୍ଠିତ ହେବବୋଲି ରବିବାର ଦିନ ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସଂପାଦକ ଦାମୋଦର ନାୟକ ଗତ ବୈଠକର ବିବରଣୀ ପାଠ କରିଥିଲେ ଓ ଆଲୋଚନା ପାଇଁ ବିଷୟବସ୍ତୁ ଆଗତ କରିଥିଲେ। ଆସନ୍ତା ସାଧାରଣ ଅଧିବେଶନରେ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକ୍ ଓ ଆଞ୍ଚଳିକ କମିଟିର ଦୁଇଜଣ ପ୍ରତିନିଧି ଯୋଗଦେବାକୁ ବୈଠକରେ ନିବେଦନ କରାଯାଇଛି। ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ବରିଷ୍ଠ ନାଗରିକ ଓ ଅନ୍ୟ ବର୍ଗର ଜନସାଧାରଣଙ୍କ ପାଇଁ ଜିଲ୍ଲାସ୍ତରୀୟ ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ ନିର୍ମାଣରେ ପ୍ରଶାସନର ଅବହେଳା, ବରିଷ୍ଠ ନାଗରିକମାନଙ୍କୁ ମାସିକ ଭତ୍ତା ବୃଦ୍ଧି, ରେଳଯାତ୍ରାରେ ବରିଷ୍ଠ ନାଗରିକମାନଙ୍କୁ ରିହାତି, ପରିବାର ଦ୍ୱାରା ନିର୍ଯ୍ୟାତୀତ ବୟସ୍କ ବ୍ୟକ୍ତିଙ୍କୁ ଆଇନ ଗତ ସହାୟତା ଓ ପୋଲିସ୍ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ପ୍ରମାଣପତ୍ର, ଜିଲ୍ଲା ମୁଖ୍ୟ ଦପ୍ତରକୁ ଆସୁଥିବା ବରିଷ୍ଠ ନାଗରିକଙ୍କ ବିଶ୍ରାମ ନିବାସ ପ୍ରଭୃତି ଦାବି ସଂପର୍କରେ ଆସନ୍ତା ସାଧରଣ ଅଧିବେଶନରେ ବିଶଦ ଆଲୋଚନା ହୋଇ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଚଳିତ ୨୦୨୪ ମସିହାରେ ଆଜୀବନ ସଭ୍ୟ ଓ ପୃଷ୍ଠପୋଷକ ସଦସ୍ୟତା ବୃଦ୍ଧି ପାଇଁ କର୍ମକର୍ତ୍ତାମାନଙ୍କୁ ଦାୟିତ୍ୱ ଦିଆଯାଇଛି। ବୈଠକ ଆରମ୍ଭରେ ସଭାପତି ଶ୍ରୀ ଷଡ଼ଙ୍ଗୀ ଉପସ୍ଥିତମାନଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ମଞ୍ଚର ପ୍ରତିଷ୍ଠାତା ସଦସ୍ୟ ଶରତ ଚନ୍ଦ୍ର ଦାସ, ଅନ୍ତର୍ଯ୍ୟାମୀ ପ୍ରଧାନ, ଲକ୍ଷ୍ମୀନାରାୟଣ ଘୋଷ, କମଳାକାନ୍ତ ବେହେରା, ଲକ୍ଷ୍ମୀପ୍ରିୟା ଜେନା, ଶ୍ୟାମସୁନ୍ଦର ଜେନା, ଗୌରାଙ୍ଗ ପାଣିଗ୍ରାହୀ, ଡ. ପଦ୍ମଲୋଚନ ପାତ୍ର, ସୀତାରାମ ପ୍ରଧାନ, କହ୍ନେଇ ଚରଣ ପ୍ରଧାନ, ବିଷ୍ଣୁ ମହାନ୍ତି, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଇନଜୀବୀ ନିରଞ୍ଜନ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ୨୦୨୪ର ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ: ଯୋଡି ହେଲେ ୨୪୩୦୭ ନୂଆ ଯୁବ ଭୋଟର

ଖୋରଧା, ୭/୧ (ନି.ପ୍ର): ଖୋରଧା ଜିଲ୍ଲା ଅନ୍ତର୍ଗତ ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଜିଲ୍ଲାରେ ମୋଟ ୧୮୬୫୪୫୫ ଜଣ ମତାଦାତା ରହିଛନ୍ତି। ସେମାନଙ୍କ ମଧ୍ୟରେ ୯୭୧୫୫୪ ଜଣ ପୁରୁଷ ଓ ୮୯୩୩୪୧ ଜଣ ମହିଳା ଭୋଟର ଥିବାବେଳେ ୫୬୦ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି । ସଂକ୍ଷିପ୍ତ ଭୋଟର ତାଲିକା ପ୍ରକାଶନ ବେଳେ ଜିଲ୍ଲାରେ ୧୮୨୪୦୬୯ ଜଣ ଭୋଟର ଥିବାବେଳେ ଚୂଡାନ୍ତ ତାଲିକାରେ ୧୮୬୫୪୫୫ ଜଣ ମତଦାତା ରହିଛନ୍ତି । ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ୯୫୧୭୦ ଜଣଙ୍କୁ ଯୋଗ କରାଯାଇଥିବା ବେଳେ ୪୭୨୦୨ ଜଣଙ୍କୁ ବାଦ ଦିଆଯାଇଛି । ଏଥିରେ ୧୮ ରୁ ୧୯ ବର୍ଷ ବୟସର ଭୋଟରଙ୍କ ସଂଖ୍ୟା ୩୫୩୦୮ ରହିଥିବା ବେଳେ ୨୪୩୦୭ ଜଣ ଯୁବ ଭୋଟର ତାଲିକରେ ଯୋଗ ହୋଇଛନ୍ତି । ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ୨୦୨୪ର ଭୋଟର ତାଲିକା ପ୍ରକାଶନ କରି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି ଯେ ଏକ ସୁଦୃଢ ଗଣତନ୍ତ୍ର ପାଇଁ ମତଦାନ ଯେତିକି ଜରୁରୀ ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତିର ମଧ ସେତିକି ଆବଶ୍ୟକତା ରହିଥିବା ବୋଲି କହିଥିଲେ। ସମସ୍ତ ନୂତନ ଭୋଟର ମାନଙ୍କୁ ସେ ଶୁଭେଚ୍ଛା ଜଣାଇବା ସହ ନିଶ୍ଚିତ ମତଦାନ କରିବାକୁ ପରାମର୍ଶ ଦେଇଥିଲେ । ଭୋଟର ତାଲିକାରେ ୯୯.୯୨ ଭାଗ ଭୋଟରଙ୍କ ଫଟୋ ସାମିଲ ଅଛି । ଏହି ତାଲିକାରେ ଯୋଗ ହେବା ନିମନ୍ତେ ୧୭୦୫୫ ଜଣ ସମ୍ଭାବ୍ୟ ଭୋଟର ମାନଙ୍କ ଠାରୁ ଆବେଦନ ଗ୍ରହଣ କରାଯାଇଛି। ଜିଲ୍ଲାରେ ୧୯୦୭ ମତଦାନ କେନ୍ଦ୍ର ଥିବାବେଳେ ସେନାବାହିନୀରେ କାର୍ଯ୍ୟାରତ ଜିଲ୍ଲାର ୨୫୩୯ ଜଣ ଭୋଟର ଥିବା ଜିଲ୍ଲାପାଳ ସୂଚନା ଦେଇଥିଲେ । ସେହିଭଳି ତାଲିକାରେ ଏକ ହଜାର ପୁରୁଷ ଭୋଟରଙ୍କ ତୁଳନାରେ ୯୧୯ ଜଣ ମହିଳା ଭୋଟର ରହିଛନ୍ତି ଏବଂ ତାଲିକାରେ ମୋଟ ୩୦୨୪୩ ଜଣ ଭିନ୍ନକ୍ଷମ ମତଦାତା ରହିଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା,ଉପ ଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀ, ଡେପୁଟି କଲେକ୍ଟର ଶ୍ରୀ ମନୋଜ ସେନାପତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି,ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ ।

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ସୋମବାର, ଜାନୁଆରୀ ୮, ୨୦୨୪


## ଏମକେସି ହାଇସ୍କୁଲ ୧୯୯୪ ବ୍ୟାଚ ପକ୍ଷରୁ ପୁରସ୍କାର ପ୍ରଦାନ

ବାରିପଦା, ୭/୧ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଥିବା ରାଜ୍ୟ ସ୍ତରୀୟ ବାଲ୍‌ବିଜ୍ଞାନ ପ୍ରଦର୍ଶନୀ ପରିପ୍ରେକ୍ଷିରେ ଏମକେସି ହାଇସ୍କୁଲର ୧୯୯୪ବ୍ୟାଚ୍ ତରଫରୁ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନିରେ ଉତ୍କୃଷ୍ଟ ମାନର ପ୍ରକଳ୍ପ ପ୍ରସ୍ତୁତ କରିଥିବା ଏମ.କେ.ସି. ହାଇସ୍କୁଲର ଶୁଭଶ୍ରୀ ମହା'ଙ୍କୁ ୧୦,୦୦୦ ଟଙ୍କା ବାଲ୍‌କା ହାଇସ୍କୁଲର ଛାତ୍ର ଅଙ୍କିତ କୁମାର ପଣ୍ଡାଙ୍କୁ ୫,୦୦୦, ଜୟ ପୁର ହାଇସ୍କୁଲର ଛାତ୍ର ବିଶ୍ୱଜିତ ରାଜଙ୍କୁ ମାଧପୁର ହାଇସ୍କୁଲର ଛାତ୍ର ଜ୍ୟୋତିରାଜ ପଣ୍ଡା, ଏସଏସଭିଏମ ସାରସକଣାର ଛାତ୍ର ଦୁଃଖଶ୍ୟାମ ମୁର୍ମୁ, ସରକାରୀ ଉଚ୍ଚ ବିଦ୍ୟାଳୟ ଠାକୁରମୁଣ୍ଡାର ଛାତ୍ର ସୌଭାଗ୍ୟ ସୌରଭ ପଲେଇ ଓ ଏସଏସଡି ବାଳିକା ବିଦ୍ୟାଳୟ ବାହାନଡାର ସୁଖୀ ଟୁଡୁଙ୍କୁ ପ୍ରତ୍ୟେକଙ୍କୁ ୩,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମହିଳା ଶିଶୁ ବିକାଶ ମିଶନ ଶକ୍ତି ବିଭାଗର ମନ୍ତ୍ରୀ ବାସ'ୀ ହେମ୍ବ୍ରମ , ସମ୍ମାନିତ ଅତିଥି ମୋରଡା ବିଧାୟକ ରାଜକିଶୋର ଦାସ, ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ମୁଖ୍ୟବକ୍ତା ଡି.ଆର.ଡି.ଓ.ର ଅତିରିକ୍ତ ନିର୍ଦ୍ଦେଶକ ଡ.ନିଳାଦ୍ରୀ ରାୟ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପୂର୍ବତନ ବିଜ୍ଞାନ ପରିଦର୍ଶକ ଅମିତାଭ ମିଶ୍ର ସଂଯୋଜନା କରିଥିବା ବେଳେ ୧୯୯୪ ଆଲୁମିନି ବ୍ୟାଚ୍‌ର ସଭାପତି ଅଭିସାର ନାୟକ ଓ ସନତ କୁମାର ପ୍ରହରାଜ କାର୍ଯ୍ୟକ୍ରମ ପରିଚ୍ଚଳନାରେ ସହଯୋଗ କରିଥିଲେ।



## ବ୍ଲକ ସଙ୍କୁଳ ସ୍ତରୀୟ ବିଜ୍ଞାନ ମେଳା



ବସ୍ତା, ୭/୧ (ନି.ପ୍ର): ହଳଦୀପାଳ ବିବେକା ନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ବସ୍ତା ସଂଙ୍କୁଳ ସ୍ତରିୟ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି ।ଆଜିର ଶିଶୁ କାଲିର ଭବିଷ୍ୟତ.ଶିଶୁମାନଙ୍କର ସୁଜନଶୀଳତା ପ୍ରତିଭାହିଁ ରାଷ୍ଟ୍ର ବିକାଶ କରାଇ ଥାଏ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଉଦଘାଟକ ଭାବେ ଶାନ୍ତିଲତା ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଶୁ ମାନଙ୍କ ଭିତରେ ରହିଥିବା ଅମାପ ସୁପ୍ତ ପ୍ରତିଭା ଓ ଅନେକ ସୁଜନଶିଳତା ସଠିକଭାବେ ବିକଶିତ କରିବାର ମାଧ୍ୟମ ସାଜିଛି ଏଇ ମଣିଷ ତିଆରୀ କାରଖାନା ବୋଲି ପ୍ରକାଶକରିଥିଲେ । ମୂଖ୍ୟବକ୍ତା ଉତ୍କଳ ଶିକ୍ଷାପରିଷଦର ଓଡିଶା ଭୂବନେଶ୍ୱରର ସାଧାରଣ ସଂମ୍ପାଦକ ଯୋଗେନ୍ଦ୍ର ଦାସ, ବସ୍ତା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ପାତ୍ର, ସମ୍ମାନୀତ ଅତିଥି ପରିସଦ ସଦସ୍ୟ ସୁରଜ ବାରିକ, ଶିକ୍ଷାବିତ ଉମାକାନ୍ତ ପ୍ରଧାନ.ଭାଗବତ ଗିରି, ପ୍ରଦୀପ ପାଣି, ଅମିତ କୁମାର ପତି ସମେତ ଅନୁଷ୍ଠାନର ସଦସ୍ୟ ସଦସ୍ୟା ପ୍ରମୂଖ ଯୋଗ ଦେଇଥିଲେ । ସଂକୁଳ ପ୍ରମୂଖ ରତିକାନ୍ତ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନାକରିଥିଲେ ।ସମ୍ପାଦକ ରାଜକିଶୋର ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନକରିଥିଲେ । ଏହିଶିଶୁ ବିଜ୍ଞାନ ମେଳାରେ ୨୫୦ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ନାଚ ଗୀତ ଏକକ ଅଭିନୟ ପ୍ରବନ୍ଧ ସୁନ୍ଦର ହସ୍ତାକ୍ଷର କୁଇଜ ଆଦି ପ୍ରତିଯୋଗିତା ହୋଇଥିଲା । ହଳଦୀପଦା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରବନ୍ଧବେ ଅର୍ଚ୍ଚିତା ପ୍ରଧାନପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପ୍ରତ୍ୟେକ କୃତି ପ୍ରତିଯୋଗିଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ପୁରସ୍କାର ଦେଇଥିଲେ ।

## ଦୁବାଇରେ ଓଲିଉଡ ପୁରସ୍କାର ମହୋତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି

ଭୁବନେଶ୍ୱର/ ଦୁବାଇ , ୭/୧ (ନି.ପ୍ର): ଦୁବାଇ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଓଲିଉଡ ପୁରସ୍କାର ମହୋତ୍ସବ ପାଇଁ ଏବେ ବ୍ୟାପକ ପ୍ରସ୍ତୁତି ଚାଲିଥିବା ଲକ୍ଷ୍ୟ କରାଯାଉଛି। ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ପ୍ରଥମ ଥର ପାଇଁ ଦେଶ ବାହାରେ ଆର୍ ଆର୍ ଇଭେଣ୍ଟସ୍ ଏଣ୍ଡ ସିନେ ପ୍ରଡ଼କ୍ସନ ଏଂ ୟୁ. ଏ. ଇ. ଓଡ଼ିଶା ସମାଜର ସଂଯୁକ୍ତ ଆନୁକୂଲ୍ୟରେ ଏହି ବିଶାଳ ଚଳଚ୍ଚିତ୍ର ସମାରୋହ ଆୟୋଜିତ ହେବାକୁ ଯାଉଛି। ଫାଇଭ ଷ୍ଟାର ଫିଲ୍ମ ଆୱାର୍ଡ଼ସ୍ ୨୦୨୪ ଦୁବାଇ ଭାବରେ ନାମିତ ଏହି ରଙ୍ଗାରଙ୍ଗ ଉତ୍ସବରେ ଓଡ଼ିଶାର ଉତ୍କୃଷ୍ଟ କଳା, ଉନ୍ନତ ସଂସ୍କୃତି ଏବଂ ଉଚ୍ଚକୋଟୀର ଚଳଚ୍ଚିତ୍ର ର ଭବ୍ୟ ଓ ଦିବ୍ୟ ପ୍ରଦର୍ଶନ ଦେଖିବାକୁ ମିଳିବ ବୋଲି ଜଣାଯାଇଛି। ଦୁବାଇର ଓଉଦ ମେଠାସ୍ଥିତ ଶେଖ୍ ରସିଦ ପ୍ରେକ୍ଷାଳୟ ଠାରେ ଆସନ୍ତା ଜାନୁୟାରୀ ୧୩ ତାରିଖ ସନ୍ଧ୍ୟା ୫ଟାଠାରୁ ଆରମ୍ଭ ହେବାକୁ ଯାଉଥିବା ଏହି ବିଶ୍ୱସ୍ତରୀୟ ସାଂସ୍କୃତିକ ଆସରରେ ସଂଯୁକ୍ତ ଆରବ ଏମିରେଟସ ର ମାନ୍ୟଗଣ୍ୟ ଓଡ଼ିଆ,୧୫୦୦ରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ର ପ୍ରେମୀ ଜନସାଧାରଣ ଏବଂ ଓଡ଼ିଆ ଚିତ୍ରତାରକା ମାନଙ୍କର ଅସଂଖ୍ୟ ପ୍ରଶଂସକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।ଓଲିଉଡ ର ଏହି ମହାକୁମ୍ଭ ମେଳାରେ ଭାଗ ନେବା ପାଇଁ ଭୁବନେଶ୍ୱର ରୁ ପ୍ରାୟ ୧୦୫ଜଣ ଚଳଚ୍ଚିତ୍ର, ନୃତ୍ୟ ଓ ସଙ୍ଗୀତ ଜଗତର ପ୍ରତିଷ୍ଠିତ କଳାକାରମାନେ ଦୁବାଇ ଅଭିମୁଖେ ବିମାନଯୋଗେ ଯାତ୍ରା କରିବେ ବୋଲି ସୂଚନା ମିଳିଛି। ଏହାମଧ୍ୟରେ ଓଡ଼ିଆ ଚିତ୍ର ଦୁନିଆ ର ମହାରାଜା ଓ ମହାରାଣୀ ମାନେ ଅନ୍ତର୍ଭୁକ୍ତ ଅଛନ୍ତି।ଏହି ଐତିହାସିକ ଚଳଚ୍ଚିତ୍ର ପର୍ବକୁ କେନ୍ଦ୍ର କରି ଭୁବନେଶ୍ୱର ଠାରୁ ଦୁବାଇ ପର୍ଯ୍ୟନ୍ତ ଆବାଳ ବୃଦ୍ଧବନିତା ଙ୍କ ମଧ୍ୟରେ ଅପୂର୍ବ ଆନନ୍ଦ ,ଅଦମ୍ୟ ଉଲ୍ଲାସ, ଅଜସ୍ର ଉତ୍ସାହ ଓ ଅଫୁରନ୍ତ ଉଦ୍ଦୀପନା ପ୍ରକାଶ ପାଇଥିବା ପ୍ରତୀୟମାନ ହେଉଛି। ଏହି ପ୍ରଥମ ଆନ୍ତର୍ଜାତିକ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବ ରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରବାଦ ପୁରୁଷ ଓ ସାଂସଦ ପ୍ରଶାନ୍ତ ନନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗ ଦେବେ। ଦୁବାଇ ସ୍ଥିତ ଭାରତୀୟ କନସଲ ଜେନେରାଲ ସତୀଶ ଶିବନ ଓ ଡାନ୍ୟୁବ ଗ୍ରୁପ ର ଅଧ୍ୟକ୍ଷ ରିଜୱାନ୍ ସାଜନ୍ ସମ୍ମାନୀତ ଅତିଥି ଭାବରେ ଉପସ୍ଥିତ ରହିବେ। ବିଜେତା ମାନଙ୍କୁ ବାଛିବା ପାଇଁ ଗଠିତ ଚୟନ କମିଟି ର ସଦସ୍ୟ ଭାବରେ ଡ଼ଃ ରଜନୀ ରଞ୍ଜନ ଓ ପ୍ରଶାନ୍ତ ପାଢ଼ୀ ଅଛନ୍ତି। ପୁରସ୍କାର ଉତ୍ସବ ର ମୁଖ୍ୟ ଆୟୋଜକ ଏବଂ ଆର୍ ଆର୍ ଇଭେଣ୍ଟସ୍ ଏଣ୍ଡ ସିନେ ପ୍ରଡ଼କ୍ସନର ପ୍ରତିଷ୍ଠାତା ରମେଶ ବାରିକ ଗଣମାଧ୍ୟମ କୁ ସୂଚାଇଛନ୍ତି ଯେ,ଓଡ଼ିଆ ସିନେମା କଳାକାର ମାନଙ୍କ ର ପ୍ରଚୁର ପ୍ରତିଭା ଏଂ ଅପ୍ରତିଦ୍ୱନ୍ଦୀ ପାରଦର୍ଶିତା କୁ ଆନ୍ତର୍ଜାତିକ ଦରବାରରେ ପ୍ରଦର୍ଶନ କରିବା ଓ ଏହାକୁ ପ୍ରତିପାଦିତ କରିବା, ଏହି ମହୋତ୍ସବ ର ପ୍ରଧାନ ଉଦ୍ଦେଶ୍ୟ। ସମାରୋହ ର ସହଆୟୋଜକ ତଥା ୟୁ.ଏ .ଇ. ଓଡ଼ିଶା ସମାଜର ସଭାପତି ଅମୀୟ ମିଶ୍ର, ଓଡ଼ିଶା ରେ କଳା, ସଂସ୍କୃତି, ପର୍ଯ୍ୟଟନ, ଚଳଚ୍ଚିତ୍ର, ହସ୍ତତନ୍ତ ଓ ହସ୍ତଶିଳ୍ପ ଆଦି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ପୁଞ୍ଜି ନିବେଶ କରିବା ନେଇ ରହିଥିବା ବ୍ୟାପକ ସୁଯୋଗ ସମ୍ପର୍କରେ ବିଦେଶରେ ଜନସଚେତନତା ସୃଷ୍ଟି କରିବା, ତାଙ୍କର ସଂଗଠନ ଓ ଏହି ଉତ୍ସବର ମୁଖ୍ୟ ଲକ୍ଷ ବୋଲି ଦର୍ଶାଇଛନ୍ତି। ମହୋତ୍ସବ ର ମୁଖ୍ୟ ଉପଦେଷ୍ଟା ଏବଂ ୱାର୍ଲଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ,ଓଡ଼ିଆ ସିନେମା ଜଗତର ଗୁଣି ପ୍ରତିଭା ମାନଙ୍କୁ ଆନ୍ତର୍ଜାତିକ ମଞ୍ଚରେ ସ୍ୱୀକୃତି ଦେବା ଓ ସମ୍ମାନୀତ କରିବା ପାଇଁ ଆର୍ ଆର୍ ଇଭେଣ୍ଟସ୍ ଏଣ୍ଡ ସିନେ ପ୍ରଡ଼କ୍ସନ କର୍ତ୍ତୃପକ୍ଷ ଯେଉଁ ଅନନ୍ୟ ପୂଜ୍ୟପୂଜା ପରମ୍ପରା ର ଶୁଭାରମ୍ଭ କରିଛନ୍ତି, ତାହା ଓଡ଼ିଆ ସିନେମାର ଅଭ୍ୟୁଦୟ ଇତିହାସ ରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ଦମ୍ଭ ପ୍ରକାଶ କରିଛନ୍ତି।

## କନିଷ୍ଠ ଯନ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ବାଲେଶ୍ୱର, ୭/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଜଡଝଝ ବିଭାଗ କନିଷ୍ଠ ଯନ୍ତ୍ରୀ ସନ୍ଦେହ ଜନକ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ନାୟକ ଶନିବାର ରାତିରେ ଖାଇବା ସାରି ତାଙ୍କ ସରକାରୀ କ୍ୱାର୍ଟରକୁ ଶୋଇବାକୁ ଯାଇଥିଲେ। ହେଲେ ଆଜି ସକାଳୁ ଘର ଭିତରେ ତାଙ୍କର ମୃତଦେହ ପଡ଼ିଥିବା ଦେଖି ବାକୁ ମିଳିଥିଲା। ବ୍ଲକ ଅଫିସ କର୍ମଚାରୀ ପ୍ରଥମେ ମୃତଦେହ ଦେଖି ଥିଲେ। ପରେ ବାଲିଆପାଳ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବଦ କରିବା ସହିତ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ନବବର୍ଷ ଉପଲକ୍ଷେ ଜିଲ୍ଲା ବ୍ରାହ୍ମଣ ସମିତିର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ



ବାଲେଶ୍ୱର, ୭/୧ (ନି.ପ୍ର): ବାଲେଶ୍ୱର ରବିବାର ପୂର୍ବାହ୍ନରେ ଜିଲ୍ଲା ବ୍ରାହ୍ମଣ ସମିତି କାର୍ଯ୍ୟାଳୟରେ ନବନିର୍ବାଚିତ ପରିଚାଳନା ପରିଷଦର ପ୍ରଥମ ବୈଠକ ଓ ବନ୍ଧୁମିଳନ ଉତ୍ସବ ସଭାପତି ଡା. ଶ୍ରୀଶ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ଦୀପ, ଧୂପ ଓ ପୁଷ୍ପାର୍ଘ୍ୟ ପ୍ରଦାନ ପରେ ବୈଦ୍ୟନାଥ ଆଚାର୍ଯ୍ୟ ବେଦମନ୍ତ୍ର ପାଠ କରିଥିଲେ। ସାଧାରଣ ସଂପାଦକ ଗୌରଚନ୍ଦ୍ର ଦାଶ ଉପସ୍ଥିତ କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନଙ୍କୁ ବୈଠକକୁ ସ୍ୱାଗତ କରି ନବବର୍ଷର ଶୁଭେଚ୍ଛା ଜ୍ଞାପନ କରିଥିଲେ। ବୈଠକରେ ଜିଲ୍ଲା ବ୍ରାହ୍ମଣ ସଂଗଠନକୁ ଅଧିକ କ୍ରିୟାଶୀଳ କରିବାପାଇଁ ତୃଣମୂଳ ସ୍ତରରୁ ସମିତିର ସଭ୍ୟସଂଖ୍ୟା ବୃଦ୍ଧି କରିବା ଓ ନିର୍ମାଣାଧିନ ଅବସ୍ଥାରେ ଥିବା ସମିତିର ପଛପଟ ପ୍ରାଚୀରର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ବୈଠକରେ ନିଷ୍ପତ୍ତି ଗୃହୀତ ହୋଇଥିଲା। ସମିତିର ଉପସଭାପତି ପଣ୍ଡିତ ଭୃଗୁରାମ କରଙ୍କ ଜନ୍ମଦିନ ଉପଲକ୍ଷେ ବୈଠକରେ ତାଙ୍କୁ ଶୁଭେଚ୍ଛା ପ୍ରଦାନ ସହିତ ଈଶ୍ୱରଙ୍କ ନିକଟରେ ତାଙ୍କର ଦୀର୍ଘଜୀବନ କାମନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ. ଗୌର ସାଧନ ମିଶ୍ର, ଶାନ୍ତିସ୍ୱରୂପ ମିଶ୍ର, ଚନ୍ଦ୍ରାଂଶୁ ବାନାର୍ଜୀ, ବସନ୍ତ କୁମାର ପଣ୍ଡା, ବୀରେନ୍ଦ୍ର କୁମାର କର, କ୍ଷିତିଶ ଚନ୍ଦ୍ର ପଣ୍ଡା, ବୈଦ୍ୟନାଥ ଆଚାର୍ଯ୍ୟ, ଧର୍ମବ୍ରତ ମିଶ୍ର ଓ ନାରାୟଣ କର ବୈଠକରେ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ। ପରିଶେଷରେ ଧର୍ମବ୍ରତ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ରାଜଘାଟଠାରେ ବୁଡ଼ି ପର୍ଯ୍ୟଟକ ମୃତ

ବସ୍ତା, ୭/୧ (ନି.ପ୍ର): ସୁବର୍ଣ୍ଣରେଖା ନଦୀରେ ବୁଡ଼ି ପର୍ଯ୍ୟଟକ ମୃତ, ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା ପାଣିକୋଇଲି ଅଞ୍ଚଳର ୭୦ ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ମହାବୀର ନାମକ ବସ ଯୋଗେ କଲିକତାର ବିଭିନ୍ନ ସ୍ଥାନରୁ ତ୍ରିର୍ଥସାରି ଫେରୁଥିବା ବେଳେ ବସ୍ତା ଥାନା ରାଜଘାଟ ବାରୁଣୀ ପଡ଼ିଆରେ ବସ ରଖି ସମସ୍ତ ଯାତ୍ରୀ ସୁବର୍ଣ୍ଣରେଖା ନଦୀରେ ଗାଧେଇବାକୁ ଯାଇଥିଲେ, ସେମାନଙ୍କ ମଧ୍ୟରୁ ଜଣେ ଯୁବକ ପାଣିରେ ବୁଡ଼ିଯାଇଥିଲେ, ସ୍ଥାନୀୟ ଲୋକେ ଏବଂ ସାଥି ପର୍ଯ୍ୟଟକ ଯୁବକ ଜଣଙ୍କୁ ତୁରନ୍ତ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବସ୍ତା ଡାକ୍ତରଖାନାକୁ ଆଣିଥିଲେ ମାତ୍ର ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ । ମୃତ ଯୁବକ ଜଣଙ୍କ ହେଲେ ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନକ୍ଷ ଗ୍ରାମର ଅଜିତ ଭୋଳ ବୋଲି ଜଣାପଡିଛି । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରି ଘଟଣାର ଅଧିକ ତଦନ୍ତ ଜାରୀ ରଖିଛି ।

## ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା ସପ୍ତାହ ଉଦ୍‌ଯାପନ ରାଲି ଅନୁଷ୍ଠିତ



ବାଲେଶ୍ୱର, ୭/୧ (ନି.ପ୍ର): ରାଜ୍ୟ ପରିବହନ ବିଭାଗ ଆନୁକୂଲ୍ୟରେ ତଥା ଜିଲ୍ଲା ପ୍ରଶାସନ ଅଧୀନସ୍ଥ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଆୟୋଜନରେ ଆଜି ସକାଳ ୮ ଘଟିକା ସମୟରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରୁ ସଡକ ସୁରକ୍ଷା ସଚେତନତା ସୃଷ୍ଟି ନିମନ୍ତେ ଏକ ୱାକାଥନ ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ରାଲିକୁ ପତାକା ହଲାଇ ଶୁଭାରମ୍ଭ କରିଥିଲେ ମୁଖ୍ୟ ଅତିଥି ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସାଗରିକା ନାଥ ଏବଂ ଅନ୍ୟତମ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ। ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମି ରଞ୍ଜିତ ଦଳବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଆୟୋଜିତ ଏହି ରାଲିରେ ଆରକ୍ଷୀ ଉପ ଅଧୀକ୍ଷକ ଶ୍ରୀମତୀ ବ୍ରଜେଶ୍ୱରି ବଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା କ୍ରିଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଜେନା, ପୋଲିସ ଅଧିକାରୀ ଶ୍ରୀମତୀ ପ୍ରଜ୍ଞା ମହାନ୍ତି ଓ ଅନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ରାଲି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ସମାପ୍ତ ହେବା ପରେ ସେଠାରେ ଆୟୋଜିତ ଏକ ସଂକ୍ଷିପ୍ତ ସଭାରେ ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ନାଥ କହିଥିଲେ ଯେ ଗାଡ଼ିକୁ ଫ୍ୟାସନର ମାଧ୍ୟମ ଭାବେ ବ୍ୟବହାର ନକରି ଆବଶ୍ୟକତାର ସାଧନ ଭାବେ ବ୍ୟବହାର କଲେ ନିଜର ସୁରକ୍ଷା ସହିତ ଅନ୍ୟର ସୁରକ୍ଷା ନିଶ୍ଚିତ କରାଯାଇପାରିବ। ସେ ଛାତ୍ର ଛାତ୍ରୀ ମାନଙ୍କୁ ଗାଡି ଚାଳନା ବେଳେ ହେଲମେଟ ପିନ୍ଧିବା ପାଇଁ ପ୍ରତିଜ୍ଞା କରାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ କହିଥିଲେ ଯେ ଆମର ନିତ୍ୟ ଜୀବନରେ ସଡକ ବ୍ୟବହାରର ବହୁଳ ଆବଶ୍ୟକତା ଏବଂ ଅଧୁନା ରାସ୍ତାରେ ଯାନ ବାହାନର ଭିଡ଼କୁ ଦୃଷ୍ଟିରେ ରଖି ଅତ୍ୟନ୍ତ ସତର୍କତାର ସହ, ପ୍ରତ୍ୟେକ ସଡକ ନିୟମ ମାନି ଗାଡି ଚଳେଇଲେ ନିଜର ସୁରକ୍ଷା ସହ ପରିବାରର ରକ୍ଷା ସୁନିଶ୍ଚିତ କରାଯାଇପାରିବ। ଗାଡି ଚାଳନା ବେଳେ ଫ୍ୟାସନ ଓ ଜୀବନ ମଧ୍ୟରୁ ଜୀବନକୁ ବାଛିବାକୁ ସେ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମି ରଞ୍ଜିତ ଦଳବେହେରା ସଡକ ସୁରକ୍ଷା ସମ୍ପର୍କିତ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ର ଛାତ୍ରୀ ମାନଙ୍କୁ ସଡକ ସୁରକ୍ଷା ସଚେତନତା ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା। ପ୍ରକାଶ ଥାଉକି ଚଳିତ ବର୍ଷ ଜାନୁଆରୀ ୦୧ ତାରିଖରୁ ୦୭ ତାରିଖ ପର୍ଯ୍ୟନ୍ତ ରାଜ୍ୟ ତଥା ଜିଲ୍ଲାରେ ପାଳନ କରାଯାଉଥିବା ସଡକ ସୁରକ୍ଷା ସପ୍ତାହର ଆଜି ଥିଲା ଉଦଯାପନୀ ଦିବସ।

## ବ୍ରାହ୍ମଣ ସମାଜ ପକ୍ଷରୁ ଆମ୍ବଳିଅଠାରେ ଶ୍ରୀମଦ୍ ଭାଗବତ ଗୀତା ମହାଯଜ୍ଞ



ଜଳେଶ୍ୱର , ୭/୧ (ନି.ପ୍ର): ସମାଜରୁ ନିତୀ, ନିୟମ, ସଂସ୍କାର, ସଂସ୍କୃତି ଓ ପରମ୍ପରା ଲୋପ ପାଉଥିବାରୁ ବ୍ରାହ୍ମଣ ସମିତି ଏହାର ସୁରକ୍ଷା ଲାଗି ଅଣ୍ଟା ଭିଡିଛି । ଜଳେଶ୍ୱର ବ୍ରାହ୍ମଣ ସମିତି ପକ୍ଷରୁ ଆମ୍ବଳିଅଠା ଗ୍ରାମବାସୀଙ୍କ ସହଯୋଗରେ ମହାଦେବ ମନ୍ଦିର ପ୍ରାଙ୍ଗଣ ନିକଟରେ ଆଜି ଦିନ ତମାମ ଏକ କୁଣ୍ଡିୟ ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟ ବ୍ରାହ୍ମଣ ସମାଜର ସଂଯୋଜକ ଲୋକନାଥ ଧର ଓ ଜଳେଶ୍ୱର ବ୍ରାହ୍ମଣ ସମାଜ ସଭାପତି ଗିରିଶ କୁମାର ପାଣିଗ୍ରାହୀ ଆମ୍ବଳିଅଠା ସୂର୍ଯ୍ୟନାରାୟଣ ମିଶ୍ରଙ୍କ ପ୍ରଚେଷ୍ଟାରେ ଗ୍ରାମର ମଂଗଳ ଓ ନିତି ସଂସ୍କୃତିର ସୁଧାର ପାଇଁ ଏପରି ଗୀତା ଯଜ୍ଞ ଅନୁଷ୍ଠିତ ହୋଇଛି । ଆଜି ଗ୍ରାମବାସୀଙ୍କ ପକ୍ଷରୁ ଆବାଳ ବୃଦ୍ଧବନିତା ନଗର ସଂକିର୍ତ୍ତନ ସହିତ ଗ୍ରାମ ପରିକ୍ରମା କରିଥିଲେ । ୬୧ଜଣ ଗୀତାପାଠ କରିଥିବା ବେଳେ ୨୫ଜଣ ବ୍ରାହ୍ମଣ ଏହି କାର୍ଯ୍ୟକ୍ରମ ସମାପନ କରିଥିଲେ । ଗ୍ରାମର ସ୍ୱରୂପ ନନ୍ଦୀ, ଗୌରାଙ୍ଗ ପାତ୍ର, ସୁଶାନ୍ତ ଦେ, ନେପାଳ ଜେନା, ପ୍ରଦୀପ ଜେନା, ବିନୋଦ ମହାନ୍ତି ପ୍ରମୁଖ ବହୁ ଗ୍ରାମବାସୀ ପରିଚାଳନାରେ ସହାୟତା କରିଥିଲେ ।

## ଏକାଠି -୮୯ର ବନ୍ଧୁମିଳନ ଉତ୍ସବ

ବେତନଟୀ, ୭/୧ (ନି.ପ୍ର): ଏକାଠି -୮୯ର ସାରସ୍ୱତ ବନ୍ଧୁମିଳନ ଉତ୍ସବ ବଙ୍ଗଳାଛକ ନିକଟସ୍ଥ ଏକାଠି -୮୯ ସଭାଗୃହ ପ୍ରାଙ୍ଗଣରେ ଧୁମଧାମ ସହ ପାଳନ ହୋଇଯାଇଛି। ପ୍ରଥମେ ସମସ୍ତ ସାଙ୍ଗ ମାନଙ୍କ ମଧ୍ୟରେ ଭାବ ଆଦାନ ପ୍ରଦାନ ହୋଇଥିଲା। ଏହାପରେ ସମସ୍ତେ ମିଳିତ ଭାବରେ ବେତନଟୀ ଡ଼ାକ୍ତରଖାନାକୁ ଯାଇ ରୋଗୀଙ୍କୁ ଫଳ, ପାଉଁରୁଟି, ବିସ୍କୁଟ ବଣ୍ଟନ କରିଥିଲେ। ଏହାପରେ ସଭାପତି ମନ୍ମୟ କୁମାର ଦାସଙ୍କ ସଭାପତିତ୍ୱରେ ଏକ ବୈଠକ ହୋଇଥିଲା। ମଞ୍ଚାସୀନ ବଡସାହି ବିଧାୟକ ସନାତନ ବିଜୁଳି, ସତୀଶ ଚନ୍ଦ୍ର ପାତ୍ର, ଭୁପାଳ ଚନ୍ଦ୍ର ସ୍ୱାଇଁ, ଜ୍ୟୋସ୍ନାରାଣୀ ମହାନ୍ତ, ଏହି ଏକାଠି -୮୯ର ସଭ୍ୟ ମାନଙ୍କୁ ଉଦବୋଧନ ଦେଇଥିଲେ। ଅନୁଷ୍ଠାନ ତରଫରୁ ୩ ଜଣଙ୍କୁ ତାଙ୍କର ସାମାଜିକ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ସତୀଶ ଚନ୍ଦ୍ର ପାତ୍ର,ଭୂପାଳ ଚନ୍ଦ୍ର ସ୍ୱାଇଁ ଓ ଜ୍ୟୋସ୍ନାରାଣୀ ମହାନ୍ତ। ଶେଷରେ ଅନୁଷ୍ଠାନର ସଂପାଦକ ତପନ କୁମାର ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ନିରଞ୍ଜନ ମହାନ୍ତି,ମାଧବ ପ୍ରସାଦ ମଢୁଆଳ, ରଞ୍ଜନ କୁମାର ବଳବନ୍ତରାୟ, ରାଜୀବ ପରିଚ୍ଛା, ପ୍ରବୀର କୁମାର ବାରିକ ପରିଚାଳନା କରିଥିଲେ।



## ଚରମ୍ପା କଲେଜରେ ଅନୁଷ୍ଠିତ ହେଲା ଜିଲ୍ଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା

ଭଦ୍ରକ, ୭/୧ (ନି.ପ୍ର): ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଆଗାମୀ ଫେବୃୟାରୀ ୪ ରେ ଅନୁଷ୍ଠିତ ହେବାକୁ ଥିବା ଭଦ୍ରକ ଜିଲ୍ଲା ସ୍ତରୀୟ ନୂଆ-ଓ ଫେଷ୍ଟ ଉପଲକ୍ଷେ ଚରମ୍ପା ମହାବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ମତେ ମହାବିଦ୍ୟାଳୟର ଅଧ୍ୟକ୍ଷ ପୀତାମ୍ବର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହିତ ସୁରୁଖୁରୁରେ ସମ୍ପାଦିତ ହୋଇଛି। ପ୍ରତିଯୋଗିତାରେ ଅନୁଷ୍ଠିତ ହୋଇଥିବା ସମୁଦାୟ ୮ଟି ବର୍ଗ ମଧ୍ୟରେ ଏକକ ନୃତ୍ୟରେ ୨୩ଜଣ, ଦଳଗତ ନୃତ୍ୟରେ ୧୮ଟି କଲେଜ, ଚାରୁ ଏବଂ କାରୁକଳାରେ ୧୧ ଜଣ, ଡ୍ରଇଁରେ ୧୩ଜଣ ପେଣ୍ଟିଂରେ ୧୦ ଜଣ, ଦଳଗତ ସଙ୍ଗୀତ ରେ ୩ ଜଣ, ଷ୍ଟାଣ୍ଡ ଅପ୍ କମେଡ଼ିରେ ୧୨ ଜଣ ଓ ଏକକ ସଙ୍ଗୀତରେ ୧୫ ଜଣ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ। ସଙ୍ଗୀତ ପାଇଁ




ସୁଦେଷ୍ଣା ମହାନ୍ତି, ନୃତ୍ୟ ପାଇଁ ରିଚିସ୍ମିତା ମହାନ୍ତି, କମେଡ଼ି ପାଇଁ ହେମନ୍ତ ନାୟକ ଓ ଡ୍ରଇଁ, ପେଣ୍ଟିଂ, ଚାରୁକାରୁକଳା ପାଇଁ ଚୂଡ଼ାମଣୀ ଦାସ ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ। ସୂଚନା ଯୋଗ୍ୟ କି ନୂଆ-ଓ ଯୋଜନାରେ କଲେଜ ପଢୁଆ ଯୁବଗୋଷ୍ଠୀ ମଧ୍ୟରେ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ପ୍ରଥମେ ମହାବିଦ୍ୟାଳୟ ମାନଙ୍କରେ ବିଭିନ୍ନ ବର୍ଗରେ ପ୍ରତିଯୋଗିତା କରାଯାଇଥିଲା। ସେଥିରେ ଯୋଗ୍ୟ ବିବେଚିତ ପ୍ରତିଯୋଗୀ ମାନଙ୍କୁ ନେଇ ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକ ସ୍ତରୀୟ ଯୋଗ୍ୟ ବିବେଚିତ ସାଂସ୍କୃତିକ ପ୍ରତିଯୋଗୀମାନଙ୍କୁ ନେଇ ଜିଲ୍ଲା ସ୍ତରୀୟ ଏକକ ଓ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ କଲେଜରୁ ଆସିଥିବା ବହୁ ସଂଖ୍ୟାରେ ପ୍ରତିଯୋଗୀ ଅଧ୍ୟାପକ ଅଧ୍ୟାପିକା ମାନଙ୍କ ଗହଣରେ ଏହି କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ ହୋଇଥିଲା। ମହାବିଦ୍ୟାଳୟର ସଭାପତି ପଦ୍ମନ ରାୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ତପନ କୁମାର ନାୟକ ମଞ୍ଚ ପରିଚ୍ଚଳନା କରିଥିଲେ। ପି.ଇ.ଟି ଆଲୋକ ସେନାପତିଙ୍କ ସହ ଅନ୍ୟ ଅଧ୍ୟାପକ ଆଦି ଶଙ୍କର କବି, ଲିଟୁନା ରଣା, ସୁନିଲ ପଣ୍ଡା, ସୁଶାନ୍ତ ଶଙ୍ଖୁଆ, ସିଦ୍ଧାନ୍ତ ଲାଲ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚ୍ଚଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo